RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI ◆VOLUME- 43 ◆ISSUE-42 ◆TUESDAY ◆5 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୨ ◆ମଙ୍ଗଳବାର ◆୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଓଭାଲରେ ରୋମାଞ୍ଚକ ଲଢ଼େଇ

## ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କଲା ଭାରତ

**ସିରାଜ ପ୍ଲେୟାର ଅଫ୍ ଦି ମ୍ୟାଚ୍**

**ଗିଲ୍ ଓ ରୁଟ୍ ପ୍ଲେୟାର୍ ଅଫ୍ ଦି ସିରିଜ୍**

■ **ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି):** ଇଂଲଣ୍ଡକୁ ୬ ରନ୍‌ରେ ହରାଇ ଭାରତ ଲଣ୍ଡନର କେନିଂଟନ ଓଭାଲରେ ସୋମବାର ଶେଷ ହୋଇଥିବା ରୋମାଞ୍ଚଭରା ୫ମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଶେଷଥର ଲାଗି ଇଂଲଣ୍ଡ ୨୦୧୮ ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତକୁ ହରାଇଥିଲା। ଏହି ଟେଷ୍ଟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ଘରୋଇ ଦଳକୁ ଏହି ଟେଷ୍ଟ ଜିତିବା ଲାଗି ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ୧୯୫ ରନ୍‌ର ବାର୍ଟନରସିପ୍ ବଳରେ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। କିନ୍ତୁ ଏମାନଙ୍କ ଆଉଟ ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬୭ ରନ୍ କରି ଅଲଆଉଟ ହେବା ଫଳରେ ▶ପୃଷ୍ଠା-୭

# ମହାରାଷ୍ଟ୍ରକୁ ହଁ; ଓଡ଼ିଶାକୁ ନା

## ପଶ୍ଚିମରେ ତେଜିଲା 'ବେଞ୍ଚ' ରାଜନୀତି

**ଓକିଲଙ୍କ କୋର୍ଟକୁ ବଲ୍ ଗଡ଼ାଇଦେଲେ ରାଜସ୍ୱ ମନ୍ତ୍ରୀ**

**ସରକାରଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ: ବିଜେଡି**

**ଜିଲ୍ଲା ମଧ୍ୟରେ ଲଢ଼େଇ ଲଗାଉଛନ୍ତି ସରକାର: କଂଗ୍ରେସ**



**ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ୨ ଥର ଚିଠି ଲେଖିଥିଲେ ନବୀନ**

■ **ଭୁବନେଶ୍ୱର,୪।୮ (ସମିସ):** ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି। ମାତ୍ର କେନ୍ଦ୍ର ସରକାର ଏହି ଦାବିକୁ ସବୁବେଳେ ଉପେକ୍ଷା କରି ଆସିଛନ୍ତି। ଏପରିକି ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି। ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଇତିମଧ୍ୟରେ ରାଜ୍ୟରେ ସରକାର ଗଠନର ୧୩ ମାସ ପୂରିଥିବାବେଳେ ଏହି ପ୍ରତିଶ୍ରୁତି ପାଳନରେ ସରକାର ବ୍ୟର୍ଥ ହୋଇଛନ୍ତି। ଠିକ୍ ଏହି ସମୟରେ ମହାରାଷ୍ଟ୍ରରେ ଆଉ ଏକ ହାଇକୋର୍ଟ ବେଞ୍ଚ ସ୍ଥାପନକୁ କେନ୍ଦ୍ର ସରକାରଙ୍କ ଅନୁମତି ପରେ ପୁଣି ଓଡ଼ିଶାରେ ତେଜିଛି ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ। ଗତକାଲି ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳ ଆଜି ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି। ଆସନ୍ତା ଅଗଷ୍ଟ ୧୮ ତାରିଖରୁ ମହାରାଷ୍ଟ୍ରର କୋହ୍ଲାପୁରଠାରେ ବେଞ୍ଚ କାର୍ଯ୍ୟକ୍ଷମ ହେବ, ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ। ମାତ୍ର ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା। ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି। ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା। ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ। ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ ହୋଇଥିବାବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାତ୍ମକ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ଥାୟୀ ବେଞ୍ଚ ଗଠନ ପାଇଁ ବିଭିନ୍ନ ରାଜ୍ୟରେ ଦାବି ହେଉଛି। ଏହା ସପକ୍ଷେରେ ଆମେ କାଲି ଥିଲୁ; ଆଜି ମଧ୍ୟ ରହିଛୁ। ଓଡ଼ିଶାରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଏହି ବେଞ୍ଚ ପ୍ରତିଷ୍ଠା ପାଇଁ ମଧ୍ୟ ବଡ଼ ଆନ୍ଦୋଳନ ହୋଇଛି। ମାତ୍ର ଏଥିରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ମତାମତର ବଡ଼ ଭୂମିକା ରହିଛି। ଯଦି ବେଞ୍ଚ ପ୍ରତିଷ୍ଠା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ଯାଆନ୍ତା, ତାହେଲେ କେନ୍ଦ୍ର ସରକାର ତାହାକୁ ବିଚାର କରନ୍ତେ। ମାତ୍ର ଏଯାଏଁ କେବେବି ଏକ ସାମଗ୍ରିକ ପ୍ରସ୍ତାବ ଯାଇନାହିଁ। ଯେଉଁ ଓକିଲ ସଂଘ ଅଛନ୍ତି, ସେମାନେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା କଥା ନ କହି ସହମତି ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରନ୍ତେ, ତାହେଲେ ବେଞ୍ଚ ପ୍ରତିଷ୍ଠା ଆହୁରି ସୁବିଧା ହୁଅନ୍ତା। ମୁଁ ଏନେଇ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଓକିଲଙ୍କ ସହ ସମ୍ପର୍କରେ ଅଛି। କେଉଁଠାରେ ବେଞ୍ଚ ପ୍ରତିଷ୍ଠା ହେବ ସେନେଇ ଥରେ ସେମାନଙ୍କ ମଧ୍ୟରେ ସହମତି ଆସିଗଲେ, ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ। ସେ କହିଛନ୍ତି ଯେ ମହାରାଷ୍ଟ୍ରରେ ବେଞ୍ଚ ପ୍ରତିଷ୍ଠାକୁ ବିଜେଡି ସ୍ୱାଗତ କରୁଛି। ମାତ୍ର ଆଜି ଯାଏଁ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନହେବା କ୍ଷୋଭରର ବିଷୟ। ଦଶନ୍ଧି ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାବାସୀ ଏହି ଦାବି କରି ଆସୁଛନ୍ତି। ▶ପୃଷ୍ଠା-୭

**ମହିଳା ସୁରକ୍ଷା**

## ହାତ ଟେକିଦେଲେ ସରକାର



**ରାତିରେ ମହିଳାଙ୍କ କାମ ନେଇ ସରକାରଙ୍କ ନୂଆ ମାର୍ଗଦର୍ଶିକା**

**'ସ୍ୱ-ଘୋଷଣାନାମା' ଦେଇ ରାତିରେ କାମ କରିବେ ମହିଳା**


**ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟ କମିବ: ଶ୍ରମ ମନ୍ତ୍ରୀ**

**ଘୋଷଣାନାମାର ଅର୍ଥ ମହିଳା ନିଜ ସୁରକ୍ଷା ନିଜେ କରିବେ: ପ୍ରମିଳା**

**ଭୁବନେଶ୍ୱର,୪।୮ (ସମିସ):** ଏଣିକି ରାଜ୍ୟରେ ମହିଳାମାନେ ରାତିରେ ନିଜ କାର୍ଯ୍ୟସ୍ଥଳରେ କାମ କରିବା ପାଇଁ 'ସ୍ୱ-ଘୋଷଣାନାମା' ଦେବେ। ରାତି ସିଫ୍ଟରେ କାମ କରିବାରେ ସେମାନଙ୍କୁ କେହି ବାରଣ କରିବେ ନାହିଁ, ମାତ୍ର ଏଥିପାଇଁ ସେମାନଙ୍କୁ ଘୋଷଣାନାମା ଦେବାକୁ ପଡ଼ିବ। ରାଜ୍ୟ ଶ୍ରମ ବିଭାଗ ଜାରି ହୋଇଥିବା ଏହି ମାର୍ଗଦର୍ଶିକାକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ। ମହିଳମାନଙ୍କୁ ସୁରକ୍ଷା ଦେବାରେ ସରକାର ଅସମର୍ଥ ହୋଇଛନ୍ତି ଓ ଏଥିପାଇଁ ସେମାନଙ୍କଠାରୁ ସ୍ୱ-ଘୋଷଣାନାମା ନେବା ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ପରେ ମହିଳାମାନଙ୍କୁ କ୍ୟାମ୍ପସ ମନା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯଦିଓ ତାହାକୁ ପରେ ପ୍ରତ୍ୟାହାର କରାଯାଇଛି। ଏବେ ପୁଣି ନିଜ କାର୍ଯ୍ୟସ୍ଥଳରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ। ଏହାସହିତ ଗୋଟିଏ ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଦରକାର। ଏହାସହିତ ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ▶ପୃଷ୍ଠା-୭

## ପରଲୋକରେ ଦିଶୋମ୍ ଗୁରୁଜୀ



**ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ନବୀନଙ୍କ ଶୋକ**

■ **ନୂଆଦିଲ୍ଲୀ, ୪।୮ (ଏଜେନ୍ସି):** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଶିବୁ ସୋରେନଙ୍କ ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଗତ ଦେଢ଼ ମାସ ହେଲା ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ଆଜି ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦିଶୋମ ଗୁରୁଜୀ ନାମରେ ପରିଚିତ ସୋରେନଙ୍କ ବ୍ରେନ ଷ୍ଟ୍ରୋକ୍ ହୋଇଥିଲା। ତାଙ୍କ ଶରୀରର ବାମ ପାର୍ଶ୍ୱ କାମ କରୁ ନ ଥିଲା। ସେ ଗତ ମାସେ ହେଲା 'ଲାଇଫ ସପୋର୍ଟ ସିଷ୍ଟମ'ରେ ଥିଲେ। ସ୍ନାୟୁ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ପୂର୍ବରୁ ସୋରେନ ବୃକକ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମଧୁମେହ ମଧ୍ୟ ଥିଲା। ତାଙ୍କ ହୃତ୍‌ପିଣ୍ଡର ବାଇପାସ୍ ସର୍ଜରୀ ମଧ୍ୟ କରାଯାଇଥିଲା।

ପରଲୋକ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ ଗଙ୍ଗାରାମ ହସ୍ପିଟାଲରେ ପହଞ୍ଚି ଦିବଂଗତ ସୋରେନଙ୍କୁ ▶ପୃଷ୍ଠା-୭

**ସୌମ୍ୟାଶ୍ରୀ ଆତ୍ମଦାହ**

## ନିଜ ଖାତରେ ପଡ଼ିଲା ବିଜେପି ଛାତ୍ର ସଂଗଠନ

**ଘଟଣା ପଛରେ ପୁଲିସର ଷଡ଼ଯନ୍ତ୍ର: ଏବିଭିପି**

**ଆଶା-ଆଶଙ୍କାରେ ଛାତ୍ର ସଂସଦ ନିର୍ବାଚନ**

■ **ଭୁବନେଶ୍ୱର, ୪।୮ (ସମିସ):** ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ବାନ୍ଧିଛି କ୍ରାଇମ୍‌ବ୍ରାଞ୍ଚ। ଷଡ଼ଯନ୍ତ୍ର ଅଭିଯୋଗରେ ଏବିଭିପି ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଛାତ୍ର ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ଗିରଫ ହୋଇଛନ୍ତି। ସେମାନଙ୍କ ଗିରଫଦାରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇ ଦେଇଛି। ଫଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରୟାସ କରୁଥିବା ଏହି ଛାତ୍ର ସଂଗଠନ ପାଇଁ ଶକ୍ତ ଧକ୍କା ଲାଗିଛି। ଛାତ୍ରୀଙ୍କ ଜୀବନକୁ ବାଜି ଲଗାଇ ନିର୍ବାଚନ ପାଇଁ ସଜବାଜ ହେଉଥିବା ଏବିଭିପି ନିଜେ ଖୋଳିଥିବା ଗାତରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ଛାତ୍ର ସଂସଦ ନିର୍ବାଚନର ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି।

ଏବିଭିପିର ଦୁଇ କାର୍ଯ୍ୟକର୍ତ୍ତା ଗିରଫ ହେବା ପରେ ଓଡ଼ିଶା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଉପରେ ଖପ୍ପା ହୋଇଛି ସଂଗଠନ। ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିବା ସହ ରାଜନୈତିକ ଗଡ଼ଫାଦରଙ୍କୁ ବଞ୍ଚାଇବାକୁ ପୁଲିସ ପ୍ରୟାସ କରୁଥିବା ଏବିଭିପି ଅଭିଯୋଗ ଆଣିଛି। ଏପରିକି ଘଟଣାରେ ସରକାର ଓ ପ୍ରଶାସନକୁ ଘଟଣା ପାଇଁ ସିଧାସଳଖ ଦାୟୀ କରିଛି। ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ହେଲେ ପୁଲିସକୁ ବ୍ୟବହାର କରି କେଉଁ ରାଜନୈତିକ ଦଳ ଏହି ଷଡ଼ଯନ୍ତ୍ରରେ ଲିପ୍ତ, ସେ ନେଇ ସ୍ପଷ୍ଟ କରିନାହିଁ। ପରୋକ୍ଷରେ ଏହା ଶାସକ ବିଜେପିକୁ ଏବିଭିପିର ନିଶାଣା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ▶ପୃଷ୍ଠା-୭

### ଆତ୍ମଦାହ ପାଇଁ ପ୍ରବର୍ତ୍ତାଇଥିଲେ ଗିରଫ ଏବିଭିପି ନେତା

**କୋର୍ଟରେ ନୂଆ ପ୍ରମାଣ ଦାଖଲ କଲା କ୍ରାଇମବ୍ରାଞ୍ଚ**

**ଲାବ୍ ଟେଷ୍ଟିଂ ପାଇଁ ମାଗିଲା ଅନୁମତି**

**ବାଲେଶ୍ୱର, ୪।୮ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଗତରାତିରେ କ୍ରାଇମବ୍ରାଞ୍ଚ ୨ ଛାତ୍ରଙ୍କୁ ଗିରଫ କରିବା ପରେ ଘଟଣାରେ ନୂଆ ମୋଡ଼ ଆସିଛି। ଗିରଫଦ୍ୱୟ ହେଲେ, ସୌମ୍ୟାଶ୍ରୀଙ୍କୁ ଆତ୍ମଦାହ ବେଳେ ରକ୍ଷା କରିଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଅନ୍ୟ ଜଣେ ପୂର୍ବତନ ଛାତ୍ର ଶୁଭ୍ରସମ୍ବିତ ନାୟକ। ଦୁହେଁ ଏବିଭିପି ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଶୁଭ୍ରସମ୍ବିତ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଦୁହିଁଙ୍କୁ ଗତରାତିରେ ବାଲେଶ୍ୱର ▶ପୃଷ୍ଠା-୭

## କବରରେ ସମାଧିନେଲା ବଲଙ୍ଗା ରହସ୍ୟ

**ଶୂନ୍ୟରେ ଉଭେଇଗଲେ ଅଦୃଶ୍ୟ ଅଭିଯୁକ୍ତ!**

■ **ପୁରୀ,୪।୮ (ସମିସ):** ଶେଷରେ କବର ନେଇଗଲା ବଲଙ୍ଗା ରହସ୍ୟ। ମାଟିତଳେ ଶୋଇଗଲେ ନାବାଳିକା ପୀଡ଼ିତା। ଶୂନ୍ୟରେ ଉଭେଇଗଲେ ବଲଙ୍ଗା ଘଟଣାର ଅଭିଯୁକ୍ତ। ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରି ଅସମୟରେ ଆଖି ବୁଜିଲେ ବଲଙ୍ଗା ପୀଡ଼ିତା। ବନ୍ଧୁ, ପରିଜନ ସାମୂହିକ ଜନାଜା ପାଠ କରି ତାଙ୍କୁ ଚିର ବିଦାୟ ଦେଇଦେଲେ ସିନା ହେଲେ ଏତେ କମ୍ ବୟସରେ ଝିଅଟିର ଦେହାନ୍ତକୁ କେହି ଗ୍ରହଣ କରିପାରୁ ନାହାନ୍ତି। ବଲଙ୍ଗା ପୀଡ଼ିତା ଯେଉଁଭଳି ରହସ୍ୟ ଭିତରେ ଆଖି ବୁଜିଲେ ତାହା ଅନେକଙ୍କ ମନକୁ ଆନ୍ଦୋଳିତ କରିଛି। ବାସ୍ତବରେ ପୀଡ଼ିତାଙ୍କ ଦେହରେ ନିଆଁ ଲାଗିଲା କେମିତି ଓ ଏହା ପଛରେ ରହିଥିବା ଷଡ଼ଯନ୍ତ୍ର ଉପରୁ ପରଦା ହଟିପାରି ନାହିଁ। ନୂଆ ଗୋପାଳପୁର ଗାଁ କିମ୍ବା ବଲଙ୍ଗା ଅଞ୍ଚଳ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ମନରେ ବଲଙ୍ଗା ଘଟଣା ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଇଛି।

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତିର ଗୋଟିଏ ସପ୍ତାହ ମଧ୍ୟରେ ବଲଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ଜୀଅନ୍ତା ପୋଡ଼ି ମାରିଦେବାକୁ ଉଦ୍ୟମ ଖବର କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ହଇଚଇ କରିଥିଲା। ଗୋଟିଏ ପରେ ଗୋଟିଏ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମକୁ ନେଇ ସରକାର ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ବଲଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଚିକିତ୍ସାରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ନେଇ ଗଣମାଧ୍ୟମରେ ଖବର ଆସୁଥିଲା। ଏପରିକି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସକୁ ଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବା ସହିତ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ବୁଝିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା କହିଥିଲେ। ଦିଲ୍ଲୀ ଏମ୍ସରେ ପୁଲିସ ମଧ୍ୟ ତାଙ୍କର ତିନିଥର ବୟାନ ରେକର୍ଡ କରିଥିଲା। ସବୁକିଛି ଠିକ୍‌ଠାକ୍ ଥିବାବେଳେ ହଠାତ୍ ପୀଡ଼ିତା ଆଖି ବୁଜିବା ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା।

ପୀଡ଼ିତାଙ୍କ ଦେହାନ୍ତ ପରେ ଏମିତି କିଛି ପରିସ୍ଥିତି ଉପୁଜିଲା ଯାହାକି ତାଙ୍କ ମୃତ୍ୟୁ ଅନେକ ସନ୍ଦେହ ଛିଡ଼ା କରିଛି। ୧୫ ଦିନ ଧରି ତଦନ୍ତ କରୁଥିବା ପୁଲିସ ହଠାତ୍ ସାମାଜିକ ଗଣମାଧ୍ୟମରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିବା ଏହି ସନ୍ଦେହକୁ ଦ୍ୱିଗୁଣିତ କରିଛି। ଯଦି ପୁଲିସ ଜାଣିଥିଲା ଏଥିରେ କାହାରି ସମ୍ପୃକ୍ତି ନାହିଁ ତେବେ କାହିଁକି ପୂର୍ବରୁ ଏହା କରୁ ନ ଥିଲା। କାହାରି ଯଦି ସମ୍ପୃକ୍ତ ନାହିଁ ତେବେ ଜୁଲାଇ ୧୯ ତାରିଖ ସକାଳେ ଭାର୍ଗବୀ ନଦୀବନ୍ଧ କଡ଼ରେ ପୀଡ଼ିତାଙ୍କ ଦେହରେ ▶ପୃଷ୍ଠା-୭

**ମୌସୁମୀ ବିରତି**

## ୧୨ ପର୍ଯ୍ୟନ୍ତ କାଁ ଭାଁ ବର୍ଷା

**୧୩ରେ ଘୂର୍ଣ୍ଣିବଳୟ ପରେ ରାଜ୍ୟରେ ବଢ଼ିବ ବର୍ଷା**

■ **ଭୁବନେଶ୍ୱର,୪।୮ (ସମିସ):** ରାଜ୍ୟରେ ବର୍ତ୍ତମାନ ନିଅଣ୍ଟିଆ ବର୍ଷା ଜାରି ରହିବ। ନିଷ୍କ୍ରିୟ ମୌସୁମୀ ଯୋଗୁଁ ପ୍ରତିଦିନ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବ। ତେବେ ଏହି ସମୟରେ କେତେକ ଅଞ୍ଚଳରେ କାଁ ଭାଁ ବର୍ଷା ହୋଇପାରେ। ଏହି ସମୟରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ରହିପାରେ। ତେବେ ଆସନ୍ତା ୧୪ରୁ ରାଜ୍ୟକୁ ପୁଣି ବର୍ଷା ଫେରିବାର ସମ୍ଭାବନା ରହିଛି।

ରାଜ୍ୟରେ ବର୍ଷା ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀ ବର୍ଷା ହୋଇପାରେ। ରାଜ୍ୟରେ ବଙ୍ଗୋପସାଗରୀୟ ଲଘୁଚାପ କିମ୍ବା ମୌସୁମୀ ଟ୍ରଫ୍ ଠିକ୍ ସ୍ଥାନରେ ରହିଲେ ହିଁ ଭଲ ବର୍ଷା ହୋଇଥାଏ। କିନ୍ତୁ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଉତ୍ତର ମୁହାଁ ହୋଇଛି। ଯାହାଦ୍ୱାରା ହିମାଳୟ ଅଞ୍ଚଳରେ ଭାରି ବର୍ଷା ହୋଇଛି। ଏହାସହିତ ବଙ୍ଗୋପସାଗରରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଲଘୁଚାପର ସମ୍ଭାବନା ନାହିଁ। ତେଣୁ ଏହି ସମୟରେ କେବଳ ପରିଚଳନ ଜନିତ ସ୍ୱଳ୍ପ ବର୍ଷା ହୋଇପାରେ। ବିସ୍ତୃତ ଭାରି ବର୍ଷା ନାହିଁ। ଆକଳନ କରାଯାଉଛି ଆସନ୍ତା ୧୩ ବେଳକୁ ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗପୋସାଗର କିମ୍ବା ଏହାର କିଛି ଦକ୍ଷିଣରେ ଏକ ଘୂର୍ଣ୍ଣିବଳୟ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ୧୭ ବର୍ଷ ପର୍ଯ୍ୟନ୍ତ ବର୍ଷା ହେବ। କେନ୍ଦ୍ରୀୟ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିଛି। କେବଳ ବାରିପଦା, ବରଗଡ଼ ଓ ଦାରିଙ୍ଗବାଡ଼ିର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ମଙ୍ଗଳବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ସହ ଉପକୂଳବର୍ତ୍ତୀ ଜିଲ୍ଲାରେ ଅପରାହ୍ଣ ପରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ।

### ଚଳନ୍ତା ବସ୍‌ରେ ହୃଦ୍‌ଘାତ୍‌ରେ ମହିଳା ମୃତ

## ଦେହରେ ଲାଗିଥିଲା ୨୬ ଆଇ ଫୋନ୍



ସାଓପାଓଲୋ, ୪।୮ (ଏଜେନ୍ସି): ବ୍ରାଜିଲ୍‌ର ପରାନା ଅଞ୍ଚଳରେ ଗୁଆରାପୁଆଭା ସହରରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ବସ୍‌ରେ ଯାତ୍ରା କରୁଥିବା ଜଣେ ୨୦ ବର୍ଷୀୟ ମହିଳା ଅଚାନକ ବେହୋସ ହେବାର କିଛି ସମୟ ପରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଏହାପରେ ଯାହା ହୋଇଥିଲା ତାହା ଅତ୍ୟନ୍ତ ରହସ୍ୟମୟ ଥିଲା। ମୃତ୍ୟୁ ପରେ ମହିଳାଙ୍କ ଶରୀର ଯାଞ୍ଚ କରାଯାଇଥିଲା ଓ ତାଙ୍କ ଶରୀରରେ ୨୬ଟି ଆଇ ଫୋନ୍ ଲାଗିଥିବାର ଦେଖି ଅଧିକାରୀ ମାନେ ଚକିତ ହୋଇଥିଲେ। ଜୁଲାଇ ୨୯ ରେ ଏହି ଘଟଣା ଘଟିଥିଲା। ସେ ଏହି ଆଇ ଫୋନ୍‌ଗୁଡିକୁ କେତୋଟି ପ୍ୟାକେଟ୍‌ରେ ଟେପ୍ ଜରିଆରେ ଶରୀରରେ ଲାଗାଇ ରଖିଥିଲେ। ପ୍ୟାକେଟଗୁଡିକୁ ଖୋଲିବା ପରେ ଆଇ ଫୋନ୍‌ଗୁଡିକୁ ଦେଖିବାକୁ ମିଳିଥିଲା। ଶରୀରର ଭିନ୍ନ ଭିନ୍ନ ଯାଗାରେ ଆଇ ଫୋନ୍‌ଗୁଡିକ ଲାଗି ରହିଥିଲା। ପୁଣି ଏହି ମହିଳାଙ୍କ ବ୍ୟାଗରେ କେତୋଟି ମଦ ବୋତଲକୁ ମଧ୍ୟ ଜବତ କରାଯାଇଛି। ଏହି ମହିଳାଙ୍କ ପରିଚୟ ମିଳିପାରିନାହିଁ। ସେ ଏହି ଆଇ ଫୋନଗୁଡିକର ଚୋରା ଚାଲାଣ କରୁଥିଲେ ବୋଲି ପୁଲିସ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ୟୁକ୍ରେନ ସେନାରେ ମହିଳାଙ୍କ ସଂଖ୍ୟା ଦ୍ୱିଗୁଣିତ

କିଭ୍, ୪।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ୟୁକ୍ରେନ ସେନାରେ ମହିଳାଙ୍କ ଭାଗିଦାରୀ ଦ୍ରୁତଗତିରେ ବଢ଼ିଛି। ଗତ ସାଢ଼େ ୩ବର୍ଷରେ ସେନାରେ ମହିଳାଙ୍କ ସଂଖ୍ୟା ବୃଦ୍ଧିପାଇ ଏକ ଲକ୍ଷରେ ପହଞ୍ଚିଛି। ଯୁଦ୍ଧ ଆରମ୍ଭ ହେବା ପରେ ମହିଳାମାନେ ନିଜ ତରଫରୁ ସେନାରେ ଯୋଗ ଦେବାକୁ ଆଗେଇ ଆସିଛନ୍ତି। ରୁଷ୍ ବିପକ୍ଷ ଯୁଦ୍ଧରେ ଏବେ ୫ ହଜାର ମହିଳା ସମ୍ମୁଖରେ ଲଢ଼େଇ ଜାରି ରଖିଛନ୍ତି ବୋଲି ୟୁକ୍ରେନ ସେନାବାହିନୀ ତରଫରୁ କୁହାଯାଉଛି। ଏହି ମହିଳା ଯୋଦ୍ଧାମାନେ ଡ୍ରୋନ୍‌ଠାରୁ ଆରମ୍ଭ କରି ତୋପ ମଧ୍ୟ ସଞ୍ଚାଳନ କରୁଛନ୍ତି। ସେହିପରି ଏମାନେ ମେଡିକାଲ ସହାୟତା ଓ ଫ୍ରଣ୍ଟ ଲାଇନ୍ ଟ୍ରାନ୍ସପୋର୍ଟରେ ନିୟୋଜିତ ରହିଛନ୍ତି। ୨୦୨୨ରେ ରୁଷିଆର ଆକ୍ରମଣ ପୂର୍ବରୁ ୟୁକ୍ରେନ ସେନାରେ ୧୫ ପ୍ରତିଶତ ମହିଳା ଥିଲେ। ଏବେ ମହିଳାଙ୍କ ସଂଖ୍ୟା ଦୁଇଗୁଣା ଅର୍ଥାତ ୩୦ ପ୍ରତିଶତରେ ପହଞ୍ଚିଛି। ଯୁଦ୍ଧରେ ମହିଳାଙ୍କୁ ଏବେ ନୂଆ ଭୂମିକା ଦେବାକୁ ସେନା ପ୍ରସ୍ତୁତି କରୁଛି ବୋଲି କହିଛି।

## ଦିଲ୍ଲୀରେ କଂଗ୍ରେସ ସାଂସଦଙ୍କ ସୁନା ଚେନ୍ ଲୁଟ୍



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀରେ ମହିଳା କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନ୍‌ଙ୍କଠାରୁ ଚେନ୍ ଛଡାଇ ନିଆଯିବାର ମାମଲା ସାମ୍ନାକୁ ଆସିଛି। ଏହି ଘଟଣା ସୋମବାର ସକାଳ ୬.୧୫ରୁ ୬.୨୦ ମଧ୍ୟରେ ତାମିଲନାଡୁ ଭବନ ନିକଟରେ ଘଟିଛି। ଚାଣକ୍ୟପୁରୀସ୍ଥିତ ପୋଲାଣ୍ଡ ଦୂତାବାସର ୩ ଓ ୪ ନଂ ଗେଟ୍ ସାମ୍ନାରେ ସୁଧା ଡିଏମ୍‌କେ ସାଂସଦ ରଜତୀଙ୍କ ସହ ପ୍ରାତଃଭ୍ରମଣ କରୁଥିବାବେଳେ ସ୍କୁଟିରେ ଆସି ଜଣେ ଲୁଟେରା ଏହି କାଣ୍ଡ ଘଟାଇଛନ୍ତି। ଲୁଟେରା ମୁହଁକୁ କପଡ଼ାରେ ଲୁଚାଇଥିଲା ଓ ହେଲମେଟ୍ ପିନ୍ଧିଥିଲା। ଚେନ୍ ଛଡାଇନେବା ବେଳେ ସାଂସଦଙ୍କ ଗଳାରେ ଆଘାତ ଲାଗିଛି। ଦିଲ୍ଲୀ ପୁଲିସ ମାମଲା ରୁଜୁ କରି ଏ ନେଇ ତଦନ୍ତ ଆରମ୍ଭ କରିଛି। ସୁଧା ଏ ନେଇ ପୁଲିସ୍, ବାଚସ୍ପତି, ଗୃହ ମନ୍ତ୍ରଣାଳୟକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ୩୨ ଗ୍ରାମ୍‌ର ଏକ ସୁନା ଚେନ୍ ମୋଠୁ ଛଡାଇ ନିଆଯାଇଛି ବୋଲି ସେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଜଣାଇଛନ୍ତି। ଦିଲ୍ଲୀରେ ମହିଳା ସୁରକ୍ଷିତ ନାହାନ୍ତି। ଏହି ଘଟଣା ମୋତେ ମାନସିକ ଭାବେ ଗଭୀର ଆଘାତ ଦେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ୪୮ ବର୍ଷୀୟା ସୁଧା ତାମିଲନାଡୁର ମଇଲାଦୁଥୁରାୟୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସାଂସଦ ରହିଛନ୍ତି। ଏବେ ସେ ସଂସଦର ମୌସୁମୀ ଅଧିବେଶନରେ ଯୋଗ ଦେବାକୁ ଦିଲ୍ଲୀରେ ରହିଛନ୍ତି। ଚାଣକ୍ୟପୁରୀ ଅଞ୍ଚଳରେ ତାଙ୍କଠାରୁ ଚେନ୍ ଛଡାଇ ନିଆଯାଇଥିଲା ଓ ଏହା ଦଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ପରିଚିତ।

## ରୁଷିଆ ତୈଳ ଡିପୋରେ ୟୁକ୍ରେନ୍‌ର ଡ୍ରୋନ୍ ମାଡ଼

ମସ୍କୋ, ୪।୮ (ଏଜେନ୍ସି): ରୁଷର ତୈଳ ଡିପୋ ଉପରେ ୟୁକ୍ରେନ ରବିବାର ଡ୍ରୋନ୍ ମାଡ କରିଛି। ସୋଚିସ୍ଥିତ ଏହି ଡିପୋରେ ଭିଷଣ ନିଆଁ ଲାଗିଛି। ନିଆଁ ଲିଭାଇବାକୁ ୧୨୦ରୁ ଊର୍ଦ୍ଧ୍ୱ ଦମକଳକର୍ମୀ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ରୁଷିଆର ଦକ୍ଷିଣ ପଶ୍ଚିମ ଭାଗରେ ଥିବା ସାଚିରେ ୨୦୧୪ ୱିଣ୍ଟର ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ରୁଷିଆର କ୍ରାନ୍ସୋଦାର ଅଞ୍ଚଳର ଗଭର୍ଣ୍ଣର ଭେନିଆମିନ୍ କୋଣ୍ଡ୍ରାତିଏଭ ଏ ନେଇ ସୂଚନା ଦେଇଛନ୍ତି। ଏକ ତେଲ ଟାଙ୍କିରେ ଡ୍ରୋନ ମାଡ୍ ହେବା ପରେ ନିଆଁ ବ୍ୟାପୀ ଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି ଓ ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧିନ ରହିଛି ବୋଲି ସୋଚି ମେୟର ଆନ୍ଦ୍ରେଇ ପ୍ରୋସୁନିନ୍ କହିଛନ୍ତି। ସୋଚି ୟୁକ୍ରେନ ସୀମାଠାରୁ ୪୦୦ କିମି ଦୂରରେ ଅବସ୍ଥିତ। ରୁଷିଆର ଅନ୍ୟ ସହରଗୁଡିକଠାରୁ ସୋଚି ସମ୍ପୂର୍ଣ୍ଣ ଭିନ୍ନ। କିନ୍ତୁ ଗତମାସରେ ଏଠାରେ ୟୁକ୍ରେନର ଡ୍ରୋନ ଆକ୍ରମଣରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁଇଜଣ ରୁଷୀୟ ଝିଅ ନିଆଁ ଲାଗିଥିବାର ଭିଡିଓ ବନାଉଥିବା ଦେଖିବାକୁ ମିଳିଥିଲା। ଦୁଇଜଣଙ୍କ ସହ ଜଣେ ଯୁବକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଦୁଇ ଝିଅଙ୍କୁ ଗିରଫ୍ କରାଯାଇଛି। ଅନ୍ୟପଟେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ କୃଷ୍ଣ ସାଗର ଉପରେ ୟୁକ୍ରେନ୍‌ର ୯୩ଟି ଡ୍ରୋନ୍‌ଙ୍କୁ ଖସାଇବା ନେଇ ରୁଷ୍ ଦାବି କରିଛି।

## କରେଣ୍ଟ ଲାଗି ୫ କାଉଡ଼ିଆ ମୃତ

ଭାଗଲପୁର, ୪।୮ (ଏଜେନ୍ସି): ମଧ୍ୟପ୍ରଦେଶର ଭାଗଲପୁରର ସୁଲତାନଗଞ୍ଜ୍‌ରେ ରବିବାର ବିଳମ୍ବିତ ରାତିରେ ଏକ ବଡ଼ ଅଘଟଣ ଘଟିଛି। ଇଲେକଟ୍ରିକ୍ କରେଣ୍ଟ ଲାଗି ୫ ଜଣ କାଉଡିଆ ମୃତ୍ୟୁବରଣ କରିଛନ୍ତି। ଏଥିରେ ୪ ଜଣ ଆହତ ହୋଇଛି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୯ କାଉଡିଆ ଗଙ୍ଗା ସ୍ନାନ କରିବାକୁ ସୁଲତାନଗଞ୍ଜ ଯାଉଥିଲେ। ସେଠାରୁ ଜଳ ଭରି ଜେଠୋର ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥାନ୍ତେ। କିନ୍ତୁ ବାଟରେ ଅସିବା ବେଳେ ଏକ ଅଟୋ ପିକ୍‌ଅପ୍ ଭ୍ୟାନକୁ ଓଭରଟେକ କରିବା ବେଳେ କରେଣ୍ଟ ଲାଗିଥିଲା। ଏଥିରୁ ରକ୍ଷା ପାଇବା ପାଇଁ ୩୦ ଫୁଟ ତଳେ ପାଣିକୁ ସମସ୍ତେ ଡେଇଁ ପଡ଼ିଥିଲେ। କିନ୍ତୁ ଉପରୁ ଗାଡି ସେମାନଙ୍କ ଉପରେ ପଡ଼ିଥିଲା। ଫଳରେ ଏହି ଦୁଃଖଦ ଘଟଣା ଘଟିଥିଲା ଓ ଲୋକ ମୃତଦେହ ରାସ୍ତରେ ରଖି ସଡକ ଜାମ୍ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ଜେସିବିରେ ପିକ୍‌ଅପ୍ ଭ୍ୟାନକୁ କାଢିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା ଓ ମୃତଦେହଗୁଡିକୁ ଉଦ୍ଧାର କରାଯାଇଥିଲା।

## ବ୍ୟବସାୟୀଙ୍କୁ ହତ୍ୟା କଲେ ପତ୍ନୀ ଓ ଝିଅ

ଦିବ୍ରୁଗଡ଼, ୪।୮ (ଏଜେନ୍ସି): ଆସାମର ଦିବ୍ରୁଗଡ଼ ଜିଲ୍ଲାରେ ଜଣେ ବ୍ୟବସାୟୀଙ୍କୁ ତାଙ୍କ ପତ୍ନୀ ଓ ସ୍ୱଳ୍ପ ବୟସ୍କ ଝିଅ ଷଡଯନ୍ତ୍ରପୂର୍ବକ ହତ୍ୟା କରିଛନ୍ତି। ଏହି ଘଟଣାକୁ ଦୁହେଁ ଡାକାୟତିର ରୂପ ଦେବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ପତ୍ନୀ ଓ ଝିଅଙ୍କ ସମେତ ଜଣେ ନାବାଳକ ମଧ୍ୟ ଏହି ଘଟଣାରେ ସାମିଲ ରହିଥିଲେ। ୫୨ ବର୍ଷୀୟ ଉତ୍ତମ ଗୋଗୋଇଙ୍କୁ ଜୁଲାଇ ୨୫ରେ ନିଜ ଘରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଥମେ ଏହା ଡକାୟତି ହୋଇଥିବା ମନେ ହେଉଥିଲା। କିନ୍ତୁ ପତ୍ନୀ ବବି ସୋନୋୱାଲ ଗୋଗୋଇ ଓ ତାଙ୍କ ୧୬ ବର୍ଷୀୟ ଝିଅ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ୯ମ ଶ୍ରେଣୀରେ ପଢୁଥିବା ଝିଅ ଜଣେ ୨୧ ବର୍ଷୀୟ ଯୁବକ ଦୀପଜ୍ୟୋତି ବୁର୍ଗୋହେନ ସହ ସମ୍ପର୍କରେ ଥିଲେ। ମା ଓ ଝିଅ ଦୀପଜ୍ୟୋତିଙ୍କୁ ହତ୍ୟା କରାଇବାକୁ କିଛି ଟଙ୍କା ଓ ଗହଣା ଦେଇଥିଲେ। କିନ୍ତୁ ଘଟଣାରେ ତାଳମେଳ ରହୁ ନଥିବାରୁ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ମା ଓ ଝିଅଙ୍କୁ ଗିରିଫ କରିଛି ଓ ଏ ନେଇ ତଦନ୍ତ ଚାଲୁ ରହିଛି ପୁଲିସ କହିଛି।

## ସତ୍ୟେନ୍ଦ୍ର ଜୈନଙ୍କ ଦୁର୍ନୀତି ମାମଲା ବନ୍ଦ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନେତା ସତ୍ୟେନ୍ଦ୍ର ଜୈନଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ତାଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ବନ୍ଦ କରିଦେଇଛନ୍ତି। ୪ ବର୍ଷର ଯାଞ୍ଚରେ ସିବିଆଇ ତାଙ୍କ ବିରୋଧରେ ଦୁର୍ନୀତିର କୌଣସି ପ୍ରମାଣ ଦେଇପାରି ନାହିଁ। ସେଥିପାଇଁ ବିଚାରପତି ବିନୟ ସିଂହ ସିବିଆଇର କ୍ଲୋଜର ରିପୋର୍ଟକୁ ସ୍ୱୀକାର କରିଛନ୍ତି। ଜୈନ ପିଡବ୍ଲୁଡି ମନ୍ତ୍ରୀ ଥିବା ସମୟରେ ନିୟମ ବିରୋଧରେ ଯାଇ ବିଭାଗରେ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦିଲ୍ଲୀ ସରକାରଙ୍କ ଭିଜିଲାନ୍ସ ବିଭାଗ ୨୦୧୯ ଜୁଲାଇ ୨୯ରେ ଏତଲା ରୁଜୁ କରିଥିଲେ। ପରେ ସିବିଆଇ ମାମଲାର ଯାଞ୍ଚ କରିଥିଲା। କୋର୍ଟଙ୍କ ରାୟକୁ ନେଇ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଦଳୀୟ ନେତାଙ୍କ ବିରୋଧରେ ଲଗା ଯାଇଥିବା ସବୁ ମାମଲା ମିଛ। ସମୟ ସହିତ ସବୁ ମାମଲାର ସତ୍ୟ ସାମ୍‌ନାକୁ ଆସିଯିବ। ମିଥ୍ୟା ମାମଲା ଲଗାଇ ଆମକୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା।

# ସଂସଦରେ ଥମୁନି ବିହାର ତାତି

### ଅପରେସନ ସିନ୍ଦୂର ପରେ ଅଚଳାବସ୍ଥା ଜାରି
### ହଟ୍ଟଗୋଳ ପରେ ଲୋକସଭା ମୁଲତବୀ
### ରାଜ୍ୟସଭାରେ ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦରେ ବିହାରକୁ ନେଇ ଆଜି ବି ଅଚଳାବସ୍ଥା ଜାରି ରହିଛି। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ଉପରେ ଆଲୋଚନା ପାଇଁ ବିରୋଧୀ ଦଳର ସଭ୍ୟମାନେ ଜିଦ୍ ଧରିଥିବା ବେଳେ ସରକାର ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ଗୃହକାର୍ଯ୍ୟ ଚାଲିପାରୁ ନାହିଁ। ସଂସଦର ଚଳିତ ଅଧିବେଶନର ଆଜି ଏକାଦଶ ଦିବସ ଥିବା ବେଳେ କେବଳ ଦୁଇ ଦିନ ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା। ଅବଶିଷ୍ଟ ୯ ଦିନ ବିନା କୌଣସି କାର୍ଯ୍ୟରେ ଧୋଇ ହୋଇଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳମାନେ ବିହାର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା କରିବାକୁ ଦାବି କରି ହଟ୍ଟଗୋଳ କରିଥିଲେ। ଜିରୋ ଆୱାର ପରେ ଏହି ପ୍ରସଙ୍ଗ ଉଠାଇବା ଲାଗି ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ମଧ୍ୟ ପରିସ୍ଥିତିରେ କିଛି ସୁଧାର ଆସିନଥିଲା। ଏହି ସମୟରେ ଗୃହରେ ଅଧକ୍ଷତା କରୁଥିବା ଜଗଦମ୍ବିକା ପାଲ୍ କହିଥିଲେ ଯେ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଚାହୁଁଛନ୍ତି, ଏଥିପାଇଁ ଶାନ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହାସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଗୃହରେ ବିରେଧୀଙ୍କର ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି। କିନ୍ତୁ ବିରୋଧୀମାନେ କରାଇ ଦେଉ ନାହାନ୍ତି। ସରକାର ବାଧ୍ୟ ହୋଇ ବିନା ଆଲୋଚନାରେ ଏହାକୁ ପାସ୍ କରାଇଦେବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସଭାରେ ଆଜି ଜେଏମଏମ୍ ନେତା ଶିବୁ ସୋରେନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଜମ୍ମୁ-କଶ୍ମୀରକୁ ପୁଣି ରାଜ୍ୟ ମାନ୍ୟତା ପ୍ରଦାନ କରିବା ଲାଗି ସରକାର ଗୁରୁତର ସହିତ ବିଚାର କରୁଛନ୍ତି। ଏସଂପର୍କରେ ଆସନ୍ତାକାଲି ସଂସଦରେ ବିଲ୍ ଆଗତ କରାଯାଇପାରେ ବୋଲି କୁହାଯାଉଛି। ଗତକାଲି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଭେଟିବା ପରେ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଆଲୋଚନା ଚାଲିଛି। କେନ୍ଦ୍ର ସରକାର ଏସଂପର୍କରେ ଜମ୍ମୁ-କଶ୍ମୀର ନେତାମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି।

ଆସନ୍ତାକାଲି କ୍ଷମତାସୀନ ଏନଡିଏ ସଂସଦୀୟ ଦଳର ବୈଠକ ମଧ୍ୟ ହେବାକୁ ଯାଉଛି। ଚଳିତ ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଥମ ଥର ଲାଗି ଏନ୍‌ଡିଏ ବୈଠକ ହେବ। ଏଥିରେ ସବୁ ଅଂଶୀଦାର ଦଳର ସାଂସଦ ଭାଗନେବେ ବୋଲି ଜଣାପଡ଼ିଛି।

### ପଞ୍ଜାବରେ ଜାଲ୍ ଏନ୍‌କାଉଣ୍ଟର

## ୩୨ ବର୍ଷ ପରେ ଅବସରପ୍ରାପ୍ତ ଏସ୍‌ଏସ୍‌ପି, ଡିଏସ୍‌ପି ସମେତ ୫ ଦୋଷୀ

ମୋହାଲି, ୪।୮ (ଏଜେନ୍ସି): ପଞ୍ଜାବରେ ଏକ ଜାଲ ଏନକାଉଣ୍ଟର ମାମଲାରେ ୩୨ ବର୍ଷ ପରେ ପୀଡିତଙ୍କୁ ନ୍ୟାୟ ମିଳିଛି। ୧୯୯୩ରେ ତରନତାରନଠାରେ ଏକ ଜାଲ ଏନକାଉଣ୍ଟର ମାମଲାରେ ସୋମବାର ସିବିଆଇର ଏକ ସ୍ୱତନ୍ତ୍ର କୋର୍ଟ ସଜା ଶୁଣାଇଛନ୍ତି। କୋର୍ଟ ଜଣେ ଅବସରପ୍ରାପ୍ତ ଏସ୍‌ଏସ୍‌ପି ଭୂପେନ୍ଦ୍ରଜିତ ସିଂହ, ଡିଏସ୍‌ପି ଦବିନ୍ଦର ସିଂହ, ଇନ୍ସପେକ୍ଟର ସୁବା ସିଂହ, ଏଏସଆଇ ଗୁଲବର୍ଗ ସିଂହ ଓ ଏଏସ୍‌ଆଇ ରଘବୀର ସିଂହଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଅଧିକାରୀମାନଙ୍କ ୭ ଜଣ ଲୋକଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨ ଓ ୧୨୦-ବି ଅନୁସାରେ ମକଦ୍ଦମା ଚାଲିଥିଲା। ପ୍ରଥମେ ଏହି ମାମଲାରେ ୧୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଥିଲା। କିନ୍ତୁ କେସ୍ ଚାଲିଥିବା ବେଳେ ୫ ଜଣ ଅଭିଯୁକ୍ତ ମୃତ୍ୟୁବରଣ କରିଥିଲେ। ୧୯୯୩ରେ ୭ ଜଣ ଲୋକଙ୍କୁ ଭିନ୍ନ ଭିନ୍ନ ଏନକାଉଣ୍ଟରରେ ମୃତ ବୋଲି ଦର୍ଶାଯାଇଥିଲା। ଏହି ୭ ଜଣ ଲୋକଙ୍କୁ ଘରୁ ଉଠାଇ କେତେଦିନ ପର୍ଯ୍ୟନ୍ତ ଅବୈଧ ଭାବେ ଅଟକ ରଖି ସେମାନଙ୍କ ଉପରେ ଅତ୍ୟାଚାର କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଆଦେଶରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ୭ ଜଣ ମୃତକଙ୍କ ପରିଚୟ ଥିବା ବେଳେ ଅବୈଧ ଭାବେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏନ୍‌କାଉଣ୍ଟର ପୂର୍ବରୁ ସେମାନଙ୍କୁ ଅତି ନିର୍ମମ ଭାବେ ମାଡ ମରାଯାଇଥିବା ଶବବ୍ୟବଚ୍ଛେଦରୁ ଜଣାପଡ଼ିଥିଲା। ପାଖାପାଖି ୩ ଦଶନ୍ଧି ପରେ ନ୍ୟାୟ ମିଳିଥିବାର ପୀଡିତଙ୍କ ପରିବାର ସଦସ୍ୟ ଖୁସି ଜାହିର କରିଛନ୍ତି।

### ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ


## ଚୀନ୍ ୨ ହଜାର କିମି ଜମି ଦଖଲ କରିଥିବା ଜାଣିଲେ କେମିତି?

### ପ୍ରକୃତ ଭାରତୀୟ ହୋଇଥିଲେ ଏପରି କହି ନ ଥାଆନ୍ତ
### ସଂସଦରେ ଏହି ପ୍ରସଙ୍ଗ କାହିଁକି ଉଠାଉ ନାହଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଏହାକୁ ନେଇ ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ରାହୁଲଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଭାରତର ୨ ହଜାର ବର୍ଗ କିମି ଜମି ଚୀନ୍ ହଡ଼ପ କରି ନେଇଛି ବୋଲି କେମିତି ଜାଣିଲେ? ସେଠାରେ ରାହୁଲ ନିଜେ ଉପସ୍ଥିତ ଥିଲେ କି? ଏ ସମ୍ବନ୍ଧରେ କିଛି ସ୍ପଷ୍ଟ ପ୍ରମାଣ ରଖିଛନ୍ତି କି? ସୀମାରେ ସଂଘର୍ଷ ଚାଲିଥିବାବେଳେ ଆପଣ ଏ ସବୁ କେମିତି କହି ପାରିଲେ? ଯଦି ରାହୁଲ ପ୍ରକୃତ ଭାରତୀୟ ହୋଇଥାନ୍ତେ, ତେବେ ଏପରି କହି ନ ଥାଆନ୍ତେ। ସଂସଦରେ ଆପଣ କାହିଁକି ପ୍ରଶ୍ନ ପଚାରି ପାରୁ ନାହାନ୍ତି? ଆପଣ ଲୋକସଭା ବିରୋଧୀ ନେତା। ତେଣୁ ସାମାଜିକ ଗଣମାଧ୍ୟମରେ ନ କହି ସଂସଦରେ କହିବା ପାଇଁ ସୁପ୍ରିମକୋର୍ଟ ରାହୁଲଙ୍କ ପରାମର୍ଶ ଦେଇଛନ୍ତି। ଯଦି ଏପରି ନ କରିବେ ତେବେ ରାହୁଲଙ୍କ ବିରୋଧରେ ନୋଟିସ ଜାରି କରାଯିବ ବୋଲି କହିଛନ୍ତି। ଏଥିସହିତ ସେନା ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଛନ୍ତି। କୋର୍ଟ ଏହି ମାମଲାରେ ଆବେଦନକାରୀ ତଥା ବିଆରଓର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

୨୦୨୨ ଡିସେମ୍ବର ୧୬ରେ 'ଭାରତ ଯୋଡ଼ୋ ଯାତ୍ରା' ସମୟରେ ରାହୁଲ ଏହି ବିବାଦୀୟ ବୟାନ ଦେଇଥିଲେ। ଅରୁଣାଚଳ ପ୍ରଦେଶରେ ଭାରତୀୟ ଯବାନଙ୍କୁ ଚୀନ୍ ସେନା ମାଡ଼ ମାରୁଛି ବୋଲି କହିଥିଲେ। ସେହି ବର୍ଷ ଅରୁଣାଚଳର ତୱାଙ୍ଗ କ୍ଷେତ୍ରରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହେବାକୁ ନେଇ ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ଚୀନ୍ ଭାରତର ଜମି ନେଇଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଶ୍ରୀବାସ୍ତବ ତାଙ୍କ ବିରୋଧରେ ଲକ୍ଷ୍ନୌ ଏମପିଏମଏଲଏ କୋର୍ଟରେ ମାନହାନୀ ମାମଲା ରୁଜୁ କରିଥିଲେ। ରାହୁଲ କେବଳ ସେନା ନୁହେଁ, ବରଂ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଅପମାନିତ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଗତ ୨୯ ତାରିଖରେ ଆହ୍ଲାବାଦ ହାଇକୋର୍ଟ ରାହୁଲଙ୍କ ଆବେଦନକୁ ଖାରଜ କରି ସମନ ପଠାଇ ଥିଲେ। ମାତ୍ର ରାହୁଲ ଏହି ସମନ ଏବଂ ଅଭିଯୋଗ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

## ଶରଣାର୍ଥୀଙ୍କ ଡଙ୍ଗା ବୁଡ଼ି ୭୬ ମୃତ



ସାନା, ୪।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ୍ ଉପକୂଳରେ ୧୫୪ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବଡ଼ ନୌକା ରବିବାର ଦୁର୍ଘଟଣାଗ୍ରସ୍ତ ହୋଇ ବୁଡିଯାଇଛି। ସକାଳ ୟେମେନର ଅବୟାନ ପ୍ରାନ୍ତ ନିକଟସ୍ଥ ଅଦଳ ସାଗରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଅତିକମ୍‌ରେ ୭୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ୩୨ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏହି ଜାହାଜରେ ଇଥିଓପିଆର ନାଗରିକମାନେ ଯାତ୍ରା କରୁଥିଲେ। ଉନ୍ନତ ଜୀବନଯାପନ ପାଇଁ ଏମାନେ ମଧ୍ୟପ୍ରାଚ୍ୟ ଦେଶଆଡକୁ ଯାତ୍ରା କରୁଥିଲେ। ୫୪ ଜଣଙ୍କ ମୃତଦେହ ଖାନକର ଜିଲ୍ଲାର ସମୁଦ୍ର କୂଳରେ ମିଳିଛି ବୋଲି କୁହାଯାଇଛି।

### ସୁପ୍ରିମକୋର୍ଟରେ ବାଙ୍କେବିହାରୀ ମନ୍ଦିର ମାମଲା

## ଅଧ୍ୟାଦେଶ ପାଇଁ ଏତେ ତରବର କାହିଁକି ?



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଉତ୍ତର ପ୍ରଦେଶ ସରକାର ଏବଂ ବୃନ୍ଦାବନର ଶ୍ରୀ ବାଙ୍କେ ବିହାରୀ ମନ୍ଦିର ପରିଚାଳନା କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏକ କରିଡରର ପୁନର୍ବିକାଶ ପାଇଁ ସରକାର ମନ୍ଦିର ପାଣ୍ଠିରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ଅଧ୍ୟାଦେଶ ଆଣିଛନ୍ତି। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଆଜି ଏହାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟସ୍ଥତା ମାଧ୍ୟମରେ ବିବାଦ ସମାଧାନକୁ ଜୋର୍ ଦେଇଛନ୍ତି। ଭଗବାନ କୃଷ୍ଣ ପ୍ରଥମ ମଧ୍ୟସ୍ଥି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ମଧ୍ୟସ୍ଥତା ମାମଲାରେ ବିବାଦର ସମାଧାନ ଲାଗି ଏକ କମିଟି ଗଠନ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ତରବରିଆ ଭାବେ କାହିଁକି ଅଧ୍ୟାଦେଶ ପାରିତ କରାଗଲା ବୋଲି ପଚାରିଛନ୍ତି। ଆହ୍ଲାବାଦ ହାଇକୋର୍ଟରେ ଅଧ୍ୟାଦେଶର ବୈଧତା ଯାଞ୍ଚ କରିବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାକୁ ନେଇ ମନ୍ଦିର କମିଟିକୁ ମଧ୍ୟ କଡ଼ା ପ୍ରଶ୍ନ ପଚାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ମନ୍ଦିର ବ୍ୟକ୍ତିଗତ ହୋଇପାରେ, ମାତ୍ର ଦେବତା ସମସ୍ତଙ୍କର। ମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ସୁରକ୍ଷା ସମ୍ବନ୍ଧିତ ବିକାଶରେ ମନ୍ଦିରର ପାଣ୍ଠି କାହିଁକି ଖର୍ଚ୍ଚ କରାଯାଇପାରିବ ନାହିଁ? ସବୁ ପାଣ୍ଠି ଆପଣଙ୍କ ପକେଟକୁ ଯାଉ ବୋଲି ଚାହୁଁଛନ୍ତି କି? ରାଜ୍ୟ ସରକାରଙ୍କ ଆଇନକୁ ଆବେଦନକାରୀ (ମନ୍ଦିର କମିଟି )ହାଇକୋର୍ଟରେ ବିରୋଧ କରିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ମନ୍ଦିର କମିଟି ସୁପ୍ରିମକୋର୍ଟ ମେ' ୧୫ରେ ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରିଥିଲା। ଏଥିରେ କମିଟିର ପକ୍ଷ ନ ଶୁଣି କରିଡର ପାଇଁ ପାଣ୍ଠି ବ୍ୟବହାର କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦିଆଯାଇଥିଲା।

### ୨୦୧୩ କେଦାରନାଥ ଜଳ ପ୍ରଳୟ ମାମଲା

## ପୁଣି ଆରମ୍ଭ ହେବ ୩୦୭୫ ନିଖୋଜଙ୍କ ସନ୍ଧାନ

ରୁଦ୍ରପ୍ରୟାଗ, ୪।୮ (ଏଜେନ୍ସି): ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୨୦୧୩ରେ ଜଳ ପ୍ରଳୟ ଆସିଥିଲା। ଏହା ସବୁ କିଛି ଛାରଖାର କରି ଦେଇଥିଲା। ସାରା ଦିନ ଜନଗହଳି ଲାଗୁଥିବା ଶୈବପୀଠକୁ ମୃତଦେହମୟ କରି ଦେଇଥିଲା। ଏହି ବିପର୍ଯ୍ୟୟରେ ୩୦୭୫ ଜଣ ନିଖୋଜ ହୋଇ ଯାଇଥିଲେ। ଏ ପର୍ଯ୍ୟନ୍ତ ଏମାନଙ୍କର ସନ୍ଧାନ ମିଳି ନାହିଁ। ତେଣୁ ପୁଣି ଥରେ ଏହି ସନ୍ଧାନ ଆରମ୍ଭ ହୋଇପାରେ। ଏ ନେଇ ଉତ୍ତରାଖଣ୍ଡ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି। ଆବେଦନରେ ନିଖୋଜ ଲୋକଙ୍କ କଙ୍କାଳର ସନ୍ଧାନ କରି ସମ୍ମାନପୂର୍ବକ ଅନ୍ତିମ ସଂସ୍କାର କରିବାକୁ ନିବେଦନ କରାଯାଇଛି। ସରକାର ଏ ପର୍ଯ୍ୟନ୍ତ ଚାରି ଥର କେଦାରନାଥକୁ ଉଦ୍ଧାରକାରୀ ଦଳ ପଠାଇଲେଣି।

୨୦୨୦ରେ ସନ୍ଧାନକାରୀ ଦଳ ଚଟି ଏବଂ ଗୋମୁଖ କ୍ଷେତ୍ରରୁ ୭୦୩ ନରକଙ୍କାଳ ଉଦ୍ଧାର କରିଥିଲା। ଏ ପର୍ଯ୍ୟନ୍ତ ଏହି କଙ୍କାଳଗୁଡିକର ପରିଚୟ ମିଳିପାରି ନାହିଁ। କାରଣ ଯେଉଁ ୬ ହଜାର ଲୋକ ନିଜ ଡିଏନଏ ନମୁନା ଦେଇଥିଲେ ତାହା ସହ କଙ୍କାଳର ଡିଏନଏ ମେଳ ଖାଇନାହିଁ। ସେହିପରି ୨୦୨୦ରେ ୨୧ ଏବଂ ୨୦୧୬ରେ ୯ଟି କଙ୍କାଳ ମିଳିଥିଲା। ୨୦୨୪ ନଭେମ୍ବରରେ ୧୦ଟି ଟିମ୍ ପାଦଚଲା ମାର୍ଗରେ ସନ୍ଧାନ ଆରମ୍ଭ କରିଥିଲା। ମାତ୍ର ଏ ପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ। ଚଳିତ ବର୍ଷ ମଧ୍ୟ ପୁଣିଥରେ ଏହି ତଲାସୀ ଅଭିଯାନ ଆରମ୍ଭ କରିବାକୁ ପ୍ରସ୍ତୁତି ହେଉଛି।

## ସାଧୁବେଶରେ ୩୦ ବର୍ଷ ପଶ୍ଚିମବଙ୍ଗରେ ରହୁଥିଲା ବାଂଲାଦେଶୀ ଅପରାଧୀ

ନଦିଆ, ୪।୮ (ଏଜେନ୍ସି): ବାଂଲାଦେଶରୁ ଆସି ଜଣେ ଅପରାଧୀ ୩୦ ବର୍ଷ ପଶ୍ଚିମବଙ୍ଗରେ ସାଧୁବେଶରେ ରହିବା ପରେ ଶେଷରେ ଧରା ପଡ଼ିଛନ୍ତି। ନଦିଆ ଜିଲ୍ଲାରୁ ତାଙ୍କୁ ପୁଲିସ ଗିରଫ କରିଛି। ଏହି ବ୍ୟକ୍ତି ହେଉଛନ୍ତି ୬୦ ବର୍ଷୀୟ ମହମ୍ମଦ ହାଶେମ ମଲିକ। ସେ ମଧ୍ୟ ହାଶେମ ଅଲି ମଲ୍ଲିକ ଭାବେ ଜଣାଥିଲେ। ବାଂଲାଦେଶରେ ଏକାଧିକ ବଡ଼ ବଡ଼ ଅପରାଧିକ ମାମଲାରେ ପୁଲିସ ତାଙ୍କୁ ଖୋଜୁଥିଲା। ଏକ ଗୁପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ୍) ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ମିସି ରାତିରେ ତେହଟ୍ଟା ଅଞ୍ଚଳରେ ଚଢାଉ କରି ତାକୁ ଗିରଫ କରିଛି। ସେ ନିକଳି ଭାରତୀୟ ପରିଚୟ ପତ୍ର ବନାଇ ତେହଟ୍ଟାର ବାଲିଉରା ପୁର୍ବା ପାରାରେ ରହିଆସୁଥିଲା। ସେ ନିଜକୁ ଜଣେ ଭାରତୀୟ ନାଗରିକ ଭାବେ ପ୍ରମାଣିତ କରିବାକୁ ବୈଧ ପ୍ରମାଣପତ୍ର ଦେବାରେ ବିଫଳ ହୋଇଥିଲା। ସେ ଏବେ ପୁଲିସ ହେପାଜତରେ ରହିଛି ଓ ଏ ନେଇ ତଦନ୍ତ ଚାଲୁ ରହିଛି।

## ଜନସ୍ୱାର୍ଥ ପାଇଁ ବୈଜ୍ଞାନିକଙ୍କ ଦଣ୍ଡ ଉପରେ ରୋକ୍

ଡେରାଡୁନ, ୪।୮ (ଏଜେନ୍ସି): ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ଭ୍ୟାକ୍ସିନ ବୈଜ୍ଞାନିକ ଡ. ଆକାଶ ଯାଦବଙ୍କ ଦଣ୍ଡ ଏବଂ ଦୋଷ ଉପରେ ଉତ୍ତରାଖଣ୍ଡ ହାଇକୋର୍ଟ ସୋମବାର ରୋକ୍ ଲଗାଇ ଦେଇଛନ୍ତି। ଜନସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଡ. ଯାଦବ ଟିକା ବିକାଶ ସମ୍ବନ୍ଧିତ କାର୍ଯ୍ୟ କରୁଛନ୍ତି। ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଦେଶହିତ ପାଇଁ ଅତ୍ୟନ୍ତ ଜରୁରୀ। ଏଥିପାଇଁ ସେ ବାହାରେ ରହୁଛନ୍ତି। ତେଣୁ ଆକାଶ ନିଜ କର୍ତ୍ତବ୍ୟ ପାଳନ କରିପାରୁ ନାହାନ୍ତି ବୋଲି ଜଷ୍ଟିସ ରବୀନ୍ଦ୍ର ମୈଥାନି କହିଛନ୍ତି। ଯାଦବଙ୍କ ପତ୍ନୀ ୨୦୧୫ରେ ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପତିଙ୍କୁ ଦାୟୀ କରିଥିଲେ। ପ୍ରଥମେ ଯୌତୁକ ଉତ୍ପୀଡ଼ନ ଏବଂ ପରେ ଆତ୍ମହତ୍ୟା ମାମଲା ପାଇଁ ତାଙ୍କୁ ଅଭିଯୁକ୍ତ କରାଯାଇଥିଲା। ତେବେ ଗତ ଜାନୁଆରୀରେ ଟ୍ରାଏଲ କୋର୍ଟ ତାଙ୍କୁ ଅଭିଯୋଗରୁ ମୁକ୍ତ କରିଥିଲେ। ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ୫ ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ।

● ପୋଖରୀରେ ୪ଦିନର ଲୁଚକାଳି

## ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର

କାଳିମେଳା/ଏମଭି୭୯, ୪।୮(ସମିସ): ୪ଦିନ ଧରି ଲୁଚକାଳି ପରେ ଶେଷରେ ପୋଖରୀରୁ ଧରା ହେଲା ୫ ଫୁଟିଆ କୁମ୍ଭୀର। ଘଡ଼ିଆଳ ପ୍ରଜାତିର ଏହି



କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଧରାଯାଇଛି। ଗତ ଶୁକ୍ରବାରଠାରୁ କୁମ୍ଭୀରଟି ଏମ୍‌ପିଭି ୮୩ ଗ୍ରାମ ପୋଖରୀରେ ଭାସୁଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନବିଭାଗ ଓ ଅଗ୍ନିଶମବାହିନୀ ଜାଲ ଓ ପାୱାର ବୋଟ୍ ଦ୍ୱାରା କୁମ୍ଭୀରକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସବୁଥର କୁମ୍ଭୀରଟି ଚକ୍‌ମା ଦେଇ ଖସିଯିବାରେ ସଫଳ ହୋଇଥିଲା। ତେବେ ୪ଦିନର ପ୍ରୟାସ ପରେ ଆଜି କୁମ୍ଭୀରଟି ଧରାପଡ଼ିବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡ଼ି ଦିଆଯିବ ବୋଲି ମୋଟୁ ବନପାଳ ରଶ୍ମିରଂଜନ ସ୍ୱାଇଁ ସୂଚନା ଦେଇଛନ୍ତି।

■ ଝିରପାଣି ମେଳାରେ ଅଗ୍ନିକାଣ୍ଡ

## ଜଳିଗଲା ୨୦ରୁ ଊର୍ଦ୍ଧ୍ୱ ଦୋକାନ



ରାଉରକେଲା, ୪।୮ (ସମିସ): ଝିରପାଣି ଫୁଟବଲ୍ ପଡ଼ିଆଠାରେ ଲାଗିଥିବା ମେଳାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଭିଯୋଗ ହୋଇଛି। ନିଆଁ ଲାଗିଥିବା ବେଳେ ଦୁଇଟି ଗ୍ୟାସ ସିଲିଣ୍ଡର ଫାଟିଥିବା ସୂଚନା ମିଳିଛି। ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ। ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି

# ୭ରେ ପୁରୀରେ ବିଜେଡିର ହରତାଳ



ପୁରୀ,୪।୮ (ସମିସ): ଜୀବନ ଯୁଦ୍ଧରେ ହାରିଗଲେ ବଳଙ୍ଗା ପୀଡ଼ିତା। ଦୀର୍ଘ ୧୫ ଦିନ ମୃତ୍ୟୁ ସହ ଲଢ଼େଇ କରି ଶେଷର ଆଖି ବୁଜିଦେଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରିନାହିଁ। କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା,

### ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ବନ୍ଦ ଡକରା

ତାହା ଜଣାପଡ଼ିନାହିଁ। ତେଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ଦାବିରେ ଆସନ୍ତା ୭ତାରିଖରେ ପୁରୀ ଜିଲ୍ଲାରେ ବିଜେଡି ହରତାଳ କରିବ। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଅର୍ଥାତ୍ ୬ଘଣ୍ଟା ପର୍ଯ୍ୟନ୍ତ ପୁରୀ ବନ୍ଦ ରହିବ ବୋଲି ସୋମବାର ହୋଟେଲ ହଲିଡେ' ରିସର୍ଟ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଅଧ୍ୟକ୍ଷତା କରି କହିଥିଲେ ଯେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ଛିଡ଼ା ହୋଇଛି। ଥାନାରେ ଅଭିଯୋଗ ଏବଂ ପୀଡ଼ିତାଙ୍କ ପରିବାର ପ୍ରଥମେ ଗଣମାଧ୍ୟମରେ ବୟାନ ରଖିଥିଲେ ଯେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ଉଠାଇ ନେଇ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଗଣମାଧ୍ୟମରେ କୁହାଗଲା, ପୀଡ଼ିତାଙ୍କର ଚିକିତ୍ସାରେ ସୁଧାର ଆସୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି। ଖୁବ୍‌ଶୀଘ୍ର ସେ ଭଲ ହୋଇଯିବେ। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୀଡ଼ିତାଙ୍କ ବାପାଙ୍କ ଉପରେ କ'ଣ ଚାପ ପଡ଼ିଲା ଯେ ସେ ତାଙ୍କର ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା, ସେ ତାଙ୍କ ଘରେ କରିପାରିଥା'ନ୍ତେ। ତାହା ନ କରି ଅଧକିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ ବୋଲି ପ୍ରଶ୍ନ କରିଛନ୍ତି ଉମା। ସେହିପରି ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି। ଜିଲ୍ଲା ବିଜେଡି ସଭାପତି କହିଛନ୍ତି, ପୁଲିସ ସବୁବେଳେ କହିଲା ଆମେ ତଦନ୍ତ କରୁଛୁ, ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ହେଲେ କୁଆଡ଼େ ଗଲେ ଦୋଷୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମୂହିକ ଭାବେ ଦେଖିଲେ, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏକ ରହସ୍ୟଘେରରେ ରହିଛି। ଘଟଣାର ସତ୍ୟାସତ୍ୟ ଯଥାଶୀଘ୍ର ସରକାର ଉନ୍ମୋଚନ କରନ୍ତୁ। ରାଜ୍ୟ ସରକାର ଜାଣିଶୁଣି ଦୋଷୀଙ୍କୁ ଚିହ୍ନଟ କରୁ ନଥିବା ନେଇ ଅଭିଯୋଗ କରିଛି ବିଜେଡି। ପୁରୀ ହେଉଛି ଜଗନ୍ନାଥଙ୍କ ମାଟି। ଏଠି ସତ୍ୟର ଉନ୍ମୋଚନ ହେଉ ଏବଂ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି ବିଜେଡି ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ।

ଏ ନେଇ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯିବ। ଅତ୍ୟାବଶ୍ୟକ ସେବାରୁ ଏହି ହରତାଳରୁ ବାଦ୍ ଦିଆଯାଇ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ ବୋଲି ଶ୍ରୀ ସାମନ୍ତରାୟ ଘୋଷଣା କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ନିମାପଡ଼ାର ଯୁବନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ବଳଙ୍ଗା ପୀଡ଼ିତାଙ୍କ ଶେଷକୃତ୍ୟ ସମ୍ପନ୍ନ



ବଳଙ୍ଗା, ୪।୮(ସମିସ): ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିବା ବଳଙ୍ଗା ପୀଡ଼ିତା ନୂଆ ଗୋପାଳପୁର ଗ୍ରାମର ସମିଦା ଖାତୁନଙ୍କ ଆଜି ପୂର୍ବାହ୍ନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବାୟାବରର ନୂଆ ଗୋପାଳପୁର ଗ୍ରାମର କବରସ୍ଥାନରେ ଇସ୍‌ଲାମ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କ ମୃତଦେହକୁ କବର ଦିଆଯାଇଛି। ଏଥିପାଇଁ ଗାଁରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଦୁଇ ସପ୍ତାହର ସଂଘର୍ଷ ପରେ ଦିଲ୍ଲୀ ଏମ୍‌ସରେ ସମିଦା ଜୀବନ ଯୁଦ୍ଧରେ ହାରିଯାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗତକାଲି ବିମାନରେ ତାଙ୍କ ଶବ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିଏମ୍‌ସି ମହାପ୍ରୟାଣ ଗାଡ଼ିରେ କଡ଼ା ସୁରକ୍ଷାବଳୟରେ ତାଙ୍କ ଗାଁ ନୂଆ ଗୋପାଳପୁରକୁ ନିଆଯାଇଥିଲା। ଆଜି ସକାଳେ ଧାର୍ମିକ ରୀତିନୀତି ଅନୁଯାୟୀ ପରିବାର ଓ ସଂପର୍କୀୟଙ୍କ ଉପସ୍ଥିତିରେ ତାଙ୍କୁ କବର ଦିଆଯାଇଥିଲା।

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

# ସରକାର ଓ ପ୍ରଶାସନ ବାରମ୍ବାର ଅବହେଳା କରିଛି: ଏବିଭିପି

ଭୁବନେଶ୍ୱର, ୪।୮ (ସମିସ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏହି ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର କହିବା ସହ ଓଡ଼ିଶା ପୁଲିସ୍ ଉପରେ ବର୍ଷିଛି ଏବିଭିପି। ପୁଲିସ୍ କାର୍ଯ୍ୟାନୁଷ୍ଠାନକୁ ପକ୍ଷପାତିତା ଦର୍ଶାଇ ରାଜନୈତିକ ମାଲିକଙ୍କୁ ବଞ୍ଚାଇବାକୁ ଏହା ଏକ ବିଫଳ ପ୍ରୟାସ ବୋଲି କହିଛି।

ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ସରକାର ଓ ପ୍ରଶାସନ ଦ୍ୱାରା ଛାତ୍ରୀଙ୍କ ଅଭିଯୋଗକୁ ବାରମ୍ବାର ଅବହେଳା କରାଯାଇଥିଲା। ଫଳରେ ବ୍ୟାପକ ମାନସିକ ନିର୍ଯାତନା ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି। ଏହାସହ ଦୀର୍ଘକାଳୀନ ମାନସିକ ଆଘାତ, ସଂସ୍ଥାଗତ ଓ ପ୍ରଶାସନିକ ଚାପ ତାଙ୍କୁ ବହୁ ପରିମାଣରେ ଅସହାୟ ଓ ଅସୁରକ୍ଷିତ ଅନୁଭବ କରାଇଥିଲା। ନ୍ୟାୟ ପାଇଁ ବାରମ୍ବାର ଅଭିଯୋଗ ଓ ପ୍ରୟାସ ସତ୍ତ୍ୱେ ତାଙ୍କୁ କେହି ନଶୁଣିବା ମାନସିକସ୍ତରରେ ତାଙ୍କୁ ଦୁର୍ବଳ କରିଥିଲା। ଏହା ଆତ୍ମହତ୍ୟାର ମୂଳ କାରଣ। ହେଲେ, ଏସବୁ ବିଷୟକୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ପୁଲିସ୍‌ର ମନୋଭାବ ନେଇ ପ୍ରଶ୍ନ ଉଠାଇଛି ଏବିଭିପି। ଚରିତ୍ର ସଂହାର କରିଥିବା ଛାତ୍ର ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

- ରାଜନୈତିକ ଷଡ଼ଯନ୍ତ୍ର କହି ଓଡ଼ିଶା ପୁଲିସ୍ ଉପରେ ବର୍ଷିଲା
- ଗିରଫଦାରୀକୁ ଦର୍ଶାଇଲା ପୁଲିସ୍‌ର ବିଫଳତା
- ଚରିତ୍ର ସଂହାର କରିଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନେଉ ନଥିବା ବେଳେ ଛାତ୍ରୀଙ୍କୁ ରକ୍ଷା କରିବାକୁ ପ୍ରୟାସ କରି ପୋଡ଼ି ହୋଇଥିବା ସହପାଠୀଙ୍କୁ ଗିରଫ କରିବା ପୁଲିସର ବିଫଳତା ବୋଲି କୁହାଯାଇଛି।

ପ୍ରତିକ୍ରିୟାରେ ଏବିଭିପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ବୀରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି ଯେ ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ କରାଯାଉ। ତଦନ୍ତର ପରିସୀମା ଘଟଣା ପର୍ଯ୍ୟନ୍ତ ସୀମିତ ନରହି ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ମାନସିକ ଓ ପ୍ରଶାସନିକ କାରଣ ସମ୍ପର୍କରେ ତଦନ୍ତ ହେଉ। ଚରିତ୍ର ସଂହାର ଓ ମାନସିକ ନିର୍ଯାତନା ଦେଇଥିବା ଦୋଷୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନୁରୂପ ଭାବେ, ଓଡ଼ିଶା ପୂର୍ବପ୍ରାନ୍ତ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ରାଜ୍ୟ ପୁଲିସ୍ ଏବିଭିପି କାର୍ଯ୍ୟକର୍ତ୍ତାଙ୍କୁ ହଇରାଣ କଲେ ବା ନିର୍ଦ୍ଦୋଷଙ୍କୁ ଫସାଇବାକୁ ପ୍ରୟାସ କଲେ, ଦୃଢ଼ ବିରୋଧ କରାଯିବ। ପୁଲିସ ଦଳୀୟ ମନୋଭାବ ଜାରି ରଖିଲେ ସହ୍ୟ କରାଯିବ ନାହିଁ। ରକ୍ଷା କରିଥିବା ସହପାଠୀଙ୍କୁ ଗିରଫଦାରୀ ଦୁର୍ଭାଗ୍ୟଜନକ। ସହପାଠୀଙ୍କୁ ଅପରାଧୀ କହିଲେ ଭବିଷ୍ୟତରେ ପୀଡ଼ିତାଙ୍କୁ କେହି ସାହାଯ୍ୟ କରିବାକୁ ଆସିବେ ନାହିଁ ବୋଲି ସେ ଚେତାଇଛନ୍ତି।

ବଳଙ୍ଗା ଓ ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

# ୧୨ ଓ ୧୪ରେ ନାରୀ ନ୍ୟାୟ ଯାତ୍ରା

ଭୁବନେଶ୍ୱର,୪।୮ (ସମିସ): ବାଲେଶ୍ୱର ଓ ବଳଙ୍ଗା ଅପମୃତ୍ୟୁ ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇବ ରାଜ୍ୟ କଂଗ୍ରେସ। ନାରୀ ନ୍ୟାୟ ପାଇଁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଓ ୧୨ ତାରିଖରେ ବଳଙ୍ଗା ପୋଡ଼ି ଘଟଣାସ୍ଥଳରୁ ନିମାପଡ଼ା ପର୍ଯ୍ୟନ୍ତ ଦଳ ଏକ ପଦଯାତ୍ରା କରିବ। ଏହି ପଦଯାତ୍ରା ପରେ ସେଠାରେ ଏକ ସମାବେଶ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ଆମେ ବଳଙ୍ଗା ପୀଡ଼ିତାଙ୍କ ନ୍ୟାୟ ପାଇଁ ୭ ଦିନ ସମୟ ଦେଇଛୁ। ଯଦି ନ୍ୟାୟ ନ ମିଳେ, ତେବେ କଟକ

### ଡିଜି ଅଫିସ ସହ ସବୁ ଥାନା ଘେରିବ ଦଳ

ସ୍ଥିତ ଡିଜିପି ଅଫିସ କଂଗ୍ରେସ ପକ୍ଷରୁ ଘେରାଉ କରାଯିବ। ପୁଣି ସାରା ରାଜ୍ୟରେ ଥାନା ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି। ଏହା ପୁଲିସ ସହ ଲଢ଼େଇ ନୁହେଁ, ରାଜନୈତିକ ଅଭିସନ୍ଧି ରଖି ଅପରାଧୀଙ୍କୁ ସରକାର ସୁରକ୍ଷା ଦେଉଛି। ପୁଲିସକୁ ବିବେକ ଅନୁଯାୟୀ କ୍ରିୟାଶୀଳ ହେବାପାଇଁ କଂଗ୍ରେସ ଦଳ ଆହ୍ୱାନ ଦେଉଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବଳଙ୍ଗା ପୀଡିତା ସ୍ୱାସ୍ଥ୍ୟବସ୍ଥା



ଦିଲ୍ଲୀ ଯିବା ପୂର୍ବରୁ ଠିକ ଥିଲା; କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ବଦଳରେ ମୃତ୍ୟୁ ହେଲା। ସମୁଦାୟ ଚାରିଥର ବୟାନ ନିଆଯାଇଥିଲା। ଏଥିରୁ ଜଣାପଡୁଛି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିଲା। ତେବେ କ'ଣ ହେଲା ଯେ ତାଙ୍କର ହଠାତ ମୃତ୍ୟୁ ହୋଇଗଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏହାସହିତ ବୟାନର ରେକର୍ଡିଙ୍ଗ ସାର୍ବଜନୀନ କଲେ ଅସଲ ରହସ୍ୟ ଜଣାପଡ଼ିବ। ଅନ୍ୟପଟେ ବାଇକରେ ଚାରିଜଣ ବସିକି ଯିବା ସମ୍ଭବ ନୁହେଁ, ତେଣୁ ତିନିଜଣ ଦୁର୍ବୃତ୍ତ ପୀଡ଼ିତାଙ୍କୁ ବାଇକରେ ବସେଇ ନେଇ ନାହାନ୍ତି ବୋଲି ପୁଲିସ ଯୁକ୍ତି କରୁଛି। ଆଜି ମଧ୍ୟ ଗ୍ରାମ ମାନଙ୍କରେ ଚାରି ପାଞ୍ଚ ଜଣ ବସନ୍ତି। ତେଣୁ ପୁଲିସର ତର୍କର କୌଣସି ଆଧାର ନାହିଁ। କେବଳ ଭୁଆଁ ବୁଲାଇବା କଥା। ଏଫଏମ କଲେଜ ଓ ବଳଙ୍ଗା ଘଟଣାର ସାମଞ୍ଜସ୍ୟ ଅଛି। କଲେଜ ଆତ୍ମଦାହ ଘଟଣାରେ କିଏ ପେଟ୍ରୋଲ ଆଣିଥିଲା କିଏ ପ୍ରବର୍ତ୍ତାଇ ଥିଲା, ଆଜି ମଧ୍ୟ ସନ୍ଦେହ ଘେରରେ। ପୁଲିସ କାହିଁକି ବାଲେଶ୍ୱର ଘଟଣାରେ ଏଫଆଇଆର ଗ୍ରହଣ କଲାନାହିଁ ବୋଲି ଭକ୍ତ ନିଜର ପ୍ରଶ୍ନକୁ ପୁଣି ଦୋହରାଇଥିବା ବେଳେ ସେଠାକାର ଏମପି, ଏମଏଲଏ, ମନ୍ତ୍ରୀ, ଏସପି, ଆଇଆଇସି ଏବଂ କଲେଜ ପ୍ରିନ୍ସିପାଲଙ୍କ ଫୋନ କଲି ରେକର୍ଡରୁ ସତ୍ୟ ପ୍ରଘଟ ହେବ ବୋଲି ଭକ୍ତ କହିଛନ୍ତି। ପ୍ରକୃତରେ କାହା ପାଇଁ ପୁଲିସ ଏଫ୍‌ଆଇଆର ଗ୍ରହଣ କଲା ନାହିଁ ଜଣା ପଡ଼ିଯିବ। ବାରମ୍ବାର ଏଫ୍‌ଇଆରକୁ ନେଇ କଂଗ୍ରେସ ପ୍ରଶ୍ନ ପଚାରିଛି। ଏହାର ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମାନ ଭାବେ ବଳଙ୍ଗା ପୀଡିତାର ବୟାନ ନେଇଥିଲେ ମଧ୍ୟ ପୁଲିସ ୧୫ ଦିନ ପର୍ଯ୍ୟନ୍ତ ଜଣେ ଅଭିଯୁକ୍ତକୁ ଗିରଫ କରି ପାରିଲା ନାହିଁ। ତେବେ ଅନୁସନ୍ଧାନକୁ ବୁଲାଇବା ପାଇଁ ବୟାନ ନେଲା ନା ଅଭିଯୁକ୍ତଙ୍କୁ ଧରିବା ପାଇଁ ବୋଲି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

# ଜେଲ୍ ଗଲେ କୋଟିପତି ଏମଭିଆଇ

### ଆୟଠାରୁ ୬୩୦ ପ୍ରତିଶତ ଅଧିକ ସଂପତ୍ତି



ବାରିପଦା, ୪।୮ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗତକାଲି ଧରାପଡ଼ିଥିବା କୋଟିପତି ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ଭିଜିଲାନ୍ସ ଆଜି କୋର୍ଟଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଚଢ଼ଉ ବେଳେ ତାଙ୍କର ଠାବ ହୋଇଥିବା ସଂପତ୍ତି ତାଙ୍କ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକ ଆଜି ବାରିପଦାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟପଟେ ତାଙ୍କୁ ଚାକିରିରୁ ମଧ୍ୟ ନିଲମ୍ବନ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସୁପାରିସ୍ କରାଯାଇଛି।

ଏସ୍‌ପି ଶ୍ରୀ ନାୟକଙ୍କ ସୂଚନାନୁଯାୟୀ, ଏମ୍‌ଭିଆଇ ଶ୍ରୀ ହାଁସଦାଙ୍କ ପାଖରୁ ଠାବ ସଂପତ୍ତିର ପରିମାଣ ୬କୋଟି ୩୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ୧୯୯୧ ମସିହାରେ ଶ୍ରୀ ହାଁସଦା ଚାକିରି ଆରମ୍ଭ କରିଥିଲେ। ଚାକିରି କାଳ ମଧ୍ୟରେ ସେ ସମୁଦାୟ ୧କୋଟି ୧୦ଲକ୍ଷ ଟଙ୍କା ଦରମା ପାଇଛନ୍ତି। କିନ୍ତୁ ବାକି ସଂପତ୍ତିର ଉତ୍ସ ସଂପର୍କରେ ସେ ସଠିକ୍ ତଥ୍ୟ ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଜମି କିଣିବା ଶ୍ରୀ ହାଁସଦାଙ୍କ ନିଶା ଥିଲା। ନିଜର ସହାୟକଙ୍କ ନାମରେ ସେ ଉଚ୍ଚଦରରେ ଜମି କିଣିବା ପରେ ସ୍ୱଳ୍ପଦରରେ ତାକୁ ନିଜ ନାମରେ କରାଇ ନେଉଥିଲେ। ଏମିତି କରି ସେ ଭିଜିଲାନ୍ସ ନଜରରୁ ବର୍ତ୍ତିବାକୁ ଚେଷ୍ଟା କରୁଥିଲେ।

୨୦୦୯-୧୦ ମସିହାରେ ଶ୍ରୀ ହାଁସଦା ବାରିପଦା ଏମ୍‌ଭିଆଇ ଥିବା ବେଳେ ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ଏମଭିଆଇ ଥିଲେ। ତାଙ୍କ ନାମରେ ବାରମ୍ବାର ଦୁର୍ନୀତି ଜନିତ ଅଭିଯୋଗ ଆସୁଥିଲା। ଏଥିପାଇଁ ଭିଜିଲାନ୍ସ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ରବିବାର ଭିଜିଲାନ୍ସ ତାଙ୍କ ବାରିପଦାସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କର ବାରିପଦା ଓ ବାଲେଶ୍ୱରରୁ ମୋଟ ୪୪ଟି ପ୍ଲଟ୍ ଠାବ କରିଥିଲା। ସେହିପରି ୧ କେଜି ସୁନା, ୨ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ବ୍ୟାଙ୍କ୍, ପୋଷ୍ଟାଲ ଓ ବୀମା ଆକାଉଣ୍ଟରୁ ୧କୋଟି ୩୪ଲକ୍ଷ ୯ହଜାର ୧୯୩ ଟଙ୍କା, ଦୁଇ ତାଲା କୋଠା ଆଦି ଠାବ ହୋଇଥିଲା। ଏହାବ୍ୟତୀତ, ଝିଅର ଡାକ୍ତରୀ ପଢ଼ା ପାଇଁ ୪୦ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ଗୋଟିଏ କାର, ୩ଟି ବାଇକ ଏବଂ ୧୬ଲକ୍ଷ ୬ ହଜାର ଟଙ୍କାର ଘର ଆସବାବପତ୍ର ଥିବା ଜଣାପଡ଼ିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ନମ୍ବର ୭/୨୫ରେ ଏକ ମାମଲା ରୁଜୁ ହୋଇଛି। ପରେ ସ୍ୱତନ୍ତ୍ର ଜଜ୍ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ବାରିପଦା ମଣ୍ଡଳ କାରାଗାରର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଗକୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣିବା ନେଇ ସୂଚନା ମିଳିଛି।

● ଆଇନ ବିଭାଗର ବିଜ୍ଞପ୍ତି

## ପ୍ରତିଷ୍ଠା ହେବ ୧୧ଟି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ

ଭୁବନେଶ୍ୱର,୪।୮ (ସମିସ): ଜନସାଧାରଣଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ ପାଇଁ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୋଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କୀ ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଛି।

## ୪ ଜିଲ୍ଲା ପାଇଁ ବିଜେଡି ସଭାପତି ନିଯୁକ୍ତି

ଭୁବନେଶ୍ୱର, ୪।୮(ସମିସ): ବିଜେଡି ପକ୍ଷରୁ ୪ ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ବିକ୍ରମ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ କେନ୍ଦ୍ରାପଡ଼ା ପାଇଁ ଶିବ ପ୍ରସାଦ ଭୋଳ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରୀ ଓ କଟକ ଜିଲ୍ଲା ପାଇଁ ପ୍ରଫୁଲ୍ଲ ସିଂଙ୍କୁ ନିଯୁକ୍ତି ମିଳିଛି।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜେରା

କଟକ, ୪।୮(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣାରେ ବୋର୍ଡ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ଗିରଫଦାରୀ ପରେ ଶ୍ରୀ ମହାନ୍ତିଙ୍କ ସହ ଗତ କିଛି ଦିନ ଧରି ବୋର୍ଡ କାର୍ଯ୍ୟାଳୟର ଆଉ କେଉଁମାନେ ଅଧିକ ସମ୍ପର୍କରେ ଥିଲେ, ତାହାର ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟର ଆଉ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ମହିଳା ଡାଟାଏଣ୍ଟ୍ରି ଅପରେଟର୍‌ଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ କି ଭୂମିକା ରହିଥିଲା, ଉପ-ସଭାପତିଙ୍କ ଲାପଟପକୁ ସେ ବ୍ୟବହାର କରିଥିଲେ କି ନାହିଁ; ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଇଛି। ଅପରପକ୍ଷେ, ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀହାର ରଂଜନ ମହାନ୍ତି, ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି। ରିମାଣ୍ଡରେ ଅଣାଗଲେ ଏମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବା ଫଳରେ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଇଛି। ବିଶେଷକରି ପ୍ରଶ୍ନପତ୍ର ଲିକ ଘଟଣାରେ ଟଙ୍କା କାରବାର ଉପରେ ଅଧିକ ଖୋଳତାଡ଼ କରାଯିବ। ବିଭିନ୍ନ ଜିଲ୍ଲାରୁ କେତେ ଟଙ୍କା କାହା ଜରିଆରେ ଆଦାୟ ହୋଇଛି, ସେ

### ୩ଜଣଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ

ସମ୍ପର୍କିତ ତଥ୍ୟ ଏମାନଙ୍କୁ ଅଧିକ ଜେରା ପରେ ମିଳିପାରିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ।

ପୂର୍ବରୁ ମଧ୍ୟ ଗତ ୨୦୧୯ ଓ ୨୦୨୨ରେ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ଉଠିଥିଲା। ସେହି ସମୟରେ ବୋର୍ଡ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ଜେରା କରିବ ବୋଲି କୁହାଯାଉଛି। ବୋର୍ଡ ଉପସଭାପତି ଓ ଡାଟାଏଣ୍ଟ୍ରି ଅପରେଟର୍ ଗିରଫ ହେବା ସତ୍ତ୍ୱେ ବୋର୍ଡର ଆଉ କିଛି କର୍ମଚାରୀ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଥିବା ନେଇ କ୍ରାଇମବ୍ରାଞ୍ଚ ସନ୍ଦେହ ପ୍ରକଟ କରିଛି। ବୋର୍ଡ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ବାରମ୍ବାର ଆସି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରୁଥିବା ବେଳେ ଅନ୍ୟ କର୍ମଚାରୀମାନେ ଆଶା ଆଶଙ୍କାରେ ରହିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଛନ୍ଦି ହୋଇଥିବା ବୋର୍ଡ ପାଇଁ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ଏକ ବଡ ଆହ୍ୱାନ ହୋଇଛି। ଏଥିପୂର୍ବରୁ ଲୋକସେବା ଭବନରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ପରୀକ୍ଷା ପରିଚାଳନାରେ କାହାର କ'ଣ ଭୂମିକା ରହିବ, ତାହାକୁ ନେଇ ବୋର୍ଡ ହରଡ଼ଘଣାରେ ପଡ଼ିଛି।

ପ୍ରକାଶଥାଉକି ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫଦାରୀ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୮ରେ ପହଞ୍ଚିଛି। ଆଗକୁ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ଜଣାପଡିଛି।

# ‘କୃମି ମୁକ୍ତ ଯାଜପୁର’ ଅଭିଯାନ ସମନ୍ୱୟ ବୈଠକ

ଯାଜପୁର,୪।୮ (ସମିସ):

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ‘କୃମି ମୁକ୍ତ ଯାଜପୁର’ ଅଭିଯାନ ନିମିତ୍ତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସୂଚନା ପ୍ରଦାନ ପୂର୍ବକ ୧୨ ଅଗଷ୍ଟ ୨୦୨୫ ଦିନ, ୧ରୁ ୧୯ ବର୍ଷର ସମସ୍ତ ଶିଶୁ ଓ ୨୦-୨୪ ବର୍ଷ ମହିଳା (ଗର୍ଭବତୀ କିମ୍ବା ପ୍ରସୂତି ହୋଇନଥିବେ) କୃମି ନାଶକ ଔଷଧ ଖାଇବେ। ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ଏହି ଔଷଧ ପ୍ରଦାନ କରାଯିବ। ଯେଉଁ ମାନେ ୧୨ ତାରିଖ ଦିନ ଖାଇ ନଥିବେ, ସେମାନେ ଅଗଷ୍ଟ ୧୯ ତାରିଖ ଦିନ ଖାଇବେ। ଜିଲାରେ ଯେହେତୁ ଫାଇଲେରିଆ ମୁକ୍ତ ଅଭିଯାନ ବରୀ, ବଡ଼ଚଣା, କୋରେଇ ବ୍ଲକ, ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ ଅଗଷ୍ଟ ୧୦ରେ ଆରମ୍ଭ ହେଉଛି, ସେହି ଅଞ୍ଚଳରେ ୧-୨ ବର୍ଷର ଶିଶୁମାନେ କୃମି ଔଷଧ ବୁଧବାର ଦିନ ଟିକାକରଣ କେନ୍ଦ୍ରରେ ଖାଇବେ ଓ ଅନ୍ୟ ହିତାଧିକାରୀ ମାନେ ଫାଇଲେରିଆ ମୁକ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ କୃମି ଔଷଧ ଖାଇବେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଗୋପାଳ ଚନ୍ଦ୍ର ମଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜିଲ୍ଲାର ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ସ୍କୁଲ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ ବିଭାଗ, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଅଧିକ୍ଷଣ ଯନ୍ତ୍ରୀ, ପାନୀୟ ଜଳ ଓ ପରିମଳ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସବମୋଟ ୭,୬୫,୨୬୭ ଜଣ ହିତାଧିକାରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ସେଥିରେ ୬,୭୨,୮୮୫ ଜଣ ୧ରୁ ୧୯ ବର୍ଷର ଶିଶୁ ଓ ୯୨,୩୮୨ ଜଣ ୨୦-୨୪ ବର୍ଷର ମହିଳା ଅଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୮୦୨୧ ଜଣ କର୍ମଚାରୀ ନିୟୋଜିତ ହେବେ। ଶତ ପ୍ରତିଶତ ସଫଳତା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ, ବ୍ୟସନଗର ପୌର ପରିଷଦ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ସୁଧାଂଶୁ ଶେଖର ନାୟକ, ଉପ ପରିଚାଳକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଯାଜପୁର ଧନ୍ୟବାଦ ଅର୍ପଣ କରିଥିଲେ।



## ୪୧ ହଜାର ଜରିମାନା ଆଦାୟ

ପାଣିକୋଇଲି, ୪।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଡାଭରସନ ନିକଟରେ ଆଜି ପରିବହନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଯାଜପୁର ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶରେ ଏମଭିଆଇ ପି.କେ ବେହେରା, ଟି. କିଶୋର, ଟି. ହିରୋ ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ସନ୍ତୋଷ କୁମାର ମଲିକ, ମୃତ୍ୟୁଞ୍ଜୟ ପହୀ, ମାନସ ଖଣ୍ଡେଇ ପ୍ରମୁଖ ସଦଳବଳେ ବେଆଇନ ପାର୍କିଂ, ରଙ୍ଗରୁଟରେ ଗାଡି ଚଳାଚଳ ଓ ହେଲମେଣ୍ଟ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ନିୟମ ଭାଙ୍ଗୁଥିବା ଚାଳକଙ୍କ ଠାରୁ ୪୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପରିବହନ ବିଭାଗ ସୂତ୍ରରୁ ଜଣାପଡିଛି।

## ବିଞ୍ଝାରପୁର ମାଟିର ଝିଅ ପୁରୀରେ ସମ୍ମାନିତ



ବିଞ୍ଝାରପୁର,୪।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ମଇଁଦା ରୋଡ୍ ଠାରେ ଅବସ୍ଥିତ ତପସ୍ୱିନୀ ଡାନ୍ସ ସ୍କୁଲ୍ ଆଣ୍ଡ ଗ୍ରୁପର ନୃତ୍ୟ ଗୁରୁ ସୁଶ୍ରୀ ତପସ୍ୱିନୀ ମଲ୍ଲିକ୍ ଶ୍ରୀକ୍ଷେତ୍ର ପୁରୀରେ ସମ୍ମାନିତ ହୋଇଛନ୍ତି। ମାତ୍ର ୨୧ ବର୍ଷ ବୟସରେ ସେ ତାଙ୍କ ଦକ୍ଷତା ପାଇଁ ଆଜି ଜଣେ ଭଲ ନୃତ୍ୟଗୁରୁ ଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜଣାଶୁଣା ହୋଇପାରିଛନ୍ତି। ତପସ୍ୱିନୀ ନିଜର ପରାକାଷ୍ଠା ଏବଂ ଦକ୍ଷତା ପାଇଁ ଶ୍ରୀକ୍ଷେତ୍ର ପୁରୀରେ କଲ୍‌ଚୁରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ନେସନାଲ୍ ମେଗା ପ୍ରେଷ୍ଟିଜିୟସ ଆୱାର୍ଡ ସେରିମନି-୨୦୨୫ ‘ଆଦିକଳା ସମ୍ମାନ’ରେ ଅନ୍ନପୂର୍ଣ୍ଣା ଥିଏଟର-ଏ’ଠାରେ ସମ୍ମାନିତ ହୋଇଛନ୍ତ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି ଡ. ଉପେନ୍ଦ୍ର କୁମାର ଶର୍ମା, ଅଭିନେତା କିଶୋର ଦାସ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ତପସ୍ୱନୀଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର



ପାଣିକୋଇଲି, ୪।୮ (ସମିସ): ପାଣିକୋଇଲିସ୍ଥିତ ମା’ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଦଳୟ ଠାରେ ଆଜି ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ ଓ ଜାତୀୟ ଶିକ୍ଷାନୀତି-୨୦୨୦ରୁ ୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦୃଷ୍ଟିଗତ ସମସ୍ୟା ପାଇଁ ଉଚ୍ଚ ଚିକିତ୍ସା ଆବଶ୍ୟକ କରୁଥିବା ମୋଟ ପିଲାମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ନେଇ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୪ଗୋଟି ବିଦ୍ୟାଳୟରୁ ୪୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ଆବଶ୍ୟକୀୟ ଉପକରଣ ପରବର୍ତି ପର୍ଯ୍ୟାୟରେ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ଯୋଗାଇ ଦିଆଯିବ। ଅଧିକ ଚିକତ୍ସା ପାଇଁ ଆରବିଏସକ ତରଫରୁ ସମସ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ନିଷ୍ପତି ନିଆଯାଇଛି। କାର୍ଯ୍ୟକ୍ରମର ସୁପରିଚାଳନା କରିବା ପାଇଁ ପ୍ରଧାନ ଶିକ୍ଷକ ଅବଦୁଲ ସୟଦ ଖାନ, ବିଆର୍‌ପି ନିରୁପମା ବେହେରା, ବିଆର୍‌ପି ତପନ କୁମାର ଜେନା ସହାୟତା କରିଥିଲେ। ଜେପିଏମ୍ ରୋଟାରୀ ଆଇ ହସପିଟାଲ ଓ ସାଇଟ ସେଭର୍ସର ଚକ୍ଷୁ ବଶେଷଜ୍ଞ ଶୁଭଦା ନାୟକ, ଦୀପଶିଖା ବେହେରା ଓ ପ୍ରଶ୍ନଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅନ୍ତେନିବାସୀ ଶିକ୍ଷା ସଂଯୋଜିକା ବନ୍ଦନା ଜେନା ପରିଚାଳନା କରିଥିଲେ।

## ଭିଏଲ୍‌ଡବ୍ଲୁଙ୍କ ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ଧର୍ମଶାଳା,୪।୮ (ସମିସ): ପୁଲିସର ଅପାରଗତ ଯୋଗୁଁ ଧର୍ମଶାଳା ଥାନା ଅଞ୍ଚଳରେ ଘର ଚୋରି ଦିନକୁ ଦିନ ବଢିବାରେ ଲାଗିଛି। ଗତ ଦୁଇ ଦିନ ତଳେ ଏହି ଥାନା ନାକପୋଲ ଅଞ୍ଚଳରୁ ଜୈନକ ବ୍ୟକ୍ତିଙ୍କ ଘରୁ ଚୋର କଳାକନା ବୁଲାଇଥିବା ବେଳେ ଗତକାଲି ରାତିରେ ପୁଣି ଏହି ଥାନା କୁମାରୀ ଅଞ୍ଚଳର ଜଣକ ଘରେ ରାତିରେ ଚୋର ପଶି କଳାକନା ବୁଲାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା କୁମାରୀ ଗ୍ରାମରେ ରହୁଥିବା ଅବସରପ୍ରାପ୍ତ ଭିଏଲଡବ୍ଲୁଙ୍କ ଘରେ ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଆଇନକୁ ଆଖିଠାର ମାରିବା ସଦୃଶ୍ୟ ନାମକୁ ମାତ୍ର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଛି। ହେଲେ ସବୁଥର ଭଳି ଏଥର ମଧ୍ୟ ଫଳ ସୂନ ବୋଲି ଜଣାପଡିଛି। କୁମାରୀ ଗ୍ରାମର ଅବସରପ୍ରାପ୍ତ ଭିଏଲଡବ୍ଲୁ କୃଷ୍ଣଚନ୍ଦ୍ର ବେହେରା ଓ ତାଙ୍କ ପରିବାର ରବିବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ। ଯେଉଁ କୋଠରିରେ ଆଲମିରା, ଟଙ୍କା ଓ ସୁନା ଅଲଙ୍କାର ରହିଥିଲା। ସେ ଘରେ କେହି ଶୋଇନଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଘରେ ପଛ ପଟେ ଥିବା ଝରକା ଗ୍ରୀଲ ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଏବଂ ଘରର ଭିତର ପଟରୁ କବାଟ ବନ୍ଦ କରି ଆଲମିରା ଖୋଲି ନଗଦ ୨୦ହଜାର ଟଙ୍କା ସହିତ ୨ଟି ସୁନାଚେନ, ୨ଟି ସୁନାହାର, ୫ଟି ସୁନାମୁଦୀ, ୨ଟି ଘଣ୍ଟା, ଏଟିଏମ କାର୍ଡ ଓ ତାଙ୍କ ଝିଅ ରଶ୍ମିରେଖା ବେହେରା ରଖି ଥିବା ୨୦ହଜାର ଟଙ୍କା, ୪ହଳ କାନଫୁଲ, ୫ହଳ ପାଉଁଜି, ୧ଟି ରିଙ୍ଗ କାନଫୁଲ ଲୁଟି ନେଇଛନ୍ତି। ଭୋରୁ ପରିବାର ଲୋକେ ଉଠି କବାଟ ଖୋଲିଲା ବେଳକୁ ବାହାର ପଟୁ ବନ୍ଦ ଥିଲା। ପଡୋଶୀମାନେ ଡାକ ଶୁଣି ଘରର କବାଟ ଖୋଲିବା ପରେ ଘରୁ ଚୋରି ହୋଇଥିବା ଶ୍ରୀ ବେହେରା ଜାଣି ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଆଧାର କରି ୪୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଧର୍ମଶାଳା ଥାନା ଅଞ୍ଚଳରେ ଏଭଳି ବାରମ୍ବାର ଚୋରୀ ହେଉଥିବା ବେଳେ ପୁଲିସ ଅଦ୍ୟାବଧି କାହାରିକୁ ଧରିବାରେ ସଫଳ ନହେବା ଫଳରେ ଚୋରଙ୍କ ମନବଳ ବୃଦ୍ଧି ପାଇବା ସଙ୍ଗେ ସେମାନେ ଗୋଟିଏ ପରେ ଗୋଟି କାଣ୍ଡ ଘଟାଇ ଚାଲିଛନ୍ତି। ପୁଲିସର ନିଷ୍କ୍ରିୟତାକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ନିତ୍ୟ ଯୋଗ ସମିତି ପକ୍ଷରୁ ଜଡ଼ିବୁଟି ଦିବସ




ଯାଜପୁର,୪।୮ (ସମିସ): ନିତ୍ୟ ଯୋଗ ସମିତି ଯାଜପୁର ପକ୍ଷରୁ ସୋମବାର ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି। ରାମଦେବଙ୍କର ସହଯୋଗୀ ଆଚାର୍ଯ୍ୟ ବାଲକ୍ରୀଷ୍ଣନଙ୍କ୍ ଜନ୍ମ ଜୟନ୍ତୀ ଉପଲକ୍ଷେ ଜଡ଼ିବୁଟି ଦିବସ ପରିପ୍ରେକ୍ଷୀରେ ଯୋଗ ସମିତିର ଗୁରୁଜୀ ମନ୍ମଥ କୁମାର ସାମଲ, ଗୋପୀନାଥ ସେଠୀ, ସତ୍ୟ ମହାନ୍ତିଙ୍କ ଆବାହକତ୍ୱରେ ଏହି ଦିବସ ପାଳନ ସମ୍ପର୍କରେ ସଦସ୍ୟ ମାନଙ୍କୁ ଅବଗତ କରାଯିବା ସହିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏଥିରେ ସଦସ୍ୟ ଶ୍ରୀନିବାସ ସାହୁ ଦେବେନ୍ଦ୍ର କୁମାର ସେଠୀ, ଚିତରଞ୍ଜନ ସାମନ୍ତ ରାୟ, ଆନନ୍ଦ ଚନ୍ଦ୍ର ସାହୁ, ରେବତୀ ଜେନା, ଦେବେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଔଷଧୀୟ ଚାରାରୋପଣ କରିଥିଲେ।

## ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

ସୁକିନ୍ଦା,୪।୮ (ସମିସ): ସୁକିନ୍ଦା ହାତୀବାରି ରାସ୍ତାର ଖରଡ଼ି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ଦେହୁରୀ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ରଘୁନାଥପୁର୍ ଗ୍ରାମ ସନାତନ ଦେହୁରୀ ଗତ ରବିବାର ରାତିରେ ଘରକୁ ଫେରୁଥିବା ସମୟରେ ଖରଡ଼ି ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟୁତ ଆଘାତରେ ଯୁବକ ଗୁରୁତର

ସୁକିନ୍ଦା,୪।୮ (ସମିସ): ଓସ୍ତପାଳ ପଞ୍ଚାୟତର ବାଲିଗୋଠ ଗ୍ରାମର ହୀରାଲାଲ ମହାନ୍ତ(୩୬) ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚନା ମୁତାବକ ବାଲିଗୋଠ ଗ୍ରାମ ସୋମନାଥ ମହାନ୍ତଙ୍କ ପୁଅ ହୀରାଲାଲ ଗତ ରବିବାର ରାତିରେ ଘରେ ଫ୍ୟାନ ଲଗାଉଥିବା ସମୟରେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ହୀରାଲାଲକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଜାରି ରହିଛି।

## ଦେବୀଗଡ଼ାରୁ ବରୁଣେଶ୍ୱର ଗଲେ କାଉଡ଼ିଆ



ବିଞ୍ଝାରପୁର,୪।୮ (ସମିସ): ଶ୍ରାବଣ ମାସର ଶେଷ ସୋମବାର ବିଞ୍ଝାରପୁର ସ୍ଥିତ ଦେବୀଗଡ଼ା ଘାଟରେ ବୋଲବମ୍ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଦେବୀଗଡ଼ା ଘାଟରୁ ଜଳଭାର ଉଠାଇଥିଲେ ୩୦୦ରୁ ଊର୍ଦ୍ଧ୍ୱ କାଉଡ଼ିଆ। ସେମାନଙ୍କ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଥିଲେ କୁନି କୁନି କାଉଡ଼ିଆ ଥିବା ବେଳେ ବହୁ ମହିଳା କାଉଡ଼ିଆ ମଧ୍ୟ ଲମ୍ବାଧାଡ଼ିରେ ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରକୁ ବାବା ବରୁଣେଶ୍ୱରଙ୍କ ଜଳାଭିଷେକ କରିବା ପାଇଁ ଯାତ୍ରା ଆରମ୍ଭ କରିଥିଲେ। ବିଞ୍ଝାରପୁର ବଜାରରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। କୁନି କୁନି କାଉଡ଼ିଆଙ୍କ ଲମ୍ବା ଧାଡ଼ିରେ ଶିବ ନାମ ଧରି ଯାତ୍ରା କରିବା ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। କାଉଡ଼ିଆମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ବରୁଣେଶ୍ୱରଙ୍କୁ ଦର୍ଶନ କରିବା ସହ ମନ୍ଦିର ପାଶ୍ୱର୍କୁ ଲାଗିଥିବା ଶ୍ରାବଣୀ ଶିବଲିଙ୍ଗ ଉପରେ ଜଳଲାଗି କରିଥିଲେ।

■ ଶିଶୁକନ୍ୟାକୁ ଅସଦାଚରଣ ଅଭିଯୋଗ

## ସମ୍ପର୍କୀୟ ମାମୁ ଥାନାରେ ଅଟକ

ଦଶରଥପୁର,୪।୮ (ସମିସ):

ଦଶରଥପୁର ବ୍ଲକ ରାମବାଗ ଫାଣ୍ଡି ଅଞ୍ଚଳର ଜୈନିକା ୪ ବର୍ଷର ଶିଶୁକନ୍ୟାକୁ ସମ୍ପର୍କୀୟ ମାମୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ସମ୍ପର୍କୀୟ ମାମୁକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ଶିଶୁକନ୍ୟାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ ଦଶରଥପୁର ଥାନା ଅସନପୁର ଗ୍ରାମର ଅଭିମନ୍ୟୁ ମଲ୍ଲିକ (୨୭) ପିତା ଅଲେଖ ମଲ୍ଲିକ ରାମବାଗ ଫାଣ୍ଡି ଅଞ୍ଚଳରେ ଥିବା ନିଜ ବନ୍ଧୁ ଘରକୁ ବିଭିନ୍ନ ସମୟରେ ଯିବା ଆସିବା କରେ। ସମ୍ପୃକ୍ତ ବନ୍ଧୁ ଘର ନିକଟରେ ସ୍ଥାନୀୟ ପଡୋଶୀଙ୍କ ଜୈନିକା ୪ ବର୍ଷୀୟା ଶିଶୁକନ୍ୟା ଅଭିମନ୍ୟୁକୁ ମାମୁ ଡାକୁଥିବା ବେଳେ ଗତ ରବିବାର ପ୍ରାୟ ୪ଟା ସମୟରେ ଏକୁଟିଆ ଖେଳୁଥିବା ଶିଶୁକନ୍ୟାକୁ ଅଭିମନ୍ୟୁ ଚକୋଲେଟ ଦେବା ବାହାନାରେ ନିକଟସ୍ଥ ବଜାର ଯିବାକୁ ନିଜ ବାଇକ୍‌ରେ ବସିବା ପାଇଁ କହିଥିଲା। ଶିଶୁକନ୍ୟା ବାଇକରେ ବସିବା ପରେ ଅଭିମନ୍ୟୁ କିଛି ଦୂରକୁ ନେଇ ଶିଶୁକନ୍ୟା ସହ ଅସଦାଚରଣ କରି କିଛି ସମୟ ପରେ ତାକୁ ଘର ନିକଟରେ ଛାଡି ନିଜ ବନ୍ଧୁ ଘରକୁ ପଳାଇଥିଲା। ଉକ୍ତ ଶିଶୁକନ୍ୟା ପରିସ୍ରା କରିବା ସମୟରେ ରକ୍ତ ପଡିବାରୁ ପରିବାର ଲୋକେ କ’ଣ ହୋଇଛି ବୋଲି ପଚାରିବାରେ ଶିଶୁକନ୍ୟା ସବୁ ଘଟଣା ପ୍ରକାଶ କରିଥଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବା ଜାଣି ଅଭିମନ୍ୟୁ ବନ୍ଧୁ ଘରୁ ନିଜ ଗ୍ରାମକୁ ଲୁଚି ପଳାଇଥିଲା। ପରିବାର ଲୋକେ ଶିଶୁକନ୍ୟାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ପୁଲିସକୁ ଜଣାଇଥିଲେ। ପୁଲିସ ଗତକାଲି ବିଳମ୍ବିତ ରାତିରେ ଅଭିମନ୍ୟୁକୁ ନିଜ ଗାଁ ଅସନପୁରରୁ ଉଠାଇ ଆଣି ଥାନରେ ଅଟକ ରଖିଥିଲା। ଆଜି ଯାଜପୁର ଟାଉନ ଥାନା ପୁଲିସ ଶିଶୁକନ୍ୟା ଚିକିତ୍ସାଧୀନ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅଭିଭାବକଙ୍କୁ ଘଟଣା ବିଷୟରେ ପଚରାଉଚରା କରିଥିଲା। ଆଜି ଯାଜପୁର ଟାଉନ ଥାନାରେ ଶିଶୁକନ୍ୟା ବାପା ଲିଖିତ ଅଭିଯୋଗ କରିବା ପରେ ପୁଲିସ ଥାନା କେଶ ନଂ. ୩୫୭/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଭିମନ୍ୟୁକୁ ଟାଉନ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ଟ୍ରକ୍‌ରୁ ବ୍ୟାଟେରି ଓ ଚାଲାଣ୍ ଲୁଟି ନେଲେ ଦୁର୍ବୃତ୍ତ

ବଡଚଣା,୪।୮ (ସମିସ): ଏକ ଚଉଦ ଚକିଆ ଟ୍ରକରୁ ଦୁର୍ବୃତ୍ତମାନେ ଦୁଇଟି ନୂଆ ବ୍ୟାଟେରୀ ଓ ୧୬ ହଜାର ଟଙ୍କାର ଦୁଇଟି ଚାଲାଣ ସହିତ ଦୁଇଟି ବଡ଼ ପାଲକୁ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବଡ଼ଚଣା ଥାନା ତଥା ସିହା ପଞ୍ଚାୟତ ଅନ୍ତର୍ଗତ ଖରମଙ୍ଗି ଗ୍ରାମର ଦୟାନିଧି ସାହୁଙ୍କର ଟ୍ରକ (ଓଡି୦୪କେ-୩୮୩୧) ଟି ଏହି ଥାନା ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମର ତାଙ୍କ ଡ୍ରାଇଭର କୁଶ ମଲ୍ଲିକ ତାଙ୍କ ଘର ସମ୍ମୁଖରେ ରଖି ରାତିରେ ବିଶ୍ରାମ ନେଇଥିଲେ। ତେବେ କେହି ଦୁର୍ବୃତ୍ତ ଏହି ଟ୍ରକରୁ ୧୭ ହଜାର ଟଙ୍କାର ଦୁଇଟି ନୂଆ ବ୍ୟାଟେରି ଓ କ୍ୟାବିନ ଭିତରେ ଥିବା ୧୬ ହଜାର ଟଙ୍କାର ଦୁଇଟି ଚାଲାଣ ପେପର ସହିତ ଦୁଇଟି ବଡ଼ ପାଲକୁ ଚୋରି କରି ନେଇଥିଲେ। ସକାଳୁ ସକାଳୁ ଏହା ଜଣା ପଡ଼ିବା ପରେ ଚାଳକ ଶ୍ରୀ ମଲ୍ଲିକ ମାଲିକଙ୍କୁ ଏନେଇ ଖବର ଦେଇଥିଲେ। ଖବର ପାଇ ମାଲିକ ଦୟାନିଧି ଏନେଇ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରି ଲୁଟ ସାମଗ୍ରୀ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। ତେବେ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣା ଯାଇଛି।






ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ ଚାରୁଲତା ପଟ୍ଟନାୟକ
ଆବିର୍ଭାବ : ୦୭.୦୨.୧୯୪୪
ତିରୋଧାନ : ୨୫.୦୭.୨୦୨୫
“ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର ଓ ଭଲ ପାଇବା ଆମେ କେବେବି ଭୁଲି ପାରିବୁ ନାହିଁ। ଆପଣଙ୍କ ପୁଣ୍ୟ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।”
ଶୋକସନ୍ତପ୍ତ: ପୁତ୍ର: ଅଶ୍ୱିନ କୁମାର ପଟ୍ଟନାୟକ, ବୋହୂ: ସୂର୍ଯ୍ୟପ୍ରଭା ରାଣୀ ପଟ୍ଟନାୟକ,
ନାତି: ଅଭିନବ ପଟ୍ଟନାୟକ, ନାତୁଣୀ: ଆବ୍ୟାଶା ରାଣୀ ପଟ୍ଟନାୟକ ଏବଂ ପରିବାର ବର୍ଗ

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି | ୧୧୪ ଟି ଅଭିଯୋଗର ତ୍ୱରିତ ସମାଧାନ

ଯାଜପୁର,୪।୮ (ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଉଦୟନାଥ ମହାପାତ୍ର
ଉମରକୋଟ
ଆବିର୍ଭାବ: ୦୫.୦୧.୧୯୪୭ / ତିରୋଧାନ: ୨୯.୦୭.୨୦୨୩
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଝୁସି, ଇଶାନ, ଲିପନ ଓ ମହାପାତ୍ର ପରିବାରବର୍ଗ

## ବାଇକ୍-ଭ୍ୟାନ୍ ଧକ୍କା

**କଣ୍ୟାଁଗୋଲା, ୪।୮ (ସମିସ):** ଯାଜପୁର ଠାରୁ କଣ୍ୟାଁଗୋଲା ୨୦ନଂ ଜାତୀୟ ରାଜପଥର ଥାଲକୁଡ଼ି ଛକ ନିକଟରେ ମଟର ସାଇକଲ ସହ ଟାଟା ଏସି ମୁହାଁମୁହିଁ ଧକ୍କା ହୋଇଛି। ଘଟଣା ସ୍ଥଳରେ ମଟର ସାଇକଲ ଆରୋହୀ ଗୁରୁତର ହୋଇପଡ଼ିଛି। ଅପରାହ୍ନରେ ନିଯାମପୁର ପଞ୍ଚାୟତ ଅନ୍ତର୍ଗତ ନଛିନ୍ଦ୍ରପୁର ଗ୍ରାମର ବୈକୁଣ୍ଠ ବିଶ୍ୱାଳଙ୍କ ପୁଅ କାର୍ତ୍ତିକ ବିଶ୍ୱାଳ ନିଜ ଗ୍ରାମରୁ ମଙ୍ଗଳପୁର ବଜାର ଯାଉଥିବା ସମୟରେ ଥାଲକୁଡ଼ି ଛକଠାରେ ମଙ୍ଗଳପୁର ବଜାର ପଟରୁ କଣ୍ୟାଁଗୋଲାକୁ ସିମେଣ୍ଟ ଓ ଚିପ୍ସ ନେଇ ଯାଉଥିବା ଏକ ଟାଟାଏସି ମୁହାଁମୁହିଁ କାର୍ତ୍ତିକଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର୍ତ୍ତିକ ଗୁରୁତର ହୋଇ ପଡ଼ିଥିଲେ ଏପରି ପରିସ୍ଥିତିରେ ଟାଟା ଏସି ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଉତ୍ତେଜିତ ହେବାରୁ ଟାଟା ଏସି ମାଲିକ ବାଇକ ଆରୋହିଙ୍କୁ କଟକ ମେଡ଼ିକାଲ ନେବାର ସୂଚନା ମିଳିଛି। ଘଟଣାସ୍ଥଳରେ ମଙ୍ଗଳପୁର ପୁଲିସ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଥାନାକୁ ଆଣିଛି। ଏ ସମ୍ପର୍କରେ ମଙ୍ଗଳପୁର ଥାନା ଏସଆଇ ବିଭୂତି ମହାପାତ୍ର କହିଛନ୍ତି ଏତଲା ହୋଇନାହିଁ। ଗାଡ଼ି ଜବତ ହୋଇଛି। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଅଦୃଶ୍ୟ ସୁରକ୍ଷାରେ କୁସୁନପୁର ବେଆଇନ କ୍ରସର

# କିଡ୍‌ନୀ ରୋଗରେ ଆତଙ୍କିତ ଗ୍ରାମବାସୀ



**କବାଟବନ୍ଧ, ୪।୮ (ସମିସ)**

ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଜେନାପୁର ଥାନା କୁସୁନପୁର ନିକଟରେ ଦିନରାତି ବେଧଡ଼କ ଚାଲୁଥିବା ବେଆଇନ କ୍ରସର ଗୁଡ଼ିକୁ କିଏ ସୁରକ୍ଷା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାହାଡ଼ ପାଦ ଦେଶରେ ଜନବସତି ନିକଟରେ ଗଢ଼ି ଉଠିଥିବା ଏହି କ୍ରସର ଗୁଡ଼ିକ ନିର୍ବାଚନ ସମୟ ପରଠାରୁ କିଛି ଦିନ ପାଇଁ ସାମୟିକ ଭାବେ ବନ୍ଦ ରହିବା ପରେ ଏବେ ଏହା ଦିନରାତି ଚାଲୁଥିବା ଦେଖିବାକୁ ମିଳିଛି। ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିବା କ୍ରସର ଗୁଡ଼ିକ କୌଣସି ମତେ ତଞ୍ଚକତା କରି କାଗଜପତ୍ର ହାତେଇ ନେଇଛନ୍ତି। ମାତ୍ର କ୍ରସର ଚଳାଇବା ପାଇଁ ରହିଥିବା ବିଭିନ୍ନ ମାନଦଣ୍ଡ କିମ୍ବା ସରକାରୀ ନୀତି ନିୟମକୁ ପୂରଣ କରିନାହାଁନ୍ତି। ଯାହା ଦ୍ୱାରା ସ୍ଥାନୀୟ ଜନସାଧାରଣ ପ୍ରଭାବିତ ହେବା ସହିତ ରୋଗଗ୍ରସ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ରହିଥିବା ଜଳ ଉତ୍ସ ଗୁଡ଼ିକ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଥିବା ଜଣାପଡ଼ିଛି। ଉକ୍ତ କ୍ରସର ଅଞ୍ଚଳରେ ରହିଥିବା ଜଳାଶୟ ଗୁଡିକରେ ଏକ ଆବରଣ ସୃଷ୍ଟି ହୋଇଛି। ପରିସ୍ଥିତି ଏଭଳି ହେଲାଣି କି କୁସୁନପୁର କ୍ରସର ନିକଟରେ ରହିଥିବା ଆଦିବାସୀ ଗାଁ ବଲାଙ୍ଗିଆରେ ଏବେ ଘରେ ଘରେ କିଡ୍‌ନୀ ରୋଗୀ। ପରିବେଶ ପ୍ରଦୂଷଣ ଏବଂ ଦୂଷିତ ଜଳ ଏହାର ମୁଖ୍ୟ କାରଣ। ବଲାଙ୍ଗିଆ ଗାଁରେ ଗତ ଅପ୍ରେଲ ୨୫ ତାରିଖରେ କ୍ରୋନିକ କିଡ୍‌ନୀ କ୍ୟାମ୍ପରେ ୯୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୮ ଜଣ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ରିପୋର୍ଟ କହୁଛି। ଏହା ପରେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁ ନାହିଁ କିମ୍ବା ଏଥିପ୍ରତି ତତ୍ପରତା ପ୍ରକାଶ କରୁନାହାଁନ୍ତି। କ୍ରସର ପରିଚାଳନା ପାଇଁ ପ୍ରଦୂଷଣ ବିଭାଗ ହେଉ କିମ୍ବା ତହସିଲ ଏବଂ ଲଘୁଖଣିଜ ସମ୍ପଦ ବିଭାଗ କିମ୍ବା ପୁଲିସ ଏଥିପ୍ରତି ଆଦୌ ସଚେତନ ହେଉନାହାଁନ୍ତି। ବେଆଇନ ଚାଲୁଥିବା ଏହି କ୍ରସର ଗୁଡିକ ଆଖିବୁଜି ସବୁ ନିୟମ କାନୁନକୁ ଦଳିମକଚି ଦେଉଥିବା ବେଳେ ପ୍ରଶାସନ ପକ୍ଷରୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ କାହା ସୁରକ୍ଷାରେ ଏହା ଚାଲୁଛି ତଥା ବେଆଇନ କ୍ରସର ଚଳାଇବାକୁ କିଏ ସୁରକ୍ଷା ଦେଉଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ବେଆଇନ ଚାଲୁଥିବା ଏହି କ୍ରସର ଗୁଡ଼ିକରୁ ଏକତ୍ରିତ କରି ମାସିକିଆ ଟଙ୍କା ଆଦାୟ କରି କାର୍ଯ୍ୟାନୁଷ୍ଠାନ ନ ହେବା ପାଇଁ ଅଘୋଷିତ ଚୁକ୍ତି ହୋଇଥିବା ଶୁଣିବାକୁ ମିଳୁଛି। ଯଦି ଏହି କଥା ସତ୍ୟ, ତେବେ ଏହା ଭିତରେ ଏକ ରାକେଟ କାମ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବା ସହିତ ମାସିକିଆ ମ୍ୟାନେଜ ହୋଇଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଲୋକ ଲୋଚନକୁ ଆସିପାରନ୍ତେ।

## ବୁଲା ଗୋରୁଗାଈଙ୍କୁ ଲାଗିଲା ରେଡିୟମ୍




**ଯାଜପୁର, ୪।୮ (ସମିସ):** ରାତି ଅନ୍ଧାରରେ ରାସ୍ତାରେ ବୁଲୁଥିବା ଗାଈ ଗୋରୁଙ୍କ ଯୋଗୁଁ ହେଉଛି ଅନେକ ଦୁର୍ଘଟଣା। ଏହି ଦୁର୍ଘଟଣା ଯୋଗୁଁ ଏନେକଙ୍କ ପ୍ରଣାହାନି ହେଉଥିବା ଦେଖିବାକୁ ମିଳୁଛି। ପଥଚାରୀଙ୍କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଯାଜପୁରର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ମାନବସେବା ଫାଉଣ୍ଡେସନ ଆରମ୍ଭ କରିଛି ଭିନ୍ନପ୍ରୟାସ। ଯାଜପୁର ସହରରେ ରାସ୍ତା ବୁଲା ଗାଈଗୋରୁଙ୍କୁ ରେଡିୟମ ବେଲ୍ଟ ପିନ୍ଧାଇ ଆରମ୍ଭ କରିଛି ପଥଚାରୀଙ୍କ ସୁରକ୍ଷା। ଯାହା ଫଳରେ ଗାଡିଚାଳକ ମାନେ ଦୂରରୁ ରାସ୍ତାରେ ଥିବା ଗାଈଗୋରୁଙ୍କୁ ଦେଖିପାରି ନିଜ ଗାଡ଼ିର ଗତି କମାଇ ଦୁର୍ଘଟଣାରୁ ବଞ୍ଚିତ ହେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. ସୁବ୍ରତ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସମାଜସେବୀଙ୍କ ଏଭଳି ପ୍ରୟାସର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବିରଜାପୁର ପଞ୍ଚାୟତର ସରପଞ୍ଚ ନିରାକାର ସାହୁ ଯୋଗ ଦେଇ ଅନୁଷ୍ଠାନର ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ରାସ୍ତାରେ ଗାଈଗୋରୁ ମାନଙ୍କୁ ଏଭଳି ନ ଛାଡ଼ିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ତାପସ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସରୋଜ କୁମାର ରାଉତରାୟ, ଜ୍ଞାନ ରଞ୍ଜନ ସାହୁ, ମାନସ ରଞ୍ଜନ ନାୟକଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇ ଗାଈଗୋରୁ ମାନଙ୍କୁ ରେଡିୟମ ବେଲ୍ଟ ପିନ୍ଧାଇଥିଲେ। ଆଗାମୀ ଦିନରେ ଏହାକୁ ରାଜ୍ୟବ୍ୟାପୀ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଶିଳ୍ପୀ ମହାସଂଘ

# ୬ରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ଯାଜପୁର, ୪।୮ (ସମିସ):** ପୂର୍ବ ସରକାର ରାଜ୍ୟର କାରିଗରମାନଙ୍କ ପାଇଁ ଅନେକ ଯୋଜନା କରିଥିବା ବେଳେ ଏବେ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ପଛାଉଥିବା ଦେଖିବାକୁ ମିଳିଛି। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୬ ତାରିଖରେ ରାଜ୍ୟ ବ୍ୟାପୀ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ନିଷ୍ପତି ହୋଇଥିବା ବେଳେ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି କରାଯିବ। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଓ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ନିୟମ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ଠିକ୍ ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଏହି ପରିଷଦ ରାଜ୍ୟ ସରକାର ଏବଂ କାରିଗର ଓ ବୁଣାକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ପାଲଟିଥିବା ବେଳେ ପୂର୍ବ ସରକାରରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତ୍ତା ବୃଦ୍ଧି, ଦେଢଶହରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ଗ୍ରାମ ବା ପୁଞ୍ଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନେଇପାରିଥିଲା। ଏହି ପରିଷଦର ପରିଚାଳନା ବୋର୍ଡରେ ହସ୍ତଶିଳ୍ପୀ ଓ ବୁଣାକାର ରହିବାର ବ୍ୟବସ୍ଥା ଥିବାରୁ ଏହା ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ। ଆସନ୍ତା ୬ରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିବାଦ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ତାରିଖ ଦିନ ମହାସଂଘ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ ଶିଳ୍ପୀ ଓ ବୁଣାକାରଙ୍କୁ ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର ନିବେଦନ କରିଛନ୍ତି।

# ଖାଲଖମାରେ ଭର୍ତ୍ତି ବୁଦ୍ଧଲିଙ୍ଗ ଭଗବାନପୁର ରାସ୍ତା

**ଧର୍ମଶାଳା, ୪।୮ (ସମିସ):** ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ବୁଦ୍ଧଲିଙ୍ଗ ଛକରୁ ଭଗବାନପୁରକୁ ସଂଯୋଗ କରୁଥିବା ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତାର ଚତର ପଡ଼ିଆ ନିକଟରୁ ବାହାରିଥିବା ଏହି ରାସ୍ତା ଗୋକର୍ଣ୍ଣେଶ୍ୱର-ବନମାଳିପୁର ନଦୀବନ୍ଧ ରାସ୍ତାର ବୁଦ୍ଧଲିଙ୍ଗ ଛକ ନିକଟରେ ସଂଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହାକୁ ୬ବର୍ଷ ପୂର୍ବେ ଢଳେଇ କରାଯାଇଥିଲା। ୭ଶହ ମିଟର ଲମ୍ବର ଏହି ରାସ୍ତା ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୦ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିଲା। ଏଥିରେ ଏକାଧିକ କଲଭର୍ଟ ଓ କଂକ୍ରିଟ୍ ୱାଲ ନିର୍ମାଣ ହୋଇଥିଲା। ତେବେ ଏହା ଏକ ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ରାସ୍ତା ଉପରେ କେଲୁଅ ନଦୀର



ବନ୍ୟାଜଳ ପ୍ରବାହିତ ହୋଇଥାଏ। ସେହିପରି ୨୦୨୦ରେ ହୋଇଥିବା ବନ୍ୟାରେ ଏହି ରାସ୍ତା ୧ସପ୍ତାହ ଧରି ବନ୍ୟାଜଳରେ ବୁଡ଼ି ରହିଥିଲା। ଫଳରେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗିରୁଜି ଯିବା ସହ ଧୋଇ ହୋଇ ଯାଇଥିଲା। ୫ବର୍ଷ ହେଲା ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଉକ୍ତ ରାସ୍ତାର ଅବସ୍ଥା ସୁଧୁରି ପାରୁନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟେହ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ବଜ୍ରଗିରି କଲେଜକୁ ଯାଇଥାନ୍ତି। ସେହିପରି ଲୋକମାନେ ବୁଦ୍ଧଲିଙ୍ଗ ମନ୍ଦିର ଓ ନିକଟସ୍ଥ ଛକକୁ ବହୁ କଷ୍ଟରେ ଯାତାୟାତ କରିଥାନ୍ତି। ରାସ୍ତାଟି କମ୍ ଉଚ୍ଚର ହୋଇଥିବାରୁ ପ୍ରତ୍ୟେକ ବର୍ଷ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହୋଇ ରାସ୍ତା ନଷ୍ଟ କରୁଛି। ରାସ୍ତାକୁ ଅଧିକ ଉଚ୍ଚ ଓ ମଜବୁତ କରିବା ପାଇଁ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା ଓ ଯୁବନେତା ଅମୀୟ କୁମାର ପରିଡ଼ା ଦାବି କରିଛନ୍ତି।

### ଦାନଗଦି ବ୍ଲକରେ ଉନ୍ନୟନ କାର୍ଯ୍ୟ ବନ୍ଦ

# ପିସି ନ ଦେଲେ ବିଲ୍ ପାସ ହେଉନି

**ଦାନଗଦି, ୪।୮ (ସମିସ):** ଦାନଗଦି ବ୍ଲକରେ ପିସି କାରବାର ଏବେ ଖୁଲମ ଖୋଲା ବଢ଼ି ଚାଲିଛି। ଯାହାକି ଉନ୍ନୟନ ମୂଳକ କାମ ଏକ ପ୍ରକାର ଠପ ହେବାକୁ ବସିଛି। କାମ ସରିବାର ୨/୩ ମାସ ବିତିଯାଇଥିଲେ ମଧ୍ୟ ବିଲ ନ ପାଇ ଠିକାଦାର ମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି, ଫଳରେ ଠିକାଦାର ମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ରୋଡ୍ କାମ ପାଇଁ ୮/୯ ପ୍ରତିଶତ ପିସି ଦବାକୁ ପଡୁଥିବା ବେଳେ ବିଲଡିଂ କାମ ପାଇଁ ୫/୬ ପ୍ରତିଶତ ପିସି ଦବାକୁ ପଡୁଛି। ଅନ୍ୟପଟେ ମେଟେରିଆଲ ରେଟ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। କାମ ଶେଷ କରି ଜେଇ ବିଲ୍ ପାସ କରିବା ପରେ ବଡ଼ବାବୁଙ୍କ ଟେବୁଲକୁ ବିଲ ପଠାଇଥାନ୍ତି। ଦାୟିତ୍ୱରେ ଥିବା ବଡ଼ ବାବୁ ପିସି ହିସାବ କରି ଟୋଟାଲ ୱାର୍କ ଭାଲ୍ୟୁର ରୋଡ୍ କାମରେ ୯ ପ୍ରତିଶତ ଓ ବିଲଡିଂ କାମରେ ୬ ପ୍ରତିଶତ ପିସି ଦାବି କରୁଛନ୍ତି। ପିସି ଟଙ୍କା ଆଗ ପୈଠ ନ କଲେ ଫାଇଲ ଅଟକି ରହୁଛି ବୋଲି ଶାସକ ଦଳର ଜଣେ ସରପଞ୍ଚ ଓ ତାଙ୍କ ସହିତ କିଛି ଠିକାଦାର ଅଭିଯୋଗ କରିଛନ୍ତି।

**ଠିକାଦାର ବଡ଼ ବାବୁ ମୁହାଁମୁହିଁ**

ତେବେ ଟୋଟାଲ ୱାର୍କ ଭାଲ୍ୟୁ ଉପରେ ପିସି ନ ଲଗାଇ ପେମେଣ୍ଟ ଭାଲ୍ୟୁ ଉପରେ ପିସି ଦେବାକୁ ଠିକାଦାର ମାନେ କହୁଥିବା ବେଳେ ବଡ଼ ବାବୁ କିନ୍ତୁ ନ ଛୋଡ଼ ବନ୍ଧା। ଟଙ୍କା ନେଣଦେଣକୁ ନେଇ ବିବାଦ ଲାଗିରହିବା ଫଳରେ ବିଲ୍ ସେମିତି ପଡ଼ିରହୁଛି। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।



ବରୁଣେଶ୍ୱରଙ୍କୁ ଜଳଲାଗି ପାଇଁ କାଉଡ଼ିଆଙ୍କ ଯାତ୍ରା

## ସ୍ୱୟଂ ସହାୟକ ଗୋଷ୍ଠୀରେ ବିବାଦ; ଥାନାରେ ମାମଲା

**ପାଣିକୋଇଲି, ୪।୮ (ସମିସ):** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ନେଣଦେଣକୁ ନେଇ ବିବାଦ ସହ ଗୋଷ୍ଠୀରୁ ସଭାପତି ଓ ସମ୍ପାଦିକା ବେଆଇନ ଭାବେ ବାହର କରିଥିବା ଅଭିଯୋଗ ଥାନାରେ ପହଞ୍ଚିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମେର ନିମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ୨ ବର୍ଷ ଏହାର ସଦସ୍ୟ ଥିବା ବାପି ଜେନାଙ୍କ ସ୍ତ୍ରୀ ଝିଲି ମଳିକଙ୍କ ଅଭିଯୋଗ ମୁତାବକ ତାଙ୍କର ପୂର୍ବ ଲୋନ ପଇଠ କରିବା ପାଇଁ ସଭାପତି ପ୍ରଭାତି ମଲିକ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ତାଙ୍କ ଠାରୁ ୪, ୨୭୦ଟଙ୍କା ନେଇଥିଲେ। ଋଣ ସୁଝିବା ପରେ ପୁଣି ୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ମାତ୍ର ଝିଲିକୁ ଡାକିନଥିଲେ। ଏନେଇ ଝିଲି ପଚାରିବାରୁ ତାଙ୍କୁ ଗୋଷ୍ଠୀରୁ ବାହାର କରିଦେଇଥିବା ସଭାପତି, ସମ୍ପାଦିକା କହିଥିଲେ। ଏନେଇ ସେ ପାଣିକୋଇଲି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରେ ମ୍ୟାନେଜର ଓ ଫିଲଡ ଅଫିସରଙ୍କୁ ପଚାରିବାରୁ ସେ ବ୍ଲକକୁ ଯିବାକୁ କହିଥିଲେ। ବ୍ଲକରେ ଯାଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏହା ହେବା ସମ୍ଭବ ନୁହେଁ ବେଆଇନ ଭାବେ କାହିଁକି ନାମ କଟାଯାଇଛି, କିଏ କାଟିଲା, ସେ ନେଇ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ସେହି ଗୋଷ୍ଠୀର ଆଉ ଜଣେ ସଦସ୍ୟ ପ୍ରଫୁଲ୍ଲ ମଳିକଙ୍କ ସ୍ତ୍ରୀ ବନିତା ଯେନା ମଧ୍ୟ ତାଙ୍କ ଭାଗ ଟଙ୍କା ତାଙ୍କୁ ନ ଦେଇ ଗାଳିଗୁଲଜ କରିଥିବାର ଅଭିଯୋଗ ସଭାପତି ଓ ସମ୍ପାଦିକାଙ୍କ ନାମରେ କରିଛନ୍ତି। ୨ଟି ଅଭିଯୋଗ ଥାନାରେ କରାଯିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

### ଗରିମା ହରାଉଛି ମହତାବ ହାଇସ୍କୁଲ

# ଦୀର୍ଘଦିନ ଧରି ରହିଥିବା ଶିକ୍ଷକଙ୍କ ବଦଳି ହେଉନି

**ମଙ୍ଗଳପୁର, ୪।୮ (ସମିସ)**

ସରକାର ଶିକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ବହୁ ଯୋଜନା କାର୍ଯ୍ୟକାରି କରୁଛନ୍ତି। ମାତ୍ର ସରକାରୀ ନିର୍ଦ୍ଦେଶକୁ ମାନୁ ନାହାଁନ୍ତି ଶିକ୍ଷା ବିଭାଗର କିଛି ଅଧିକାରୀ। ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଠିକ ଭାବେ କାର୍ଯ୍ୟକାରୀ ନକରି ପ୍ରିୟାପ୍ରୀତି ପୋଷଣ କରୁଥିବା ନେଇ ଏବେ ଶିକ୍ଷାବିତ ମାନେ ଅଭିଯୋଗ କରିଛନ୍ତି। ଏମିତି ଏକ ଅଭିଯୋଗ ଆସିଛି ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ନିୟମ ଅନୁଯାଇ ଜଣେ ଶିକ୍ଷକ ଗୋଟିଏ ବିଦ୍ୟାଳୟରେ ୩ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରାଯିବା କଥା। ମାତ୍ର ବିଭାଗୀୟ ଅଧିକାରୀମାନେ ଏସବୁକୁ ଦୃଷ୍ଟି ନଦେଇ ଅନେକ ସମୟରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଚାପ ଓ ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀ ମାନେ ପ୍ରିୟାପ୍ରୀତି ପୋଷଣ ଆଳରେ ସମ୍ପୃକ୍ତ ରହି ସରକାରୀ ନିୟମର ଉଲ୍ଲଙ୍ଘନ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ମହତାବ ଉଚ୍ଚ ବିଦ୍ୟାଳୟରେ କିଛି ଶିକ୍ଷକ ଦୀର୍ଘଦିନ ଧରି ରହିଆସିଥିବା ବେଳେ ସେମାନଙ୍କର ନିୟମ ଅନୁଯାଇ ବଦଳି ନହେବାର କାରଣ କ'ଣ ବୋଲି ଏବେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ସେହିପରି ଦୀର୍ଘଦିନ ଧରି ଗୋଟିଏ ବିଦ୍ୟାଳୟରେ ରହିଆସିଥିବା ଶିକ୍ଷକ ମାନେ ନିୟମିତ ଭାବେ ପାଠ ନ ପଢ଼ାଇବା, ବିଦ୍ୟାଳୟ ଚାଲୁଥିବା ସମୟରେ ବାହାରେ ବୁଲିବା, ନିୟମିତ ସମୟ ଅନୁଯାଇ ବିଦ୍ୟାଳୟକୁ ନଆସିବା, ବିଦ୍ୟାଳୟର ବିଭିନ୍ନ ସମସ୍ୟାରେ ମୁଣ୍ଡ ପୂରାଇବା ଭଳି ଘଟଣାକୁ ନେଇ ଏବେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ କରିବାରେ ପ୍ରଧାନ ଶିକ୍ଷକଙ୍କୁ ଉକ୍ତ ଶିକ୍ଷକ ମାନେ ସହଯୋଗ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ମଙ୍ଗଳପୁର ବଜାରରେ ବହୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଥିଲେ ମଧ୍ୟ ମହତାବ ଉଚ୍ଚ ବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ରହିଆସିଥିବା ଶିକ୍ଷକ ମାନଙ୍କୁ ଅନ୍ୟତ୍ର ବଦଳି କରାଗଲେ ବିଦ୍ୟାଳୟର ଗରିମା ରକ୍ଷା ହୋଇପାରିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏଥିପ୍ରତି ଯାଜପୁର ଜିଲ୍ଲପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଗଛ କଟା ମାମଲାର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ମଙ୍ଗଳପୁର:** ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଛ କାଟିବାକୁ ନେଇ ଏବେ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାର ଇକୋ କ୍ଲବ ମାଧ୍ୟମରେ ବିଦ୍ୟାଳୟ ମାନଙ୍କରେ ବୃକ୍ଷରୋପଣ କରିବା ପାଇଁ ଅର୍ଥ ଯୋଗେଇ ଦେଉଥିବା ବେଳେ ମହତାବ ହାଇସ୍କୁଲରେ ଥିବା ପୁରାତନ ଗଛକୁ ଦିନ ଦ୍ୱିପ୍ରହରରେ କାଟିଦେବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌଣସି କାରଣ ନ ଥାଇ ଏହି ବିରାଟ ଗଛକୁ କ'ଣ ପାଇଁ କଟାଗଲା ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଚନ୍ତି। ତେବେ ଅଭିଯୋଗ ପରେ ଶିକ୍ଷା ବିଭାଗ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଯୋଗାଯୋଗ ସମ୍ଭବ ହୋଇନଥିଲା।

### ଶ୍ରୀହୀନ ପାଲଟିଛି ଶିଶୁ ଉଦ୍ୟାନ

# ଅନାବନା ଗଛ ଲତାରେ ପରିପୂର୍ଣ୍ଣ ପଡ଼ିଆ

**ଧର୍ମଶାଳା, ୪।୮ (ସମିସ):** ଧର୍ମଶାଳା ବ୍ଲକ ଜାରକାଠାରେ ୨୦୧୫ ମସିହା ଠାରୁ ଏକ ଶିଶୁ ଉଦ୍ୟାନ ରହିଛି। ଶିଶୁମାନଙ୍କ ଶାରୀରିକ ବିକାଶ ତଥା ଆମୋଦ ପ୍ରମୋଦ ନିମନ୍ତେ ତତ୍କାଳୀନ ସାଂସଦ କଳ୍ପତରୁ ଦାସଙ୍କ ପ୍ରଚେଷ୍ଟାରେ ଏହାକୁ ନିର୍ମାଣ କରାଯାଇ 'କଳ୍ପତରୁ ଦାସ ଶିଶୁ ଉଦ୍ୟାନ' ନାମରେ ନାମିତ କରାଯାଇଥିଲା। ଉକ୍ତ ଉଦ୍ୟାନରେ ଶିଶୁମାନଙ୍କ ଖେଳକୁଦ ନିମନ୍ତେ ବିଭିନ୍ନ କିସମର ଦୋଳି ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟାୟାମ ଉପକରଣ ସ୍ଥାପନ କରାଯାଇଥିଲା। ପାର୍କ ଚାରିପାଖରେ ବିଦ୍ୟୁତ୍ ଆଲୋକରେ ଝଲସୁ ଥିଲା। ସନ୍ଧ୍ୟା ହେଲେ ପିଲା ଓ ସେମାନଙ୍କ ଅଭିଭାବକ ମାନଙ୍କ ଭିଡ ଜମେ। ପିଲାମାନେ ବିଭିନ୍ନ ଦୋଳି ଖେଳି ଖୁସି ମନାଉଥିବା ବେଳେ ମାଆମାନେ ପାର୍କ ଭିତରେ ଚାରିପଟ ଚାଲି ଚାଲି ବ୍ୟାୟାମ କରନ୍ତି। ବର୍ତ୍ତମାନ ଫୁଲ ବଗିଚାଟି ଶୋଭାବର୍ଦ୍ଧନ ହରାଇଛି। ଅନାବନା ଗଛ ଲତାରେ ପରିପୂର୍ଣ୍ଣ ଏବେ ବଗିଚା।



ଆଦୌ ସଫା କରାଯାଉନାହିଁ। ଯାହା ଫଳରେ ଏହା ବିଭିନ୍ନ ସରୀସୃପଙ୍କ ଆଶ୍ରୟ ସ୍ଥଳ ପାଲଟିଛି। ୧୦ ବର୍ଷ ତଳୁ ଲାଗିଥିବା ଉପକରଣ ଗୁଡିକ ଭାଙ୍ଗିରୁଜି ଗଲାଣି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଓ ବ୍ଲକ ପ୍ରଶାସନର ଅଣଦେଖା ଯୋଗୁଁ ଏହି ଶିଶୁ ଉଦ୍ୟାନଟି ସମ୍ପ୍ରତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେବେ ଶିଶୁ ମାନଙ୍କ ଅବସର ବିନୋଦନ ପାଇଁ ଜାରକା ଠାରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ସେମାନଙ୍କ ଅବିଭାବକ ମାନେ ସେଠାକୁ ନେଉଛନ୍ତି।

କିନ୍ତୁ ଗତ କିଛି ବର୍ଷ ହେଲା ଶିଶୁ ଉଦ୍ୟାନରେ ଶିଶୁ କମ୍ ଓ ଯୁବକ ଓ ବରିଷ୍ଠ ନାଗରିକଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ଶିଶୁମାନେ କେବଳ ଦୋଳି ଖେଳି ଫେରୁଥିବା ବେଳେ ଯୁବକ ଓ ବରିଷ୍ଠ ନାଗରିକଙ୍କ କବଜାରେ ଏବେ ଏହି ଉଦ୍ୟାନ ରହିଛି। ସକାଳେ ଓ ସନ୍ଧ୍ୟାରେ ଚଲାବୁଲା କରିବା ସହ ବ୍ୟାୟାମ ଉପକରଣ ଗୁଡ଼ିକୁ ବ୍ୟବହାର କରିଥାନ୍ତି। ଶିଶୁ ମାନଙ୍କ ଆସିବା ପୂର୍ବ ପରି ଆଉ ଦେଖିବାକୁ ମିଳୁନାହିଁ। ସେହିପରି ମଧ୍ୟାହ୍ନରେ ପାର୍କ ବନ୍ଦ୍ ଥିବା ସତ୍ତ୍ୱେ ତା' ମଧ୍ୟରେ କଲେଜ ଛାତ୍ରଛାତ୍ରୀଙ୍କ ଆସର ଜମୁଛି। ସନ୍ଧ୍ୟା ସମୟରେ ବହୁ ସଂଖ୍ୟାରେ ଶିଶୁ ଓ ମହିଳା ମାନେ ଏଠାକୁ ଆସୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ କୌଣସି ଶୌଚାଳୟ ଉପଲବ୍ଧ ନାହିଁ କି ପାନୀୟ ଜଳ ବ୍ୟବସ୍ଥା ନାହିଁ। ମଝିରେ କେବଳ ହାଇମାକ୍ସ ଲାଇଟ୍‌ଟି ଜଳୁଛି। ପାର୍କ ଚାରି ପଟ ଲାଗିଥିବା ଆଲୋକ ଗୁଡ଼ିକ ଦୀର୍ଘ ଦିନ ଧରି ଆଉ ଜଳୁ ନାହିଁ। ପଞ୍ଚାୟତ ସମିତି ଅଧିନରେ ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନାହିଁ।

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।

-ୟୁଭାଲ୍ ନୋ ହରାରି

ସକାଳ THE SAKALA

## ଅମର ଅର୍ଥନୀତି

ରୁଷ୍ ସହିତ ଭାରତର ସ୍ଥାୟୀ ବନ୍ଧୁତ୍ୱ ଏବଂ ସମୃଦ୍ଧ ବାଣିଜ୍ୟ କାରବାରରେ ଈର୍ଷାନ୍ୱିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ରୁଷ୍‌ର ଅର୍ଥନୀତିକୁ ଡେଡ୍ ଇକୋନୋମୀ(ମୃତ ଅର୍ଥନୀତି) ଭାବେ ଦାୟିତ୍ୱହୀନ ଓ ବିଚାରବୁଦ୍ଧି ରହିତ ବିବାଦୀୟ ମନ୍ତବ୍ୟଟିଏ ଦେଇଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ହେଲା ବାଚାଳାମି ପାଇଁ କୁଖ୍ୟାତ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଭାରତରେ କେତେକ ମହଲରେ ସମର୍ଥନ ମିଳିଛି। ଟ୍ରମ୍ପଙ୍କ ଏହି ଭାରତ ଅସୂୟା ମନ୍ତବ୍ୟକୁ ବିଶ୍ୱ ସେତେଟା ଗୁରୁତ୍ୱ ଦେଇନି। ଅଥଚ ଭାରତରେ ତାହାର ସ୍ୱାଗତ ଓ ସମର୍ଥନର ସ୍ୱର ଭାରତର ଅସଫଳତାରେ ସ୍ୱାଭାବିକ ଖୁସି ହେଉଥିବା ଶତ୍ରୁ ଦେଶମାନଙ୍କୁ ବେଶି ଆମୋଦିତ କରୁଛି।

ଏବେ ଟ୍ରମ୍ପ ମହାଶୟଙ୍କ ସାଧାରଣଜ୍ଞାନ ରହିତ ମନ୍ତବ୍ୟ କେତେ ଅପରିପକ୍ୱ ତାହା ଉପରେ ଥରେ ଦୃଷ୍ଟି ପକାଯାଉ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଏବେ ବିଶ୍ୱରେ ଈର୍ଷଣୀୟ ସଫଳତା ଲାଭ କରିଛି। ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ରୂପେ ଘୋଷଣା କରିଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି। ଖୋଦ୍ ଟ୍ରମ୍ପ ମହାଶୟ ମଧ୍ୟ ଭାରତର ବିପୁଳ ଖାଉଟି ବଜାରରେ ପାଦ ଥାପିବାକୁ ବ୍ୟାକୁଳ। ସେ ଯୁଗ ଆଉ ନାହିଁ, ଯେତେବେଳେ ଭାରତ ଖାଦ୍ୟ ଶସ୍ୟ ପାଇଁ ଆମେରିକା ପାଖରେ ହାତ ପତେଇବାକୁ ପଡୁଥିଲା। ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ଦୋହଲାଇ ପାରିନାହିଁ। ଭାରତର ଅର୍ଥନୀତିକୁ 'ଡେଡ୍ ଇକୋନୋମୀ' ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସୃଷ୍ଟ ଆର୍ଥିକ ଅନିୟମିତତା(ସବ୍‌ପ୍ରାଇମ୍ ଲୋନ୍‌ର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳିପାରି ନଥିଲେ। ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନ ଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା।

ଆଇଏମଏଫ୍ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନିସ୍ଥାନରେ ଯଥାକ୍ରମେ ଚୀନ୍, ଭାରତ ଓ ରୁଷିଆ ରହିଛନ୍ତି। ସେହି ସମୟ ମଧ୍ୟରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି। ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବା ବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚି ପାରିଛି। ଆଇଏମ୍ଏଫ୍‌ର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍' ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି। ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାରେ ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତି।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଆମେରିକା କେବେ ମଧ୍ୟ ଚାହେଁନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ। କେବଳ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି। ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି। ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି ବାଣିଜ୍ୟ ଚୁକ୍ତି ଆମେରିକା କରିବାର ସମ୍ଭାବନା ନାହିଁ ବୋଲି ସେ ବହୁପୂର୍ବରୁ ଚେତାଇ ଦେଇଥିଲେ, ଯାହା ଏବେ ପ୍ରାୟ ସତ ସାବ୍ୟସ୍ତ ହେବାକୁ ଯାଉଛି। ଯେତେବେଳେ ଟ୍ରମ୍ପଙ୍କ ମତିଗତି ନେଇ ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ 'ଡେଡ୍ ଇକୋନୋମି' ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସ ଓ ସମାଲୋଚନା ଅପରିହାର୍ଯ୍ୟ। ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱେ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ୍ୟ ଦେଶର ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ। କିନ୍ତୁ ଏ ସମ୍ପର୍କିତ ଆଲୋଚନା-ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି। ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ପାଇଁ ବିଦେଶୀ ଶକ୍ତିର ସାହାଯ୍ୟ ନେବା କିମ୍ବା ଆକ୍ଷେପ କରିବା ପାଇଁ ଦେଶବିରୋଧୀ ମତ ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ। ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇପାରିଥା'ନ୍ତା। ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥା'ନ୍ତା। ଏହାଦ୍ୱାରା ମଧ୍ୟ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇଥା'ନ୍ତା। କିନ୍ତୁ ଯାହା ଲାଗୁଛି ଏଭଳି ଏକ ଅମୋଘ ଅସ୍ତ୍ରକୁ ବିରୋଧୀ ଦଳ ହାତଛଡ଼ା କରିଛି। ତା'ସହିତ ଟ୍ରମ୍ପଙ୍କ 'ଡେଡ୍ ଇକୋନୋମୀ' ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି।

ଆମ ପାଖରେ ରହିଛି ବିଶାଳ ଖାଉଟି ବଜାର, ଯାହା ଆମ ଅର୍ଥନୀତିର ସବୁଠାରୁ ଶକ୍ତିଶାଳୀ ଓ ଅଭେଦ୍ୟ ଢାଲ। ଏହାଛଡ଼ା ଭାରତୀୟ ଅର୍ଥନୀତିର ମୌଳିକ ଢାଞ୍ଚା ଏତେ ସୁଦୃଢ଼ ଯେ ସେଥିରେ କିଛିମାତ୍ରାରେ କେତେବେଳେ କେମିତି ଅତିକ୍ଷଣସ୍ଥାୟୀ ମୃଦୁକମ୍ପନ ସୃଷ୍ଟି ହୋଇପାରେ, କିନ୍ତୁ ଭୁଶୁଡ଼ିବାର ଆଶଙ୍କା ଆଦୌ ନାହିଁ। ଆମ ଦେଶର ବିଚକ୍ଷଣ, ଦୂରଦୃଷ୍ଟି ସମ୍ପନ୍ନ, ଧୂରୀଣ ଅର୍ଥନୀତିଜ୍ଞଙ୍କ ବିଗତ ୭୫ ବର୍ଷର ରଣନୀତି ଆମେ ଅର୍ଥନୀତିକୁ ଅମର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାସନ କ୍ଷମତା ଯେଉଁ ରାଜନୈତିକ ଓ ଦଳୀୟ ଆଦର୍ଶ ପରିଚାଳିତ ହେଉ ନା କାହିଁକି, ଆମ ଅର୍ଥନୀତିର ଅମରତ୍ୱ କ୍ଷୁଣ୍ଣ ହେବ ନାହିଁ; ଅନ୍ତତଃ ଏହି ଦୃଢ଼ ବିଶ୍ୱାସ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ରହିବା ଆବଶ୍ୟକ।

## ବୟସର ସାୟାହ୍ନରେ ଉତ୍କର୍ଷର ସୂର୍ଯ୍ୟୋଦୟ

ମନୋରଞ୍ଜନ ମହାନ୍ତି

ପ୍ରାୟତଃ କୌଣସି ଉଲ୍ଲେଖନୀୟ ଉପଲବ୍ଧି, ଉତ୍କର୍ଷ, ସଫଳତା ଆମ ବୟସ ଆଧାରିତ ଶାରୀରିକ ଓ ମାନସିକ ଦକ୍ଷତା ଉପରେ ନିର୍ଭର କରେ ବୋଲି ଏକ ବଦ୍ଧମୂଳ ଧାରଣା ରହିଛି। ଅନେକେ ମଧ୍ୟ ଆୟୁ-ଉତ୍କର୍ଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବା ବିଶ୍ୱାସ କରନ୍ତି ଏବଂ ବୟସର ଉତ୍ତରାୟଣରେ ହତୋତ୍ସାହିତ ଓ ଉଦାସୀନ ହୋଇପଡ଼ନ୍ତି। ଏହି ମାନସିକ ଭାବନା ସେମାନଙ୍କୁ ପ୍ରତିଭା ଓ ଉପଲବ୍ଧିଠାରୁ ଦୂରେଇ ନିଏ। କିନ୍ତୁ ଆମ ଇତିହାସ ଏଭଳି ଅନେକ ଉଦାହରଣରେ ସମୃଦ୍ଧ, ଯେଉଁଠାରେ ଉପଲବ୍ଧି ଓ ଉତ୍କର୍ଷ ଆଗରେ ବୟସ ହାର ମାନିଛି। ବୟସର ସାୟାହ୍ନରେ ଉପଲବ୍ଧିର ସୂର୍ଯ୍ୟୋଦୟ ଘଟିଛି।

୨୦୨୧ ମସିହା ସେପ୍ଟେମ୍ବର ମାସରେ ପୃଥିବୀର ଦୁଇଜଣ ମହାନ୍ କଳାକାରଙ୍କ ଦେହାନ୍ତ ହୋଇଥିଲା। ଜଣେ ଥିଲେ ଗ୍ରୀସ୍‌ର ସଙ୍ଗୀତକାର ମିକିସ୍ ଥିଓଡୋରାକିସ୍। ଆଉ ଜଣେ ଫ୍ରାନ୍ସର ଅଭିନେତା ଜାଁ-ପଲ୍ ବେଲ୍‌ମୋଣ୍ଡୋ। ଥିଓଡୋରାକିସ୍ ୧୯୨୫ ମସିହା ଜୁଲାଇ ୨୯ ତାରିଖରେ ଚିଓସ୍‌ର ପୂର୍ବ ଏଜିଆନ୍ ଦ୍ୱୀପରେ ଜନ୍ମ ହୋଇଥିଲେ ଏବଂ ଅଳ୍ପ ବୟସରୁ ସଙ୍ଗୀତ, କବିତା ରଚନାରେ ମନ ଦେଇଥିଲେ। ୨ୟ ବିଶ୍ୱଯୁଦ୍ଧ ସମୟରେ ଗ୍ରୀସ୍‌କୁ ଅଧିକାର କରିଥିବା ଇଟାଲୀୟ, ଜର୍ମାନ୍‌ମାନେ ତାଙ୍କୁ ବାମପନ୍ଥୀ ପ୍ରତିରୋଧ ଦଳରେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ କଲେ। ତାଙ୍କ ଦଳ ଯୁଦ୍ଧ ଶେଷରେ ଗଠିତ ସରକାର ଓ ସମ୍ରାଟଙ୍କୁ ବିରୋଧ କରୁଥିଲା। ଫଳସ୍ୱରୂପ ୧୯୪୬-୪୯ ମସିହାରେ ଗ୍ରୀସ୍‌ରେ ଗୃହଯୁଦ୍ଧ ସଂଘଟିତ ହେଲା, ଯେଉଁଥିରେ କମ୍ୟୁନିଷ୍ଟ ସମର୍ଥିତ ବିଦ୍ରୋହୀମାନେ ପରାସ୍ତ ହେଲେ। ଥିଓଡୋରାକିସ୍ ଗ୍ରୀକ୍ ଦ୍ୱୀପପୁଞ୍ଜ ଏପରିକି ଏଥେନ୍‌ସ ନିକଟବର୍ତ୍ତୀ କ୍ଷୁଦ୍ର ଦ୍ୱୀପ ମାକ୍ରୋନିଶୋସ୍‌ର କୁଖ୍ୟାତ କ୍ୟାମ୍ପରେ କାରାରୁଦ୍ଧ ହେଲେ। ତାଙ୍କୁ ପ୍ରବଳ ଶାରୀରିକ ନିର୍ଯାତନା ଦିଆଯାଇ ହାତଗୋଡ଼ ଭାଙ୍ଗି ଦିଆଗଲା। ତାଙ୍କ ଶରୀରର ବିଭିନ୍ନ ଅଂଶରେ କ୍ଷତ ସୃଷ୍ଟି ହେଲା, ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଲା। ସେ ଯକ୍ଷ୍ମାରୋଗରେ ପୀଡ଼ିତ ହେଲେ। ଏପରିକି ତାଙ୍କୁ ଏକ ମାନସିକ ରୋଗ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ଏତେ ଦୁଃଖକଷ୍ଟ ସତ୍ତ୍ୱେ ସେ ନିଜକୁ ଜଣେ ସଙ୍ଗୀତଜ୍ଞ ଭାବରେ ପ୍ରତିଷ୍ଠା କରିପାରିଥିଲେ। ୧୯୬୪ ମସିହାରେ ଆଣ୍ଟୋନି କ୍ୱିନ୍ ଅଭିନୀତ 'ଯୋର୍‌ବା : ଦି ଗ୍ରୀକ୍' ଚଳଚ୍ଚିତ୍ର ଓ ୧୯୭୩ରେ ଅଲ୍ ପାସିନୋ ଅଭିନୀତ 'ସର୍ପିକୋ' ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରି ସେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ।

ସେହିପରି ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋଙ୍କ ଜନ୍ମ ୧୯୩୩ ମସିହାରେ। ୧୯୫୮ରେ 'ସୋଇସ୍ ବେଲେ ଏଟ୍ ଟାଇସ୍ - ଟୋଇ' (ଲୁକ୍ ପ୍ରେଟି ଆଣ୍ଡ ସଟ୍ ଅପ୍), ୧୯୫୯ରେ କ୍ଲଡି ଚାବ୍ରୋଲ୍‌ଙ୍କ 'ଏ ଡବଲ୍ ଟୁର୍' ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରି ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ ସତ୍ୟ, କିନ୍ତୁ ଜାଁ-ଲୁକ୍-ଗୋଡାର୍ଡ୍‌ଙ୍କ 'ବ୍ରେଥ୍‌ଲେସ୍' ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱରେ ପରିଣତ କରିଥିଲା। ନୂଆ ପିଢ଼ିର ନିର୍ଦ୍ଦେଶକ ଫ୍ରାନ୍‌ସିସ୍ ଟ୍ରୁଫଟ୍, ଆଲେନ୍ ରେସ୍‌ନାଇସ୍ ଓ ଲୁଇସ୍ ମାଲେଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରି ସେ ଏଭଳି ସ୍ୱନାମଧନ୍ୟ ହୋଇଥିଲେ ଯେ ତାଙ୍କୁ ଆମେରିକାର ୩ଜଣ ଶ୍ରେଷ୍ଠ ଅଭିନେତା ହମ୍ଫ୍ରେ ବୋଗାର୍ଟ, ମାର୍ଲୋନ୍ ବ୍ରାଣ୍ଡୋ ଓ ଜେମ୍ସ ଡିନ୍‌ଙ୍କ ସହିତ ତୁଳନା କରାଯାଏ। ବେଲ୍‌ମୋଣ୍ଡୋଙ୍କ ଦେହାନ୍ତରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଟ୍ୱିଟ୍ କରି କହିଥିଲେ, 'ଫ୍ରାନ୍ସ ଏକ ଜାତୀୟ ସମ୍ପଦକୁ ହରାଇଲା।' ଏ ଦୁଇ ଜଣଙ୍କୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଗ୍ରୀସ୍‌ର ସଙ୍ଗୀତକାର ଥିଓଡୋରାକିସ୍ ୯୬ବର୍ଷ ବୟସ ପର୍ଯ୍ୟନ୍ତ, ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋ ୮୮ବର୍ଷ ବୟସ ପର୍ଯ୍ୟନ୍ତ ନିଜ ନିଜ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ। ଅର୍ଥାତ୍ ସେହି କ୍ଷେତ୍ର ସହିତ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ।

୯୭ବର୍ଷ ବୟସରେ ରସାୟନବିଜ୍ଞାନୀ ଗୁଡେନ୍‌ବଗ୍‌ର୍, ଜନ୍.ବି.ଗୁଡ୍‌ଏନଫ୍, ୯୬ ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ଆର୍ଥର୍ ଆସ୍‌କିନ୍, ୯୦ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ରୋଜର୍ ପେନ୍‌ରୋଜ୍ ନୋବେଲ୍ ପୁରସ୍କାର ପାଇଥିଲେ। ୯୨ବର୍ଷ ବୟସରେ ମହାଥିର୍ ମୋହମ୍ମଦ ମାଲେସିଆର ପ୍ରଧାନମନ୍ତ୍ରୀ, ୮୨ବର୍ଷ ବୟସରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ, ୭୮ବର୍ଷ ବୟସରେ ଡ. ରାଜେନ୍ଦ୍ରପ୍ରସାଦ ଭାରତର ରାଷ୍ଟ୍ରପତି, ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି, ୭୨ବର୍ଷ ବୟସରେ ନେଲ୍‌ସନ୍ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ। ୧୦୦ବର୍ଷ ବୟସରେ ଭାରତରତ୍ନ ବିଶ୍ୱେଶ୍ୱରାୟା ବିଭିନ୍ନ ଇଂଜିନିୟରିଂ ପ୍ରୋଜେକ୍ଟ ସଂକ୍ରାନ୍ତରେ ଦିଗ୍‌ଦର୍ଶନ ଦେବା, ୯୯ବର୍ଷ ବୟସରେ ନିରଦଚନ୍ଦ୍ର ଚୌଧୁରୀ ଲେଖାଲେଖିରେ ମନୋନିବେଶ କରିବା, ୬୫ବର୍ଷ ବୟସରେ ରବୀନ୍ଦ୍ରନାଥ ଠାକୁର ଚିତ୍ରାଙ୍କନ ଶିକ୍ଷା ଆରମ୍ଭ କରିବା ଇତ୍ୟାଦି ସୂଚାଇ ଦେଉଛି ଜୀବନରେ କୌଣସି ଉଲ୍ଲେଖଯୋଗ୍ୟ ମହତ କାର୍ଯ୍ୟ କରିବା ଓ ସଫଳତା ଅର୍ଜନ କରିବା ପାଇଁ ବୟସ ଆଦୌ ବାଧକ ନୁହେଁ। ମଣିଷ କେବଳ ନିଜ ପାଇଁ ସାଧନାର ପରିବେଶ ବା କ୍ଷେତ୍ରଟିଏ ପ୍ରସ୍ତୁତ କରିବା ଓ ନିଜ ଅନ୍ତଃସ୍ଥ ଶକ୍ତିର ଉପଯୋଗ କରି ସେହି କ୍ଷେତ୍ରଟିକୁ ବିକଶିତ କରିବା ହେଉଛି ଅସଲ କଥା।

ଦକ୍ଷିଣ-ପୂର୍ବ ଏସିଆର ଲୋକପ୍ରିୟ 'କୋଇ ଆଇନ୍'ରେ ଉଲ୍ଲେଖ ଅଛି, 'କୋଇ' ନାମକ ଏକ ପ୍ରକାର ମାଛ ନିଜର ପରିବେଶ ଅନୁଯାୟୀ ବଡ଼ ଅବା ଛୋଟ ଆକାରର ହୋଇଥାଏ। ସେହିପରି ମଣିଷର ଅଭିବୃଦ୍ଧି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା ଉପରେ ନିର୍ଭର କରେ। 'କୋଇ' ମାଛ ଅସୀମ ଶକ୍ତିର ଧାରକ ବୋଲି ବିଶ୍ୱାସ କରାଯାଏ, ଯାହା ମଣିଷକୁ ତା' ଜୀବନର ଲକ୍ଷ୍ୟ ଧାର୍ଯ୍ୟ ଓ ଉଦ୍ୟମ ଜରିଆରେ ସେହି ଲକ୍ଷ୍ୟର ପୂରଣ ନିମିତ୍ତ ପ୍ରେରଣା ଦିଏ। ଜାପାନୀ ପରମ୍ପରାରେ 'କୋଇ' ମାଛ ସୌଭାଗ୍ୟ, ଅଧ୍ୟବସାୟ, ପ୍ରାଚୁର୍ଯ୍ୟର ପ୍ରତୀକ। ବୌଦ୍ଧଧର୍ମରେ ତାହା ସାହସ ଓ ପ୍ରଗତିର ପ୍ରତିନିଧିତ୍ୱ କରେ। ତେଣୁ 'କୋଇ ଆଇନ୍'ର ସାରାଂଶ ହେଉଛି ମଣିଷର ଅଭିବୃଦ୍ଧି, ସୌଭାଗ୍ୟ, ପ୍ରାଚୁର୍ଯ୍ୟ, ପ୍ରଗତି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା, ଅଧ୍ୟବସାୟ, ସାହସ ଉପରେ ନିର୍ଭର କରେ, ଯେଉଁ ଆଇନ୍ ନିଜ ଜୀବନରେ ପ୍ରୟୋଗ କରିବା ହେଉଛି ମଣିଷର ଦାୟିତ୍ୱ। କେବଳ ଜଣେ ସାହସୀ, ଅଧ୍ୟବସାୟୀ ମଣିଷ ଯେକୌଣସି ବୟସରେ ବି ଏକ ରଚନାତ୍ମକ ପରିବେଶ ସୃଷ୍ଟି କରିପାରିବ ଏବଂ ସେହି ପରିବେଶରେ କାର୍ଯ୍ୟ କରି ସମାଜ ପ୍ରତି ତା'ର ମହାର୍ଘ ମହତ କର୍ତ୍ତବ୍ୟ ନିର୍ବାହ କରିପାରିବ।

ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ଉପନ୍ୟାସ ଆଧାରିତ ଟେଲିଭିଜନ୍ ସିରିଜ୍ 'ଦି ହ୍ୟାଣ୍ଡମେଡ୍ସ ଟେଲ୍'ରେ ମଣିଷର ସ୍ୱାଧୀନତା ସହିତ ତା'ର ଚିନ୍ତା ଓ କର୍ମର ବ୍ୟାପକତା ସୂଚିତ ହୋଇଛି। ଆମେରିକୀୟ ମନସ୍ତତ୍ତ୍ୱବିତ୍ ଆବ୍ରାହାମ୍ ମାସ୍‌ଲୋ ଅଙ୍କନ କରିଥିବା ପିରାମିଡ୍-ଆକାର 'ହାଏରାର୍କି ଅଫ୍ ନିଡ୍ସ' ଏବଂ ରଚନା କରିଥିବା ନିବନ୍ଧ 'ଏ ଥିଓରି ଅଫ୍ ହ୍ୟୁମାନ୍ ମୋଟିଭେସନ୍'ରେ କୁହାଯାଇଛି, ମଣିଷର ପ୍ରଥମ ଆବଶ୍ୟକତା ଶରୀର ସମ୍ବନ୍ଧୀୟ, ଦ୍ୱିତୀୟ ସୁଖ ଓ ବିତ୍ତୀୟ ନିରାପତ୍ତା, ତୃତୀୟ ଶ୍ରଦ୍ଧା, ବନ୍ଧୁତା ଓ ପାରିବାରିକ ବନ୍ଧନ ଜରିଆରେ ଆବେଗିକ ମଙ୍ଗଳ, ଚତୁର୍ଥ ସାମାଜିକ ବୃତ୍ତିଗତ ସମ୍ମାନ ଓ ସ୍ୱୀକୃତି ଏବଂ ପିରାମିଡ୍‌ର ଶୀର୍ଷସ୍ଥ ପଞ୍ଚମ ଆବଶ୍ୟକତା ଆତ୍ମ-ବାସ୍ତବାୟନ। ଅର୍ଥାତ୍ ଜଣେ ମଣିଷ ଭାବରେ ନିଜର ସମ୍ପୂର୍ଣ୍ଣ ଅନ୍ତଃଶକ୍ତିର ଉପଲବ୍ଧି।

ପ୍ରତ୍ୟେକ ମଣିଷ କିଛି ନା କିଛି ଅନ୍ତଃଶକ୍ତି ଧାରଣ କରିଥାଏ। କିନ୍ତୁ ଏକ ସକାରାତ୍ମକ ପରିବେଶରେ ସେହି ଶକ୍ତିକୁ ଉପଲବ୍ଧି କରି ଗଠନମୂଳକ କାର୍ଯ୍ୟରେ ତାକୁ ଉପଯୋଗ କରିବା ଦ୍ୱାରା ସଂପୃକ୍ତ ମଣିଷର ଓ ସମଗ୍ର ସମାଜର ମଙ୍ଗଳ ହୋଇଥାଏ। କେତେକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ ଅନୁଯାୟୀ, ଇନ୍‌ଫୋଟେକ୍ କନ୍‌ସଲ୍‌ଟାଣ୍ଟ ନରେଶଚନ୍ଦ୍ର ସିଂହ ୨୦୧୦ ମସିହାରେ ନବୀ ମୁମ୍ବାଇର ଖରଘର୍ ଅଞ୍ଚଳକୁ ଆସି ଅବସ୍ଥାନ କଲେ। ଜ୍ୟୋତି ନାଦକର୍ଣ୍ଣି ୨୦୧୬ ମସିହାରେ ଆଫ୍ରିକାରୁ ଭାରତକୁ ଫେରିଆସିଲେ। ଖରଘର୍‌ର ସୌନ୍ଦର୍ଯ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷଲତା ଇତ୍ୟାଦିକୁ ଦେଖି ସେମାନେ ଖୁବ୍ ଆନନ୍ଦ ଅନୁଭବ କଲେ। କିନ୍ତୁ ଲକ୍ଷ୍ୟକଲେ, ସେଠାକାର ହ୍ରଦ ଦୂଷିତ, ପାହାଡ଼ ଜଙ୍ଗଲ କ୍ଷୟ ହେଉଛି। ତେଣୁ ସେମାନେ ମାତ୍ର ୪ଜଣଙ୍କୁ ନେଇ ଏକ କ୍ଷୁଦ୍ର 'ପ୍ରକୃତି ସଂରକ୍ଷକ ଦଳ' ଗଠନ କଲେ। ଏବେ ସେହି ଦଳର ସଦସ୍ୟ ସଂଖ୍ୟା ୫୦୦, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଆଇ.ଆଇ.ଟି ଗବେଷକ, ଫଟୋଗ୍ରାଫର୍, ପଶୁପକ୍ଷୀଙ୍କ ସୁରକ୍ଷାଦାତା କର୍ମୀ, ଲେଖକ, ଓକିଲ, କର୍ପୋରେଟ୍ ବୃତ୍ତିଧାରୀ, ସାଧାରଣ ମଣିଷ ଓ ଅବସରପ୍ରାପ୍ତ ଅଫିସର୍, ବରିଷ୍ଠ ନାଗରିକ। ସେମାନେ ବୃକ୍ଷରୋପଣ ଓ ଜଳାଶୟଗୁଡ଼ିକର ସଂରକ୍ଷଣ କରି ଜୈବ ବିବିଧତାରେ ସମୃଦ୍ଧ ଖର୍‌ଘର୍ ଅଞ୍ଚଳର ପ୍ରାକୃତିକ ସମ୍ପଦଗୁଡ଼ିକୁ ସୁରକ୍ଷିତ କରୁଛନ୍ତି। ସାରା ପୃଥିବୀରେ ଏମିତି ଅସଂଖ୍ୟ ଦୃଷ୍ଟାନ୍ତ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେପରି ମହତ୍ କାର୍ଯ୍ୟ ସହିତ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକମାନଙ୍କର ସଂପୃକ୍ତି। ସେମାନେ ପ୍ରମାଣ କରୁଛନ୍ତି ଯେ ସମଗ୍ର ସମାଜ ପ୍ରତି ନୈତିକ ଦାୟିତ୍ୱ ନିର୍ବାହ କରିବା ଦିଗରେ ବୟସ ଆଦୌ ବାଧକ ନୁହେଁ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଷଢ଼େଇକଳା-ଖରସୁଆଁର ଦୁଃଖ

ରବୀନ୍ଦ୍ର ପଟ୍ଟନାୟକ



ସମ୍ପ୍ରତି କୋଟିଆକୁ ନେଇ ଆଲୋଚନା ଓ ଉତ୍ତେଜନା ଜୋର ଧରିଛି। ଏ ସମ୍ପର୍କିତ ଖବର ସବୁ ଗଣମାଧ୍ୟମରେ ନିୟମିତ ସ୍ଥାନ ପାଉଛି। କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ଓ ଆଞ୍ଚଳିକ ରାଜନୀତି ମଧ୍ୟ ବେଶ୍ ଚଳଚଞ୍ଚଳ ହେଉଛି। ଏହି ଚର୍ଚ୍ଚା ଭିତରେ ୭୭ବର୍ଷ ଧରି ଓଡ଼ିଶା ବାହାରେ ଥିବା ଓଡ଼ିଆବହୁଳ ଅଞ୍ଚଳ 'ଷଢ଼େଇକଳା-ଖରସୁଆଁ'ର ଅନ୍ତଃବେଦନା ଓ ସ୍ୱର ହଜି ଯାଉଛି। କେବଳ କେବେକେମିତି ଏ ସମ୍ପର୍କିତ ଆଲୋଚନା ଔପଚାରିକତାରେ ଶେଷ ହେଉଛି ସିନା ସେହି ଅଞ୍ଚଳର ସମସ୍ୟା, ଓଡ଼ିଆ ଅସ୍ମିତା ଓ ଓଡ଼ିଶାରେ ପୁନଃମିଶ୍ରଣ ପାଇଁ ଆନ୍ତରିକତାର ଅଭାବ ଦେଖାଦେଉଛି।

ଓଡ଼ିଆ ଗଡ଼ଜାତ ରାଜ୍ୟ ଷଢ଼େଇକଳାର ମହାରାଜା ଆଦିତ୍ୟ ପ୍ରତାପ ସିଂହଦେବ ଏବଂ ଖରସୁଆଁର ରାଜା ରାମଚନ୍ଦ୍ର ସିଂହଦେବ ୧୫ଡିସେମ୍ବର ୧୯୪୭ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକ୍ରମେ ଚୁକ୍ତିନାମାରେ ସ୍ୱାକ୍ଷର କଲା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ୧.୧.୧୯୪୮ ରୁ ୧୭.୫.୧୯୪୮ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚମାସ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ରହିଥିଲା। ତତ୍କାଳୀନ ବିହାରର ପ୍ରଭାବଶାଳୀ ନେତାଙ୍କ ଚକ୍ରାନ୍ତ ତଥା ତତ୍କାଳୀନ ଦୁର୍ବଳ ଓଡ଼ିଆ ନେତୃତ୍ୱ ପାଇଁ ବିହାର ସହ ୧୮.୦୫.୧୯୪୮ରେ ଏକବର୍ଷ ପାଇଁ ବା ମୟୂରଭଞ୍ଜ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ଏହା ସାମୟିକ ଭାବେ ସାମିଲ ହେବାକୁ ପ୍ରସ୍ତାବ ରହିଥିଲା। କିନ୍ତୁ ଏହାଭିତରେ ଦୀର୍ଘ ୭୭ ବର୍ଷ ବିତିଯାଇଛି। ସେହି ଦୁଇ ଓଡ଼ିଆ ଅଞ୍ଚଳ ଓଡ଼ିଶାକୁ ଆଉ ଫେରି ପାରିନି।

ଉଲ୍ଲେଖଯୋଗ୍ୟ, ଅବିଭକ୍ତ ବିହାରର ବିଭାଜନ ବେଳେ ଝାଡ଼ଖଣ୍ଡରୁ ଷଢ଼େଇକଳା-ଖରସୁଆଁକୁ ଅଲଗା କରି ଓଡ଼ିଶାରେ ମିଶ୍ରଣ ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବାଚସ୍ପତିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧିଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ସାକ୍ଷାତ କରି ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ, ଷଢ଼େଇକଳା-ଖରସୁଆଁର ନ୍ୟାଯ୍ୟ ଦାବିକୁ ଆଡ଼େଇ ଯାଇ କେବଳ ଏତିକି ପ୍ରତିଶ୍ରୁତି ଦେଇଥିଲେ ଯେ, ଷଢ଼େଇକଳା-ଖରସୁଆଁର ସର୍ବାଙ୍ଗୀନ ବିକାଶ କଥା ବୁଝିବା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ଗୁରୁଦାୟିତ୍ୱ। ଏହାପରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଟି ଝାଡ଼ଖଣ୍ଡ ଗଠନ ହେବା ଦିନ ୧୫ ନଭେମ୍ବର ୨୦୦୦ରୁ ଏପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଶତଳ ଭଣ୍ଡାରରେ ପଡ଼ି ରହିଛି। ଏପରିକି ଝାଡ଼ଖଣ୍ଡରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ମିଳିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହୋଇ କେବଳ କାଗଜକଲମରେ ସୀମିତ ରହିଛି। ନା ଏହାକୁ କାର୍ଯ୍ୟକାରୀ କରୁଛି ଓଡ଼ିଶା ନା ଝାଡ଼ଖଣ୍ଡ ସରକାର।

ଓଡ଼ିଆବହୁଳ ଦୁଇ ଅଞ୍ଚଳ ଷଢ଼େଇକଳା ଓ ଖରସୁଆଁ ଏବେ ଝାଡ଼ଖଣ୍ଡର ଏକ ଜିଲ୍ଲା, ଯାହାକି ବିହାରଠାରୁ ଅଲଗା ହୋଇ ୧୫.୧୧.୨୦୦୦ରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛି। କିନ୍ତୁ ଦୀର୍ଘ ସାତ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଓଡ଼ିଶା ବାହାରେ ରହିଥିବା ଓଡ଼ିଶାର ଏକ ଜିଲ୍ଲା କେମିତି ଓଡ଼ିଶାକୁ ଫେରିବ ସେ ସମ୍ପର୍କରେ ଓଡ଼ିଆ ଗଣମାଧ୍ୟମ, ଓଡ଼ିଶାର ନେତୃବୃନ୍ଦ, ଓଡ଼ିଆ ସଂଗଠନ ଓ ବୁଦ୍ଧିଜୀବୀ ନିରବ ନିଷ୍କ୍ରିୟ। ଅତି ଦୁଃଖ ଓ କ୍ଷୋଭର ବିଷୟ ଯେ, ଓଡ଼ିଆ ଅଧ୍ୟୁଷିତ ଷଢ଼େଇକଳା-ଖରସୁଆଁକୁ ଦୀର୍ଘ କୋଡ଼ିଏ ବର୍ଷ ଧରି ଓଡ଼ିଶା ବିଧାନସଭାର ସଂଖ୍ୟାଲଘୁ ଭାଷା କମିଟି ଗସ୍ତ କରି ପ୍ରତ୍ୟକ୍ଷ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ନେଇ ଚିନ୍ତାଜନକ ପରିସ୍ଥିତିକୁ ଅନୁଧ୍ୟାନ କରିନାହଁ।

ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସହ ପ୍ରତିଦିନ ସଂଘର୍ଷ କରି ଆସୁଥିବା ଷଢ଼େଇକଳା-ଖରସୁଆଁର ଉପେକ୍ଷିତ ଓଡ଼ିଆମାନଙ୍କ ଓଡ଼ିଆପଣ ଓ ଓଡ଼ିଆଟାଣ ମୂଳ ଓଡ଼ିଶା ଭୂଖଣ୍ଡର ଓଡ଼ିଆମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ବରଂ ଅଧିକ। ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତ ଓଡ଼ିଆ ଭାଷା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମିଳୁଥିବା ମାସିକ ନାମମାତ୍ର ପାରିଶ୍ରମିକ(୩ହଜାର ଟଙ୍କା), ଯାହାକି ବର୍ଷକୁ ଦଶମାସ ପାଇଁ ଥରେ ମିଳେ, ତାହା ମଧ୍ୟ ଗତ ବର୍ଷେ ଧରି ମିଳିନାହିଁ। କରୋନା ମହାମାରୀ କାଳ ୨୦୨୦-୨୧ର ପାରିଶ୍ରମିକ କୌଣସି କାରଣ ପାଇଁ ଅଟକି ରହିଛି। ଗତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଓଡ଼ିଆ ଶିକ୍ଷାକର୍ମୀଙ୍କ ମାସିକ ପାରିଶ୍ରମିକ ୩ହଜାରରୁ ୬ହଜାରକୁ ବୃଦ୍ଧି କରି ପ୍ରତିମାସ କରିବାକୁ ଦେଇଥିବା ପ୍ରତିଶ୍ରୁତି ଖାଲି 'ପ୍ରତିଶ୍ରୁତି'ରେ ହିଁ ରହିଯାଇଛି।

ଆମ ଆଗରେ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ, ଏହି ସଂକଟଜନକ ପରିସ୍ଥିତିରେ କିଏ ବୁଝିବ ଆମ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା-ଖରସୁଆଁର ଉପେକ୍ଷିତ, ନିର୍ଯାତିତ ମାତୃଭାଷାର ସୁରକ୍ଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅହରହ ସଂଘର୍ଷରତ ପ୍ରାୟ ସାତ ଲକ୍ଷ ଓଡ଼ିଆଙ୍କ ଦୁଃଖ, କଷ୍ଟ ଓ ଦୈନ୍ୟ? ଷଢ଼େଇକଳା-ଖରସୁଆଁରେ ଦୃଢ଼ ଓଡ଼ିଆ ନେତୃତ୍ୱ ସୃଷ୍ଟି କରିବା ଆଜିର ବଡ଼ ଆହ୍ୱାନ। ଉପେକ୍ଷିତ, ନିଷ୍ପେଷିତ, ନିର୍ଯାତିତ ଓ ଅବହେଳିତ ଓଡ଼ିଆ ଭାଷୀମାନଙ୍କୁ ସଂଗଠିତ କରି ସୁଚିନ୍ତିତ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ଆବଶ୍ୟକ।

ରାଇରଙ୍ଗପୁର, ମୋ:୮୨୪୯୪୯୦୬୬୩

## କର୍କଟ ରୋଗ ପ୍ରତିରୋଧୀ ଶର୍କରା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ବର୍ତ୍ତମାନ ପୃଥିବୀରେ ସବୁଠାରୁ ଭୟଙ୍କର ରୋଗ ରୂପେ ପରିଗଣିତ ହେଉଛି କର୍କଟ। ଏକପକ୍ଷରେ ତାହା ଘାତକ ଏବଂ ଅନ୍ୟପକ୍ଷରେ ଯନ୍ତ୍ରଣାଦାୟକ। ୨୦୨୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ହୋଇଥିବା ଆକଳନ ଅନୁସାରେ ସେ ବର୍ଷ ବିଶ୍ୱରେ ୨୦ ନିୟୁତ ନୂଆ ରୋଗୀ ସାମିଲ୍ ହୋଇଥିବା ବେଳେ ୯.୭ ନିୟୁତ ଲୋକ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ପ୍ରାୟ ୫୩.୫ ନିୟୁତ ଲୋକ (୨୦୨୪ ମସିହା)।

ବିବିଧ ଅଙ୍ଗକୁ ପ୍ରଭାବିତ କରୁଥିବା କର୍କଟରୋଗ ମଧ୍ୟରୁ ଫୁସ୍‌ଫୁସ୍ କର୍କଟରୋଗର ସ୍ଥାନ ସର୍ବାଗ୍ରେ। ଉପରୋକ୍ତ ଗଣନା ଅନୁସାରେ ୨୦୨୨ ମସିହାରେ ବିଶ୍ୱରେ ଏ ରୋଗୀଙ୍କ ସଂଖ୍ୟା ୨.୫ ନିୟୁତ ଥିବା ବେଳେ ସ୍ତନକର୍କଟ, ବୃହଦନ୍ତ୍ର କର୍କଟ, ପୌରୁଷଗ୍ରନ୍ଥି କର୍କଟ, ପାକସ୍ଥଳୀ କର୍କଟ ଏବଂ ଗର୍ଭାଶୟ କର୍କଟରେ ଯଥାକ୍ରମେ ଆକ୍ରାନ୍ତ ହୋଇଥିଲେ ୨.୩ ନିୟୁତ, ୧.୧ ନିୟୁତ ୧.୫ ନିୟୁତ, ୯, ୭୦, ୦୦୦ ଏବଂ ୬୬୧, ୪୦୦ ଲୋକ। ସେହିପରି ଫୁସ୍‌ଫୁସ୍ କର୍କଟରେ ୧.୮ ନିୟୁତ, ବୃହଦନ୍ତ୍ର କର୍କଟରେ ୯, ୦୦, ୦୦୦, ଯକୃତ କର୍କଟରେ ୭, ୬୦, ୦୦୦, ସ୍ତନକର୍କଟରେ ୬୭, ୦୦୦, ପାକସ୍ଥଳୀ କର୍କଟରେ ୬, ୬୦, ୦୦୦ ଏବଂ ଗର୍ଭାଶୟ କର୍କଟରେ ୩, ୪୮, ୧୮୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୫୦ ମସିହା ବେଳକୁ ୨୦୨୨ ମସିହା ତୁଳନାରେ ଏ ରୋଗୀଙ୍କ ସଂଖ୍ୟା ୭୭ ଶତାଂଶ ଅଧିକ ହେବ ବୋଲି ଆକଳନ କରାଯାଇଛି।

ସେଥିପାଇଁ ଏ ରୋଗର ସଫଳ ଚିକିତ୍ସା ଲାଗି ସାରା ବିଶ୍ୱରେ ଚାଲିଛି ବିଭିନ୍ନ ଦିଗରୁ ଉଦ୍ୟମ। ତନ୍ମଧ୍ୟରୁ ଗୋଟିକରେ ଚାଇନିଜ ଆକାଡେମୀ ଅଫ୍ ସାଇନସେସ୍‌ର କିଛି ଗବେଷକ ଗଭୀର ସମୁଦ୍ରରେ ବାସ କରୁଥିବା ଏକପ୍ରକାର ଜୀବାଣୁଠାରେ ଏହାର ପ୍ରତିହତ କରିବାର ସାମର୍ଥ୍ୟ ଥିବାର ଆବିଷ୍କାର କରିଛନ୍ତି ବୋଲି ସୂଚୀତ କରିଛନ୍ତି ଜୁଲାଇ, ୨୦୨୫ ସଂଖ୍ୟାର 'ଦ ଏଫ୍‌ଏଏସ୍‌ଇବି ଜର୍ଣ୍ଣାଲ'ରେ। ତଦନୁଯାୟୀ ତା'ଠାରେ ଏକ ଦୀର୍ଘ ମାଳାଯୁକ୍ତ ଶର୍କରା ବା 'ଏକ୍ସୋ ପଲି ସାକାରାଇଡ୍'ର ଗୁଣ ରହିଛି। ଏହି ଜୀବାଣୁଗୁଡ଼ିକ ହେଲେ 'ସ୍ପୋଙ୍ଗିବାକ୍ଟର ନାନାହାଇନସ ସିଏସ୍ସି୩.୯'। ତହିଁରେ ଥିବା କର୍କଟ ରୋଗ ପ୍ରତିରୋଧକାରୀ ଶର୍କରାଟି ହେଲା 'ଇପିଏସ୍ ୩.୯'। ଏଥିରେ ରହିଛି ମାନୋଜ୍ ଓ ଗ୍ଲୁକୋଜ୍ ଶର୍କରା। ଯାନ୍ତ୍ରିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ 'ଇପିଏସ୍ ୩.୯ ପାଞ୍ଚୋଟି ଝିଲ୍ଲୀଥିବା 'ଫସ୍ଫୋଲିପିଡ୍' ଅଣୁମାନଙ୍କୁ ସିଧାସଳଖ ଭେଦ କରିପାରେ ଏବଂ ମଣିଷର 'ଲ୍ୟୁକୋମିଆ (ଶ୍ୱେତକଣିକା ବୃଦ୍ଧି ରୋଗ) ଜୀବକୋଷମାନଙ୍କରେ ପାଇରୋପ୍ଟସିସ୍ ପ୍ରକ୍ରିୟାକୁ ସକ୍ରିୟ କରି ଅର୍ବୁଦ ଉପରେ ତା'ର ବିଷାକ୍ତପଣ ପ୍ରୟୋଗ କରିପାରେ। ଯକୃତ କର୍କଟରୋଗ ଗ୍ରସ୍ତ ମୂଷାମାନଙ୍କ ଠାରେ ଇପିଏସ ୩.୯ର ଗୁରୁତ୍ୱପୂର୍ଣ୍ଣ ଅର୍ବୁଦ-ନିରୋଧକ ପ୍ରଭାବମାନ ଥିବାର ଏବଂ ଏହା ସହିତ ତାର ଅର୍ବୁଦ ନିରୋଧକ ରୋଗ ପ୍ରତିରୋଧକାରୀ ପ୍ରତିକ୍ରିୟାକୁ ସକ୍ରିୟ କରିବାର ଦେଖାଯାଇଛି।

'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର ଏହି ଗବେଷକ ଗୋଷ୍ଠୀର ଅନ୍ୟତମ ସଦସ୍ୟ ଚାଓମିନ୍ ସନ୍‌ଙ୍କ ମତରେ ତାଙ୍କର ଏ ଆବିଷ୍କାର କର୍କଟରୋଗର ନିଦାନ ରୂପେ ଶର୍କରାଭିତ୍ତିକ ଔଷଧର ବିକାଶ ଲାଗି କେବଳ ତାତ୍ତ୍ୱିକ ମାଧ୍ୟମ ଯୋଗାଇ ନାହିଁ, ସେଥିସହିତ ସାମୁଦ୍ରିକ ସୂକ୍ଷ୍ମଜୀବ ସଂସାଧନର ଅନୁସନ୍ଧାନ କରିବା ଦିଗରେ ଥିବା ଗୁରୁତ୍ୱକୁ ଉପସ୍ଥାପନ କରିଛି। ପାଇରୋପ୍ଟିସ୍ ହେଉଛି ବହିରାଗତ ଜୀବକୋଷକୁ ନଷ୍ଟ କରିବା ଲାଗି ଅଭିପ୍ରେତ ପ୍ରକ୍ରିୟା, ଯାହାକି ଶରୀରକୁ ସଂକ୍ରମଣ ଓ ରୋଗ ବିରୁଦ୍ଧରେ ସଂଗ୍ରାମ ଲାଗି ସହାୟତା କରେ। ନିୟମିତ ସାଧାରଣ ଜୀବକୋଷ ମୃତ୍ୟୁଠାରୁ ଭିନ୍ନ ହୋଇଥିବା ଏହା ଏକ ନାଟକୀୟ ତଥା ବିସ୍ଫୋରକ ପ୍ରକ୍ରିୟା, ଯହିଁରେ ଜୀବକୋଷଗୁଡ଼ିକ ଫୁଲି ଉଠନ୍ତି, ଫାଟି ଖୋଲିଯା'ନ୍ତି ଏବଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସଚେତନ କରିବା ଲାଗି ପ୍ରଦାହୀ ସୂଚକମାନ ଦେଇଥା'ନ୍ତି।

ଆଗରୁ ଏହା ନାନାଦି ଜୀବାଣୁ ଓ ଭୂତାଣୁମାନଙ୍କ ସହିତ ସଂଗ୍ରାମ କରୁଥିବା ଏକ ପ୍ରତିରକ୍ଷା ବ୍ୟବସ୍ଥା ରୂପେ ଆବିଷ୍କାର ହୋଇଥିଲା। ଏବେ ତାହା କର୍କଟ ରୋଗ ଚିକିତ୍ସା ଗବେଷଣା ବିଷୟରେ ପରିଣତ ହୋଇଛି। କାରଣ 'ପାଇରୋପ୍‌ସିସ୍' କେବଳ ସେଗୁଡିକୁ ସିଧାସଳଖ ଧ୍ୱଂସ କରିଦିଏ ନାହିଁ; ବରଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଶର୍କରା (ଇପିଏସ୍୩.୯) କୁ କୃତ୍ରିମ ଉପାୟରେ ଉତ୍ପାଦନ କରି କର୍କଟ ଚିକିତ୍ସାରେ ମଧ୍ୟ ଲଗାଇବାକୁ ଚିନ୍ତା କରାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଦୁଇ ଏବିଭିପି ସଦସ୍ୟଙ୍କ ଗିରଫ ଘଟଣା**

# ବିଜେପି ଷଡ଼୍‌ଯନ୍ତ୍ରକାରୀ, ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର, ୪।୮(ସମିସ): ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ଦୁଇ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି। ଏହି ଘଟଣାରେ ଷଡ଼ଯନ୍ତ୍ର ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା। ଏବିଭିପିର ଦୁଇ ସଦସ୍ୟ ଗିରଫ ହେବା ପରେ ଏହା ପ୍ରମାଣିତ ହୋଇଯାଇଛି। ମାତ୍ର, ଏହି ଷଡଯନ୍ତ୍ରରେ ବିଜେପିର ବି କିଛି ନେତାଙ୍କ ସମ୍ପୃକ୍ତି ରହିଛି। ଦୁଇ ଏବିଭିପି ସଦସ୍ୟଙ୍କୁ ଗିରଫ ଆଳରେ ବିଜେପି ଉକ୍ତ ନେତାମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ସାଂଘାତିକ ଅଭିଯୋଗ ଆଣିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଜଣେ ଅଧ୍ୟାପକ ଛାତ୍ରୀଜଣଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିଲା। ମାତ୍ର ଏବିଭିପି ଓ ବିଜେପି ନେତାମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଏହି ଘଟଣାରେ ବିଜେପି ଷଡଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି। କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼୍‌ଯନ୍ତ୍ର ରଚନା ହୋଇଥିଲା। ଷଡ଼୍‌ଯନ୍ତ୍ରର ଅଂଶ ଭାବେ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ଉସୁକା ଯାଇଥିଲା। ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼ଯନ୍ତ୍ର ରଚିବାରେ ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖ ଓ



ପରିତାପର ବିଷୟ, ଷଡ଼ଯନ୍ତ୍ରରେ ସ୍ଥାନୀୟ ବିଜେପି ନେତାମାନଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି, ଯେଉଁ ଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ। ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିନଥିଲେ। ଶ୍ରୀ ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ ଏଭଳି ଅଘଟଣ ଘଟିନଥାନ୍ତା। କ୍ରାଇମବ୍ରାଞ୍ଚ ଶ୍ରୀ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦଳ ଦାବି କରିଆସୁଛି। ଏବିଭିପିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ଓ ଅନ୍ୟ ବିଜେପି ନେତାଙ୍କ ସମ୍ପୃକ୍ତି ମଧ୍ୟ ସନ୍ଦେହଘେରକୁ ଆସିଛି।

ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଏବିଭିପି କାର୍ଯ୍ୟକ୍ରମରେ ଚଳିତ ବର୍ଷ

- **ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ**
- **ସଂଗଠନ ବୃଦ୍ଧି ପାଇଁ ରଚା ଯାଇଥିଲା ଘୃଣ୍ୟ ଷଡ଼୍‌ଯନ୍ତ୍ର**
- **ଏବିଭିପି ଓ ବିଜେପିର ଅସଲ ଚେହେରା ପଦାକୁ ଆସିଲା**

କଲେଜ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ସହ ଏଥିପାଇଁ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ କହିଥିଲେ। ଛାତ୍ର ସଂଗଠନକୁ ମଜଭୁତ କରିବା ପାଇଁ ଏଫଏମ କଲେଜରେ ରଚାଯାଇଥିଲା ଏକ ଘୃଣ୍ୟ ଷଡ଼ଯନ୍ତ୍ର; ଯାହାର ପରିଣାମ ସ୍ୱରୂପ ସୌମ୍ୟାଶ୍ରୀ ଭଉଣୀଙ୍କ ପରି ଏକ ମୂଲ୍ୟବାନ ଜୀବନ ଚାଲିଗଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ।

ଇପ୍ସିତା ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢ଼ାଇ ଆସୁଥିବା ଏବିଭିପିର ଅସଲମୁଖା ଆଜି ଖୋଲିଯାଇଛି। ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଏବିଭିପି ଓ ବିଜେପି ନେତାମାନେ ଭଉଣୀ ସୌମ୍ୟାଶ୍ରୀକୁ ମୋହରା କରିଛନ୍ତି। ଯେତେବେଳେ ସୌମ୍ୟାଶ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡ଼ି ହୋଇ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଥିଲେ, ସେତେବେଳେ ଏବିଭିପିର ସଦସ୍ୟମାନେ ବିରୋଧୀ ଦଳର ବିଧାୟକ ଓ ନେତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଭିତରକୁ ଯିବାକୁ ଦେଉନଥିଲେ। ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ଏଥିରେ ସ୍ପଷ୍ଟ ହୋଇଛି। କେବଳ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି ମାମଲାକୁ ରଫାଦଫା କରିଦେବା ପାଇଁ ଉଦ୍ୟମ କରୁଛନ୍ତି ସରକାର। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-AOMC-ETP-25-26-13

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ମେନ୍ (Main) ETP (କ୍ଷମତା:30000 L/ଦିବସ) ଏବଂ ରୋଲର ବିୟରିଙ୍ଗ୍ ସଫେଇ କାରଖାନା ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 28,23,481.28, EMD (ଟଙ୍କାରେ): 56,500/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.06.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.08.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH)/ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-427/Q/25-26

## ୩୩ ନବନିଯୁକ୍ତ ଓଜେଏସ୍ ଅଧିକାରୀଙ୍କ ଶପଥ ଗ୍ରହଣ

**ନିର୍ଦ୍ଧାରିତ ସମୟରେ ମାମଲା ଫଇସଲା ଉପରେ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱାରୋପ**

କଟକ, ୪।୮(ସମିସ): ଓଡ଼ିଶା ନ୍ୟାୟିକ ଏକାଡେମୀଠାରେ ଆଜି ୩୩ ନବନିଯୁକ୍ତ ବିଚାର ବିଭାଗୀୟ ଅଧିକାରୀ (ଓଜେଏସ୍)ଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଜଷ୍ଟିସ୍ ଟଣ୍ଡନ ମାମଲାଗୁଡ଼ିକ ଅଯଥା ଶୁଣାଣି ସ୍ଥଗିତ ନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ନିର୍ଦ୍ଧାରିତ ସମୟରେ ଏଗୁଡ଼ିକର ଫଇସଲା ଉପରେ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ନ୍ୟାୟିକ ଏକାଡେମୀର ପତ୍ରିକା 'ବିଦ୍ୟା'ର ବିଶେଷ ସଂସ୍କରଣ ୨୦୨୪-୨୦୨୫କୁ ମୁଖ୍ୟ ବିଚାରପତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ତଥା ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜଷ୍ଟିସ୍ ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଅବସରପ୍ରାପ୍ତ ବିଚାରପତିଗଣ, ଆଇନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲ୍ଲା ଓ ଦୌରା ଜଜ, ଓଡିଶା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଓଡ଼ିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀଙ୍କ ସମେତ କର୍ମଚାରୀଗଣ ସହାୟତା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା କେନ୍ଦ୍ରର ଅତିରିକ୍ତ ସଂଯୋଜକ ସୁଶ୍ରୀ ନିତିଶା ଚଣ୍ଡକ ଉଦଘୋଷିକା ରୂପେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ

**■ ବଢ଼ିଲା ବିଷ୍ଣୁପଦଙ୍କ ଅଡୁଆ**

## ସୁପ୍ରିମକୋର୍ଟରେ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର, ୪।୮ (ସମିସ): ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଲାଗି ଅଡୁଆ ବଢ଼ିଛି। ଆଗୁଆ ଜାମିନ ଆବେଦନକୁ ଆଜି ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଆବେଦନ ଖାରଜ ପରେ ତାଙ୍କ ଗିରଫଦାରୀକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ସହ ଟେଣ୍ଡର୍ ଫିକ୍ସିଂ ଓ ଲାଞ୍ଚ କାରବାର ମାମଲାରେ ଛନ୍ଦି ହୋଇଛନ୍ତି ବିଷ୍ଣୁପଦ। ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ବିଷ୍ଣୁପଦଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ପାଇଁ ସେ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ହେଲେ ଗତ ମାସ ୧୮ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଗତ ୨୯ ତାରିଖ ଦିନ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ପରେ ବିଷ୍ଣୁପଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଆଜି ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାପରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଗିରଫଦାରୀକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଭାଲରେ ରୋମାଞ୍ଚକ...

ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚଭରା ବିଜୟ ହାସଲ କରିଥିଲା ଭାରତ। ଏହି ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ରେ ସର୍ବାଧିକ ୭୫୪ ରନ୍ କରିଥିବା ଶୁବମନ ଗିଲ୍ ଭାରତର ଓ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ଇଂଲଣ୍ଡର ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍ ସହ ଭାରତର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ଏହା ପରେ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ଭାରତ ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିବ। ଦଳର ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଭାରତ ଟେଷ୍ଟ ସିରିଜ୍ ବରାବର ରଖିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା।

### ମହାରାଷ୍ଟ୍ରକୁ ହଁ...

ମାତ୍ର ଦୁର୍ଭାଗ୍ୟଜନକ କଥା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏହି ନାଯ୍ୟ ଦାବି ପୂରଣ ହେଲାନି। ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଞ୍ଚ ପାଇଁ ଚିଠି ଲେଖିଥିଲେ। ଯଦି ମହାରାଷ୍ଟ୍ର ବିଜେପି ସରକାର କୋହ୍ଲାପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରି ପାରିଲେ, ତାହେଲେ ଓଡ଼ିଶାରେ ବିଜେପି ସରକାର କାହିଁକି କରିଲେ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ଏନେଇ ସରକାର ଏବଂ ଶାସକ ଦଳକୁ କାଠଗଡ଼ାକୁ ଟାଣିଛନ୍ତି। ସେ କହିଛନ୍ତି ଯେ ବିଜେପି ଏନେଇ କଣ ପାଇଁ ଚୁପ ଅଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଦାୟିତ୍ୱ ସରକାରଙ୍କର । ମାତ୍ର ସରକାର ଓକିଲଙ୍କୁ ଓକିଲଙ୍କ ସହ ଏବଂ ଜିଲ୍ଲାକୁ ଜିଲ୍ଲା ସହ ଲଢ଼େଇ କରିବାକୁ ଚାହୁଁଛନ୍ତି। ଯେଉଁଠାରେ ବେଞ୍ଚ ପ୍ରତିଷ୍ଠା ପାଇଁ ସର୍ବାଧିକ ଆବଶ୍ୟକତା ରହିଛି, ସେଠାରେ ସରକାର ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଦଶନ୍ଧି ଧରି ଚାଲି ଆସିଛି। ସ୍ୱାଭାବିକ ଭାବେ ପଶ୍ଚିମ ଓଡ଼ିଶା ବିଜେପିର ଗଡ ରୂପେ ଜଣାଯାଏ। ରାଜ୍ୟରେ କ୍ଷମତାକୁ ଆସିଲେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ନିର୍ବାଚନରେ ବିଜେପିର ଛାମୁଆ ନେତା ପ୍ରତିଶ୍ରୁତି ଦେଇଥିଲେ। ବିଜେପି ପଶ୍ଚିମ ଓଡ଼ିଶାରୁ ସମସ୍ତ ୫ ଲୋକସଭା ଆସନ ଜିଣିବା ସହ ବହୁ ସଂଖ୍ୟାରେ ବିଧାନସଭା ଆସନ ମଧ୍ୟ ଜିଣିବାରେ ସମର୍ଥ ହୋଇଥିଲା। ତେବେ ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ବେଞ୍ଚ ପ୍ରତିଷ୍ଠା ଏବେ ବିଜେପି ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାଠାରୁ ବଡ଼ ଆହ୍ୱାନ ହେଉଛି ବେଞ୍ଚ କେଉଁଠାରେ ପ୍ରତିଷ୍ଠା ହେବ ସେନେଇ ସ୍ଥାନ ନିରୂପଣ କରିବା। ଏନେଇ ବିଜେପି ଅଠାକାଠିରେ ପଡ଼ିବାର ସମ୍ଭାବନା ରହିଛି। ଯଦି ବିଜେପି ସରକାର ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନକରୁଛନ୍ତି, ତାହେଲେ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଶକ୍ତ ଧକ୍କା ସଦୃଶ୍ୟ ହେବ।

### ହାତ ଟେକିଦେଲେ...

ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ଦେବାକୁ ପଡ଼ିବ। ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟ ପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାୟୋ-ଡାଟା ଓ ପୁଲିସ୍ ଭେରିଫିକେସନ୍ କରାଇବାକୁ କୁହାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ଶୌଚାଳୟ ଓ ପାନୀୟ ଜଳର ଉପଯୁକ୍ତ ସୁବିଧା ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରାଯିବା ଏବଂ ପରିବହନ ଗାଡ଼ିରେ ମହିଳା ହେଲ୍ପଲାଇନ ନମ୍ବର, ଶ୍ରମ ବିଭାଗର ହେଲ୍ପଲାଇନ ନମ୍ବର ପ୍ରଦର୍ଶନ ସହ ସିଫ୍ଟ ବଦଳ ସମୟରେ ୮ ଘଣ୍ଟା ବିଶ୍ରାମ ଦେବା ବାଧ୍ୟତାମୂଳକ ରଖାଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଆଇନ ପାଳନ ସହ ନିଯୁକ୍ତିଦାତା ସ୍ୱ-ପ୍ରମାଣପତ୍ର ଦାଖଲ କରିବେ।

ଏ ସଂକ୍ରାନ୍ତରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ କେନ୍ଦ୍ରୀୟ ଆଇନ ଅନୁସାରେ ବିଭିନ୍ନ ରାଜ୍ୟକୁ ଚିଠି ହୋଇଛି। ଓଡ଼ିଶାରେ ପୁରୁଷ ମହିଳା ମଧ୍ୟରେ ଥିବା ତାରତମ୍ୟ ହ୍ରାସ ଏବଂ ସଶକ୍ତିକରଣ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ରାତି ସିଫ୍ଟ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏଥିପାଇଁ ମହିଳାମାନଙ୍କୁ ସ୍ୱ-ଘୋଷଣାନାମା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନୀତିକୁ ବିଜେଡି ସମାଲୋଚନା କରିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମହିଳାମାନେ ଘୋଷଣା ନାମା ଦେଇ କାର୍ଯ୍ୟ କରିବା ଅର୍ଥ ନିଜ ସୁରକ୍ଷା ନିଜେ କରିବେ। ସରକାରଙ୍କ ତରଫରୁ କିଛି କରାଯିବ ନାହିଁ। ମହିଳା କର୍ମଚାରୀ ଘୋଷଣାନାମା ଦେବା ପରେ ସରକାରଙ୍କର ଆଉ କିଛି ଦାୟିତ୍ୱ ରହିବ ନାହିଁ। ଏହାର ଅର୍ଥ ସରକାର ସୁରକ୍ଷା ଦେଇପାରୁନାହାନ୍ତି। ନାରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କର ମନୋଭାବ ନାହିଁ। ଘୋଷଣାନାମା ଦେଇସାରିବା ପରେ କୌଣସି ଅଘଟଣ ହେଲେ ମହିଳା ଦାୟୀ ରହିବେ, ସରକାର ନୁହେଁ। ସରକାର ନିଜ ମୁଣ୍ଡରୁ ଦୋଷ ଖସେଇ ଦେବା ପାଇଁ ଏଭଳି କରିଛନ୍ତି। ସରକାରଙ୍କ ନୀତି ନିୟମ ଓ ଶାସନ ବ୍ୟବସ୍ଥା କାହିଁକି ଅଛି? ମହିଳା ଯଦି ନିଜ ସୁରକ୍ଷା ନିଜେ କରିବେ, ସରକାର କାହିଁକି ଅଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି।

### ପରଲୋକରେ ଦିଶୋମ୍...

ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ମୀସା ଭରତୀ, ମନୋଜ ଝା ଏବଂ ଆରଜେଡିର ଅନେକ ନେତା ତାଙ୍କ ପରିବାରକୁ ଭେଟିଛନ୍ତି। ସୋରେନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ରାଞ୍ଚି ନିଆଯାଇଛି। ରାମଗଡ଼ ନେମରା ଗ୍ରାମରେ ମଙ୍ଗଳବାର ଦ୍ୱିପହରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ସୋରେନଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି। ଦିବଂଗତ ସୋରେନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ଥିଲେ। ସେ ୟୁପିଏ-୧ କାର୍ଯ୍ୟକାଳରେ କେନ୍ଦ୍ର କୋଇଲା ମନ୍ତ୍ରୀ ରହିଥିଲେ। ତେବେ ଚିରୁଡିହ ହତ୍ୟାକାଣ୍ଡରେ ନାମ ଆସିବା ପରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ୧୯୪୪ ଜାନୁଆରୀ ୧୧ରେ ନେମରାରେ ଜନ୍ମିତ ଶିବୁ ସୋରେନ ତିନି ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୫ ମାର୍ଚ୍ଚ ୨ର ପ୍ରଥମ ପାଳିରେ ତାଙ୍କ ସରକାର ମାତ୍ର ୧୦ ଦିନରେ ଭାଙ୍ଗି ଯାଇଥିଲା। ୩ ମାସର କାର୍ଯ୍ୟକାଳରେ ସେ ମାତ୍ର ୧୦ ମାସ ପାଇଁ ସରକାର ଚଳାଇ ଥିଲେ। ଦ୍ୱିତୀୟ ଏବଂ ତୃତୀୟ ପାଳିରେ ୫ ମାସ ଲେଖାଏଁ ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଲୋକସଭାକୁ ମଧ୍ୟ ୬ ଥର ନିର୍ବାଚିତ ହୋଇଥିଲେ।

### ନିଜ ଖାତରେ ପଡ଼ିଲା...

ପ୍ରକାଶ ପାଇଛି। ରାଜନୀତି ଓ ପତିଆରା ବୃଦ୍ଧି ପାଇଁ ଛାତ୍ରୀଙ୍କ ଜୀବନକୁ ବିପଦରେ ପକାଇବାକୁ ଏବିଭିପିର ପ୍ରୟାସକୁ ସବୁଠି ନିନ୍ଦା କରାଯାଉଛି। ଛାତ୍ରୀ ଜଣକ ଏମ୍‌ସରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଭେଟିବାକୁ କାହାକୁ ପ୍ରବେଶ କରାଇ ଦେଉ ନଥିଲେ ଏବିଭିପିର କାର୍ଯ୍ୟକର୍ତ୍ତା। ବର୍ଣ୍ଣ ୟୁନିଟ୍ ବାହାରେ ରହି ବିଧାୟକଙ୍କ ସମେତ ବହୁ ଲୋକପ୍ରତିନିଧିଙ୍କୁ ବିରୋଧ କରିବା ସହ ପ୍ରବଳ ଯୁକ୍ତିତର୍କ କରୁଥିଲେ। ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତି ଏହାର କାରଣ ଥିଲା ବି ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେତେବେଳର ଯୁକ୍ତିତର୍କ ଭିଡିଓ ପୁଣିଥରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।

ଛାତ୍ରୀ ଆତ୍ମଦାହ ଘଟଣାରେ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ପଦାକୁ ଆସିବା ପରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷାବିତ ଓ ରାଜନୈତିକ ବିଶେଷଜ୍ଞଙ୍କ ମତରେ ଶାସକ ବିଜେପି ସହ ସମଭାବାପନ୍ନ ଏହି ଛାତ୍ର ସଂଗଠନ ପଛକୁ ଚାଲିଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଫଳରେ ନିର୍ବାଚନ ହାରିବାର ଆଶଙ୍କା ବହୁଗୁଣିତ ହୋଇଛି। ଏପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଠିକ୍ ନଥିବା ଦର୍ଶାଇ ପୁଣିଥରେ ନିର୍ବାଚନକୁ ସରକାର ଟାଳି ଦେଇ ପାରନ୍ତି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ଛାତ୍ରସଂସଦ ନିର୍ବାଚନ ନିଶ୍ଚିତ କରିବା ପାଇଁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିଛନ୍ତି। ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସବୁକିଛି ନିରବୀ ଯାଇଛି। ସେହି ଉତ୍ସାହ ଆଉ ଦେଖାଯାଉ ନାହିଁ। ଆଉଥରେ ଅନ୍ତରୀଣ ସର୍ଭେ କରି ସ୍ଥିତି ପରଖିବା ଏବଂ ଦୁର୍ଗାପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ କରିବା ସମୟସାପେକ୍ଷ ହୋଇଥିବାରୁ ନିର୍ବାଚନ ଟାଳି ଦେବାର ଆଶଙ୍କା ବହୁଗୁଣିତ ହୋଇଛି।

### କବରରେ ସମାଧିନେଲା...

ନିଆଁ ଲଗାଇଥିଲା କିଏ ଏବଂ ତାଙ୍କୁ ଉଦ୍ଧାର କରିଥିବା ଦୁଃଖିଶ୍ୟାମ ସେନାପତି କ'ଣ ମନଗଢ଼ା କାହାଣୀ କହିଥିଲେ? ଏହି ପ୍ରଶ୍ନ ଆଜି ଅସମାହିତ ହୋଇ ରହିଯାଇଥିବା ବେଳେ ପୀଡ଼ିତା କବର ନେଇସାରିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌମ୍ୟାଶ୍ରୀ ଏବଂ ବଲଙ୍ଗା ପୀଡ଼ିତାଙ୍କ ଦେହାନ୍ତ ପରେ ଉଭୟଙ୍କ ବାପା ଗଣମାଧ୍ୟମ ସମ୍ମୁଖରେ ସମାନ କଥା ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି 'ଝିଅର ମୃତ୍ୟୁକୁ ନେଇ କେହି ରାଜନୀତି ନ କରନ୍ତୁ'। ଝିଅ ମୃତ୍ୟୁରେ ବାପାଙ୍କ ମୁହଁରୁ ଏଭଳି ପ୍ରତିକ୍ରିୟା ଆସିବ କେହି ବିଶ୍ୱାସ କରୁ ନ ଥିବାବେଳେ ଏହାର ବ୍ୟତିକ୍ରମ ଘଟିଛି, ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଏବଂ ସାଧାରଣ ଜନତା। ଅନ୍ୟପକ୍ଷରେ ବଲଙ୍ଗା ପୀଡ଼ିତାଙ୍କ ଅକାଳ ବିୟୋଗକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବନ୍ଧୁ, ପରିଜନ ଓ ଗାଁ ପଡ଼ୋଶୀ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଝିଅଟି ଭଲ ହୋଇଆସୁଥିବା ଆମେ ଗଣମାଧ୍ୟମରୁ ଖବର ପାଉଥିଲୁ। ହେଲେ ହଠାତ୍ କ'ଣ ଏମିତି ହେଲା ତା'ର ମୃତ୍ୟୁ ଖବର ଆମକୁ ସ୍ତବ୍ଧ କରିଦେଇଛି। ଗୋଟିଏପଟେ କେଉଁ ପରିସ୍ଥିତି ଏବଂ କିଏ ତା' ଦେହରେ ନିଆଁ ଲଗାଇଛନ୍ତି ନା ଆଉ କିଛି ରହସ୍ୟ ଏହା ପଛରେ ରହିଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୀଡ଼ିତା ଆଖିବୁଜିବା ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛି। ଝିଅଟି ତ ଏବେ କବର ନେଇସାରିଲାଣି। ସେ ତ ଆଉ ଫେରିବନି। କିନ୍ତୁ ନିଆଁ ଲାଗିଲା କେମିତି ତା' ଉପରୁ ପରଦା ହଟିବା ଦରକାର। ଏହା ପଛର ସତ୍ୟ ପଦାକୁ ଆସୁ ବୋଲି କହିଛନ୍ତି ନୂଆ ଗୋପାଳପୁରର ବାସିନ୍ଦା।

### ଆତ୍ମଦାହ ପାଇଁ...

ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇଥିଲା। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବାଲେଶ୍ୱର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଷଡ଼ଯନ୍ତ୍ର ରଚିବା ଭଳି ସଂଗିନ୍ ଅଭିଯୋଗରେ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୮ ଓ ଦଫା ୬୧(୨)(ଏ) ଲଗାଇଛି। ଏହାବ୍ୟତୀତ, କ୍ରାଇମବ୍ରାଞ୍ଚ ଆଜି ମାମଲା ସଂକ୍ରାନ୍ତରେ କିଛି ନୂଆ ପ୍ରମାଣ କୋର୍ଟରେ ଦାଖଲ କରିବା ସହ ତାହାର ଲାବ୍ ଟେଷ୍ଟିଂ ପାଇଁ ଅନୁମତି ମାଗିଛି। ତେବେ ଏ ସଂପର୍କରେ ବିଶେଷ ତଥ୍ୟ ଗଣମାଧ୍ୟମକୁ ଦେବାକୁ କ୍ରାଇମବ୍ରାଞ୍ଚ ମନା କରିଦେଇଛି। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ଜ୍ୟୋତିପ୍ରକାଶ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ସେ ସୌମ୍ୟାଶ୍ରୀଙ୍କ ଦେହରୁ ନିଆଁ ଲିଭାଇବାକୁ ଯାଇ ପୋଡ଼ି ଯାଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବା ପରେ କିଛି ଦିନ ତଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା।

Accessible India Campaign
Association for Social Reconstructive Activities (ASRA)
Ph: 9437062688, 8249034688
ASRA The Shelter

**ENGAGEMENT**

**DISTRICT DISABILITY REHABILITATION CENTRE (DDRC), JAGATSINGHPUR**

Applications are invited from the interested Professional / personals for engagement at DISTRICT DISABILITY REHABILITATION CENTRE (DDRC), JAGATSINGHPUR on temporary basis for the post of **(1) Clinical Psychologist / Rehabilitation Psychologist:** Educational qualification- M.Phil or Prof. Diploma in Clinical Psych. / M.phil or PGDRP. Hon (P.M.): salary- Rs. 20500/- **(2) Trans Disciplinary Special Educator** (1 No): Educational Qualification- Diploma in Special D.ed Edu / B.Ed in Special Edu (VI) (P.M.): Salary- Rs. 14500/- **(3) Caregiver:** CCCG-RCI / CCCG- N.T or Class-VIII (3 yrs experience in c.g PWD) Hon (P.M.): Rs. 6250/-. The detailed eligibility criteria, qualification, terms & conditions etc are available in the website **www.asraodisha.com**. Candidates shall send their resume within 7 days to the Nodal Officer, District Disability Rehabilitation Centre (DDRC), Jagatsinghpur, C/o ASRA, At- Singharpur, Po-Nabapatana, Dist-Jagatsinghpur, Pin-754114, Odisha by regd. Post / speed post or Email: **asrahosp@gmail.com** on or before **12.08.2025.** Shortlisted candidates will be called for interview. Applications received after **12.08.2025** shall not be entertained.

**Sd/- Nodal Officer, DDRC, Jagatsinghpur**

**AFFIDAVIT**

By virtue of an affidavit No.3194, Dtd.02.08.2025 sworn before the Executive Magistrate, Jaleswar I, Durgarani Chand, W/o. Rajib Lochan Chand, At. Santia, Po. Jaleswar, Ps. Jaleswar, Dist. Balasore, Pin-756032, Odisha renounce, relinquish and abandon the use of my son former name Rudra Prasad Chand (old name) instead of Rajveer Chand (New name). Henceforth, he will be known as **Rajveer Chand** for all purposes.

**Notice**
**(above 18 years of age)**

By virtue of an affidavit sworn before the Executive Magistrate, Gopabandhu Nagar, Mayurbhanj, dated 04-08-2025, I, Sushil Rana, Address AT- Kudiakhunta, PO- Ranibandha, PS- Khunta, Dist- Mayurbhanj, PIN-757026 declare that I have changed my name Sushila Rana to Sushil Rana. Henceforth I shall be known as Sushil Rana for all purposes.

**Sushil Rana**

**NOTICE**

By virtue of an affidavit sworn before the Notary Public, Cuttack, dated 29.07.2025 I, Srimati Devi, W/o – Late Abhimanyu Nayak, resident of At- Jhinki Jhari (Harijan Sahi), PO- Nizigarh Tapang, PS/Dist- Khorda, Odisha, Pin- 752018 have changed my name from Smriti Devi to Srimati Devi. Henceforth, I shall be known as Srimati Devi for all purposes.

**(Srimati Devi)**

**NOTICE**

By virtue of an affidavit sworn before Sri Himanshu Bhusan Palei, O.R.S, Executive Magistrate, Puri dated 30/07/2025. I Nrusingha Charan Khuntia of Gangamata Bagicha, Po: Puri-2, PS: Kumbharapada, Dist: Puri, Odisha-752002 declare that, I have changed my fathers name from PRANAB KISHORE MOHANTY to RADHU KHUNTIA. Henceforth, he shall be known as RADHU KHUNTIA for all purposes.

**NRUSINGHA CHARAN KHUNTIA**

**AFFIDAVIT**

I, Puspanjali Samantaray, aged about 54 years, W/o Pratap Chandra Buxipatra, resident of Plot No. 301/07, Hal Plot No. 1294/5001, Sastrinagar, Bhubaneswar, PO- Nayapalli, Dist- Khordha, PIN- 751012, Odisha declared by this affidavit No. 1516, dtd- 31/07/2025 that now onwards I shall be known as **PUSPANJALI BUXIPATRA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 24/07/2025. I, **Biganatha Kharsel** (new name) formerly called as **Biganath Kharsel** (old name), S/o- Pitho, Permanent resident of AT/P.O. Bhatipada, P.S. Titilagarh, Dist- Bolangir (Odisha), PIN-767042 now residing at the same place affirm that I have changed my name from **Biganath Kharsel** (old name) to **Biganatha Kharsel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Biganatha Kharsel** (new name).

**Biganatha Kharsel**

**AFFIDAVIT**

I, Pappu Quershi, S/o- Samiula Kureshi, resident of Buromal Road, Po- Jharsuguda, Pin- 768201 Dist- Jharsuguda, Odisha declared by this affidavit No- 612, dtd- 02/08/2025 that now onwards I shall be known as **ANISH KURESI** for all future purposes.

**AFFIDAVIT**

I, Bijay Goel, S/o- Late Chamrulal Agrawal, resident of At- Raghunathpada, Titilagarh, Po- Titilagarh, Ps- Titilagarh, Dist- Balangir, Odisha declare by this affidavit No. 12, dtd. 28/07/2025 that, now onwards I shall be known as **Bijay Kumar Goel** for all future purposes.

**AFFIDAVIT**

By virtue of an affidavit CFR No.-708/2025, dtd. 29.07.2025 before the Executive Magisrate, Chandahandi, Dist.- Nabarangpur, I, Mukesh Goud, Vill- Malgaon, Ps- Chandahandi, Dist.- Nabarangpur have changed my name from Dhanaru Goud to Mukesh Goud, Henceforth I shall be known as **Mukesh Goud** for all purposes.

**Sd/- Mukesh Goud**

**AFFIDAVIT**

I, Priyatrma Kar, W/o- Asit Kumar Kar, resident of C-132-B, Kh No- 858, J V T S Garden, Chattarpur Extn, Po- Chattarpur, Pin- 110074, Dist- South Delhi, Delhi, declared by this affidavit No. 2505, dtd- 28/11/2024 that now onwards I shall be known as **PRIYATAMA KAR** for all future purposes.

**AFFIDAVIT**

By virtue of an affidavit (CF No. 06, date- 04/08/2025) sworn before The Executive Magistrate, Padampur. I, **Miniketan Thapa** (new name), permanent & current resident of At- Darbekela, Po- Mahulpali, P.S. Padampur, Dist- Bargarh, PIN- 768036 Odisha declare that I have changed my name from **Meenaketan Thapa** (old name) to **Miniketan Thapa** (new name). Henceforth, I shall be known as **Miniketan Thapa** (new name), S/o Harekrushna Thapa for all future purposes.

**Miniketan Thapa**

**AFFIDAVIT**

I, Rasmi Ranjita Bagh, W/o- Sujan Bagh, resident of At/Po- Kamata, Anchalgumma, Ps- Tentulikhunti, Pin- 764049, Dist- Nabarangpur, Odisha declared by this affidavit No- 8346, dtd- 01/08/2025 that now onwards I shall be known as **RASHMI RANJITA BAGH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate , Gaisilet, dtd- 29/07/2025, I, **Sarat Kalo,** resident of At/Po/Ps- Gaisilet, Dist- Bargarh, Odisha, Pin- 768037, declare that I have changed my minor son's name **Swastik Kalo** (old name) to **Sangram Kalo** (new name). Henceforth, he will be known as **Sangram Kalo** for all purposes.

**Sarat Kalo**

**AFFIDAVIT**

I, Sushree Sangeeta Mishra, D/o- Annada Prasad Mishra, resident of Plot No- 651/992, Anantapur, Jagannathapur, Balianta, Pin- 752101, Dist- Khurda, Odisha declared by this affidavit No. 613, dtd- 02/08/2025 that now onwards I shall be known as **SUSHREE SANGITA MISHRA** for all future purposes.

### ସ୍ଥାନାନ୍ତର ହେଲା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଗେଲପୁର ନୂଆ କୋଠାରେ ରୋଗୀ ସେବା ଆରମ୍ଭ

## ପୁରୁଣା କ୍ୟାମ୍ପସ୍‌ରେ ଡାଇଲିସିସ, ସିଟି ସ୍କାନ, ଏକ୍ସ-ରେ ୟୁନିଟ୍ ଓ ବ୍ଲଡ ବ୍ୟାଙ୍କ

ଭଦ୍ରକ,୪।୮ (ସମିସ)



ସୋମବାର ଭଦ୍ରକ ନୂଆବଜାର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଉପକଣ୍ଠ ଗେଲପୁରଠାରେ ନିର୍ମିତ ହୋଇଥିବା ନୂତନ ବିଲଡିଂକୁ ସ୍ଥାନାନ୍ତର କରାଯାଇଚି। ଫଳରେ ଦୀର୍ଘ ୩୧ ବର୍ଷ ହେବ ସେବା ଯୋଗାଇ ଆସୁଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୋମବାରଠାରୁ ରୋଗୀ ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକରେ ୧୮୬୨ରେ ଏକ ଡିସପେନସରି ଭାବେ ନୂଆବଜାରଠାରେ ପ୍ରଥମେ ଡାକ୍ତରଖାନାର ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱାଧୀନତା ପରେ ଏହା ଏସଡିଏଚ୍ ବା ସବ୍‌ଡିଭିଜନାଲ ହସ୍ପିଟାଲ ମାନ୍ୟତା ପାଇଲା। ପରେ ୧୯୯୩ ମସିହାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ଡିଏଚ୍‌ଏଚ୍ ମାନ୍ୟତା ପାଇ ନିରବଚ୍ଛିନ୍ନ ଭାବେ ରୋଗୀ ସେବା ଜାରି ରହିଥିଲା। ତେବେ ସଂକୀର୍ଣ୍ଣ ପରିସର ଓ ଅତ୍ୟଧିକ ରୋଗୀ ସଂଖ୍ୟା ବୃଦ୍ଧି ତଥା ଟ୍ରାଫିକ ସମସ୍ୟା ନେଇ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ଏପରିସ୍ଥଳେ ପ୍ରାକ୍ତନ ଭଦ୍ରକ ବିଧାୟକ ତଥା ବର୍ତ୍ତମାନର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଉଦ୍ୟମକ୍ରମେ ପୂର୍ବ ସରକାର ଅମଳରେ ୧୪୬ କୋଟି ଟଙ୍କା ବ୍ୟୟରେ ସହର ଉପକଣ୍ଠ ଗେଲପୁରଠାରେ ୩ଶହ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଢବର୍ଷ ତଳୁ ନିର୍ମିତ ହୋଇଥିଲା। ହେଲେ ନିର୍ବାଚନ ଯୋଗୁ ହସ୍‌ପିଟାଲର ଶୁଭାରମ୍ଭ ହୋଇପାରିନଥିଲା। ଆଜି ନୂଆବଜାରରୁ ଗେଲପୁରକୁ ନୂତନ ଡିଏଚ୍‌ଏଚ୍ ସ୍ଥାନାନ୍ତର କରାଯାଇ ରୋଗୀ ସେବା ଆରମ୍ଭ ହୋଇଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୂର୍ବବତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ ଏଣ୍ଡ ପିଏଚ୍‌ଓ)ଙ୍କ କାର୍ଯ୍ୟାଳୟ ସହ ଡିପିଏମ, ଏନଏଚ୍‌ଏମ୍‌ଙ୍କ କାର୍ଯ୍ୟାଳୟ ରହିଛି। ଅନ୍ୟପକ୍ଷରେ ଆଜି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମରଜେନ୍ସିର ୩୦ଟି ଶଯ୍ୟା, କାଜୁଆଲିଟି ସେବା ଆରମ୍ଭ ହୋଇଥିବା ବେଳେ ନୂତନ ଡିଏଚ୍‌ଏଚ୍‌ରେ ୨୫୨ଜଣ ଇନ୍‌ଡୋର ରୋଗୀଙ୍କୁ ଦାଖଲ କରାଯାଇ ସେମାନଙ୍କ ଚିକିତ୍ସା ଜାରି ରହିଥିବା ହସ୍ପିଟାଲ ମ୍ୟାନେଜର ସମୀର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ସ୍କାନ, ବ୍ଲଡ ବ୍ୟାଙ୍କ, ଏକ୍ସ-ରେ ୟୁନିଟ୍ ଓ ଡାଇଲିସିସ୍ ୱାର୍ଡ ରହିଥିବା ସୂଚନା ମିଳିଛି।

## ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତଖାନାକୁ ସିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଧାରଣା



ଭଦ୍ରକ,୪।୮ (ସମିସ): ସୋମବାର ଭଦ୍ରକ ନୂଆବଜାର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ସହର ଉପକଣ୍ଠ ଗେଲପୁରଠାରେ ନିର୍ମିତ ହୋଇଥିବା ବିଲଡିଂକୁ ସ୍ଥାନାନ୍ତର ହୋଇଛି। ତେବେ ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା କରିବାକୁ ଆଜି ଦଳମତ ନିର୍ବିଶେଷରେ ସହରବାସୀ ଦାବି କରି ଧାରଣା ଦେଇଥିଲେ। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସର୍ବଦଳୀୟ ନେତା, ବିଶିଷ୍ଟ ନାଗରିକମାନେ ଏକତ୍ରିତ ହୋଇ ଏଠାରେ ଏକ ସିଟି ହସ୍ପିଟାଲ ଖୋଲାଗଲେ ଏହା ସହରବାସୀଙ୍କ ସ୍ୱାସ୍ଥ୍ୟସେବାରେ ବିଶେଷ ସହାୟକ ହେବ। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବୃଦ୍ଧି ପାଉଥିବା ଭିଡ ହ୍ରାସ ପାଇବା ସହ ବରିଷ୍ଠ ନାଗରିକ, ଶିଶୁ, ମହିଳା ଓ ଭିନ୍ନକ୍ଷମ ରୋଗୀମାନଙ୍କୁ ୫କିମି ଦୂରରେ ଥିବା ଜିଲ୍ଲା ଚିକିତ୍ସାଳୟକୁ ଯାତାୟତ ଜନିତ ଦୁର୍ଦ୍ଦଶା ଭୋଗିବାକୁ ପଡିବ ନାହିଁ କହିଛନ୍ତି। ତେଣୁ ସିଟି ହସ୍ପିଟାଲ ପ୍ରତିଷ୍ଠା ହେବା ଯାଏଁ ପୂର୍ବଭଳି ଆଉଟ୍‌ଡୋର ସେବା ଜାରି ରଖିବାକୁ ଦାବି କରିଛନ୍ତି ଧାରଣାକାରୀମାନେ। ଆଜିର ଏହି ଧାରଣାରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ୍ଲ ସାମଲ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲ୍ଲମକ୍କୀ ଦଲାୱାଜି ହବିବ, ଶ୍ରମିକନେତା ଦିବ୍ୟସିଂହ ନାୟକ, ତାରାକାନ୍ତ ମହାପାତ୍ର, ହାଜି ଅବଦୁଲ ମୁକିତ ଖାନ, ସୁଧାକର ରାଉତ, ମହମ୍ମଦ ଜ଼କାଉଲ୍ଲା, ଅନୱାର ହୁସେନ, ହେମନ୍ତ ସାହୁ, ଶେଖ ଅନୱର (ବାବୁ), କଂଗ୍ରେସ ନେତା ଅସିତ ପଟ୍ଟନାୟକ, ଦେବରୂପ ମହାନ୍ତି, ନଳିନୀକାନ୍ତ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ସନ୍ତୋଷ ନାୟକ, ବଳରାମ ରାଉତ, ସୁଶାନ୍ତ ରାଉତ, ଅମିତାବାଳା ଆଚାର୍ଯ୍ୟ, ପଙ୍କଜ ବଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ପରେ ଏହି ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଭଦ୍ରକ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରେ ପୂର୍ବଭଳି ଆଉଟଡୋର ସେବା ଚାଲିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ବାବାମଣିଙ୍କୁ ଜଳଲାଗି କଲେ ୨୦ ହଜାର କାଉଡ଼ିଆ





ଭଦ୍ରକ/ଆରଡି,୪।୮ (ସମିସ): ଶ୍ରାବଣ ମାସର ଚତୁର୍ଥ ସୋମବାରରେ ଆରଡିପୀଠର ବାବା ଆଖଣ୍ଡଳମଣିଙ୍କୁ ଜଳାଲାଗି କରିବା ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆଙ୍କ ଭିଡ ଲାଗିଥିଲା। ପୀଠରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଆସନ୍ତା ସୋମବାର ଶେଷ ପାଳି ଭାବେ ପାଳନ କରାଯିବ; ହେଲେ ପୂର୍ଣ୍ଣିମା ଅନୁଯାୟୀ ଚଳିତ ସୋମବାର ଶେଷ ପାଳି ହୋଇଥିବାରୁ ରବିବାର ମଧରାତ୍ରରୁ ସୋମବାର ସଂଧ୍ୟା ଯାଏଁ ଧାଡ଼ିରେ ଯାଇ ହଜାର ହଜାର କାଉଡ଼ିଆ ଭକ୍ତ ବାବାଙ୍କ ନିକଟରେ ଜଳଲାଗି କରିଥିଲେ। ଅଗଣିତ କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ରବିବାରଠାରୁ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଭଦ୍ରକ ଏସପି ମନୋଜ କୁମାର ରାଉତ ସ୍ଥିତି ପରିଖିଥିଲେ। ସେହିପରି ପୀଠରେ ଥିବା ୩ଟି ନଦୀଘାଟରେ ଯେପରି ସୁରକ୍ଷିତ ଭାବେ କାଉଡିଆମାନେ ନଦୀପାର ହୋଇ ଆସିବେ ସେଥିପାଇଁ ନଦୀଘାଟର ଉଭୟ ପାର୍ଶ୍ୱରେ ଓଡ୍ରାଫଟିମ ଓ ଅଗ୍ନିଶମ ବାହିନୀଙ୍କୁ ନିୟୋଜିତ କରାଯାଇଥିଲା। ଡଙ୍ଗାରେ ଅଧିକ ସଂଖ୍ୟକ କାଉଡିଆ ପାରି ନକରିବାକୁ ୬ଜଣ ଅଧିକାରୀଙ୍କ ସହ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡ଼ା ସୁରକ୍ଷା





## କୋଠାର ଛକରେ କାଉଡ଼ିଆଙ୍କ ସେବାକଲେ ମନ୍ତ୍ରୀ



ଅସୁରାଳି,୪।୮ (ସମିସ): ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା କାଉଡ଼ିଆ ଭକ୍ତି ଓ ଶ୍ରଦ୍ଧାରେ ଲିନ ହୋଇଥିଲେ। ପ୍ରତିବର୍ଷ ଭଳି କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି ଭଦ୍ରକ-ଆରଡ଼ି ରାସ୍ତାର କୋଠାର ଛକରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିବା ସହିତ ସେବା କରିଥିଲେ। ଦୂରଦୂରାନ୍ତରୁ ଚାଲି ଚାଲି ଆସିଥିବା କାଉଡ଼ିଆଙ୍କ ପାଦ ଧୋଇଥିଲେ ମନ୍ତ୍ରୀ। ଏହାଛଡ଼ା ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଆଗକୁ କାଉଡ଼ିଆ ଯାତ୍ରା କିପରି ଆହୁରି ସୁଗମ୍ୟ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦରେ ଏହି ଉତ୍ସବ ଭକ୍ତି, ସମର୍ପଣ ଓ ସାମୂହିକ ଏକତାର ଉଦାହରଣ ହୋଇ ରହିଛି ବୋଲି ସେ କହିଥିଲେ। ଉନ୍ନୟନ କାର୍ଯ୍ୟ ରୂପକ ଗାନ୍ଧୀଘାଟ ଜଳସେଚନ ବିଭାଗର ଆଇ ବି କ୍ଷେତ୍ରରେ ଏକ ନୂତନ ଡିଜେଲ ଜେନେରେଟର ସ୍ଥାପନ କରାଯାଇଛି; ଯାହା ଆରଡ଼ି ପୀଠର ବିଦ୍ୟୁତ ଆବଶ୍ୟକତା ପୂରଣ କରିବା ସହ ଭକ୍ତଙ୍କ ସୁବିଧା ହେବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ବରିଷ୍ଠ ବିଜେପି ନେତା ମନୋଜ ମଲ୍ଲିକ, ବରିଷ୍ଠ ବିଜେପି ବିଜେପି ନେତା ଚତୁର୍ଭୁଜ ନାୟକ, ଧୁଷୁରି ସରପଂଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ଏସଡିଓ କିଶୋର ଦାସ, ଯନ୍ତ୍ରୀ ବିମଳ ବେହେରା, ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶୈବ ପୀଠରେ କାଉଡ଼ିଆଙ୍କ ଜଳାଭିଷେକ



ବାରିକପୁର,୪।୮ (ସମିସ): ଜଗନ୍ନାଥ ପଞ୍ଜିକା ଅନୁସାରେ ଆଜି ଶ୍ରାବଣ ମାସର ଶେଷ ସୋମବାର ହୋଇଥିବା ବେଳେ ୱିରଜା ପାଞ୍ଜି ଅନୁଯାୟୀ ଅନୁଯାୟୀ ଜଳାଭିଷେକ ପାଇଁ ଆହୁରି ଗୋଟିଏ ସୋମବାର ବାକି ରହିଛି। ସେ ଯାହାବି ହେଉ ଶ୍ରାବଣ ମାସର ଆଜି ପବିତ୍ର ସୋମବାରରେ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପୀଠ ସମେତ ଅନ୍ୟାନ୍ୟ ଗ୍ରାମୀଣ ଶୈବ କ୍ଷେତ୍ରରେ ଜଳାଭିଷେକ ହୋଇଛି। ହଜାର ହଜାର କାଉଡିଆ ଭକ୍ତ ପୂର୍ଣ୍ଣତ୍ରୟା ବୈତରଣୀ ସମେତ ଗେଙ୍ଗୁଟି, ସାଳନ୍ଦୀ, ରେବ ଓ କପାଳୀ ପ୍ରମୁଖ ନଦୀରୁ ଜଳ ନେଇ ମହାଦେବଙ୍କ ମସ୍ତକରେ ଅର୍ପଣ କରିଥାନ୍ତି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ, ଉତରବାଡ, ତୁଳସୀପୁର, ଚନ୍ଦ୍ରଭାନପୁର, ପାଳଦା, ରହଣିଆ, ରାଢୋ, ମାଳଦା, ମଞ୍ଜୁରୀ ରୋଡ, ନାଆମୀ, ରାଜେନ୍ଦ୍ରପୁର, ବିଷ୍ଣୁପୁର, ଜଳମଣ୍ଡୁଆ, ବାରିକପୁର ପ୍ରମୁଖ ଅଞ୍ଚଳର ଶହଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଆଜି ଆରଡି ପୀଠରେ ମହାଦେବଙ୍କୁ ଜଳାଭିଷେକ କରିବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ଏହାଛଡା ଅନେକ ଗ୍ରାମାଞ୍ଚଳରେ ଥିବା ଶିବ ମନ୍ଦିରରେ ମଧ ସ୍ଥାନୀୟ ଭକ୍ତ ପୂଜାର୍ଚ୍ଚନା କରି ମହେଦେବଙ୍କୁ ଜଳାଭିଷେକ କରିଛନ୍ତି।

## ଜନଶୁଣାଣି ଶିବିରରେ ୧୬୭ ଅଭିଯୋଗ



ଭଦ୍ରକ,୪।୮ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭା ଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିନାରାୟଣ ସାହୁ (ରାଜସ୍ୱ) ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଚିକିତ୍ସା ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନରଂଜନ ସାହୁ, ଭଦ୍ରକ ବିଡିଓ ରଶ୍ମିରଂଜନ ମଲ୍ଲିକ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଶିବିରରେ ମୋଟ ୧୬୭ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ଥିବାବେଳେ ୨୭ଟି ସାମୂହିକ ଥିଲା ଏବଂ ୪୫ଟି ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୫୦୦୦ ଟଙ୍କା ଓ ରେଡକ୍ରସରୁ ୪ ଜଣଙ୍କୁ ୧୪୦୦୦ ଟଙ୍କା ମୋଟ ୧୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ସ୍ଥଗିତ ରଖିବାକୁ ଶିକ୍ଷକ ସଂଘର ଦାବି

ତିହିଡି,୪।୮ (ସମିସ): ଗଣଶିକ୍ଷା ବିଭାଗ ଲାଗୁ କରିଥିବା ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ)କୁ ସ୍ଥଗିତ କରିବା ଦାବିରେ ତିହିଡି ବ୍ଲକର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇଥିଲେ। "ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ'ର ରାଜ୍ୟ ଓ ଜିଲ୍ଲା ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ତିହିଡି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସୋମବାର ଅପରାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀ ତିହିଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ଗୁଡ଼ିକରେ "ୟୁଏଏସ' ପ୍ରଚଳନ ନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ୍ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ଦାସ ଏବଂ ଜିଲ୍ଲା ସଂଗଠନ ସମ୍ପାଦକ ରୂପେଶ କୁମାର ସାହୁ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତିରେ ପ୍ରକାଶ କରିଛନ୍ତି ଯେ ସରକାର ବର୍ତ୍ତମାନ ଶିକ୍ଷକଙ୍କ ଉପରେ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକୁ ଲଦି ଦେଉଛନ୍ତି। ଯଦ୍ୱା ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ହେଉଛି। ଅଧିକାଂଶ ବିଦ୍ୟାଳୟ ଦୁଇରୁ ତିନି ଜଣ ଶିକ୍ଷକରେ ଚାଲୁଛି। ଏବେ ପୁଣି ଶିଶୁ ବାଟିକା ନାମରେ ନୂତନ ଶ୍ରେଣୀଟିଏ ବିଦ୍ୟାଳୟ ସହିତ ଯୋଡି ଦିଆଯାଇଛି କିନ୍ତୁ ସେଥିପାଇଁ ଆବଶ୍ୟକୀୟ ଶିକ୍ଷକ ବ୍ୟବସ୍ଥା କରାଯାଇନାହିଁ। ଏତେସବୁ ସମସ୍ୟା ଥିବା ସତ୍ୱେ ବିଭାଗ ତରଫରୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଆସିଛି। ଉକ୍ତ ବ୍ୟବସ୍ଥା ପ୍ରଚଳିତ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଦିନ ତମାମ ଉକ୍ତ କାର୍ଯ୍ୟରେ ନିୟୋଜିତ ରହିବେ। ଏଭଳି ପରିସ୍ଥିତିରେ ଶିକ୍ଷାଦାନ କାର୍ଯ୍ୟ ନିଶ୍ଚିତ ବାଧାପ୍ରାପ୍ତ ହେବ। ଏଥିସହିତ ଅଧିକାଂଶ ସ୍ଥାନରେ ମୋବାଇଲ ନେଟୱର୍କ ନ ଥିବାରୁ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ। ତେଣୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) ପ୍ରଚଳନ ପୂର୍ବରୁ ସରକାର ପ୍ରଥମେ ଶ୍ରେଣୀ ୱାରୀ ଶିକ୍ଷକ ଓ ବିଷୟ ଭିତିକ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ ଏବଂ ଶିକ୍ଷକଙ୍କର ବହୁ ଦିନର ନ୍ୟାଯ୍ୟ ଦାବି ଯଥା ପଦୋନ୍ନତି, ପ୍ରାରମ୍ଭିକ ସ୍ତର ଗ୍ରେଡ-ପେ' ବୃଦ୍ଧି, କ୍ୟାଡ଼ର ସଂଶୋଧନ, ବଦଳି ନିୟମ ପରିବର୍ତ୍ତନ, ପୁରୁଣା ପେନସନ ପ୍ରଚଳନ, ଆନ୍ତଃଜିଲ୍ଲା ବଦଳି ଏବଂ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ଭଳି ଦାବିଗୁଡ଼ିକୁ ତୁରନ୍ତ ପୁରଣ କରନ୍ତୁ ଏବଂ ତାପରେ ଏହି ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ସଂଘ ତରଫରୁ ଦାବି କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷକ ସଂଘ ଭବନରୁ ବ୍ଲକ୍ କାର୍ଯ୍ୟାଳୟ ଏବଂ ସେଠାରୁ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରି ଆସିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ବ୍ଲକ୍ ସଂଘ ସଭାପତି ମାୟାଧର ସାହୁ, ଗିରିଧାରୀ ଚାନ୍ଦ, ଦେବବ୍ରତ ଶତପଥୀ, ତ୍ରିନାଥ ସେଠୀ, ରବୀନ୍ଦ୍ର ମଲ୍ଲିକ, ଲକ୍ଷ୍ମୀକାନ୍ତ ପରିଡ଼ା, ପ୍ରମୋଦ ମହାପାତ୍ର, ରେବତୀ ପଲେଇ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସସ୍ମିତା ମଞ୍ଜରୀ ନାୟକ, ଶ୍ରୀନାଥ ମଲ୍ଲିକ, ମନ୍ମଥ ଦାସ, ଗୋପାଳ ଦାସ, ସଞ୍ଜୟ ମହାଳିକ, ରାଜେନ୍ଦ୍ର ବାରିକ, ଶୁଭେନ୍ଦୁ କୁମାର ସାହୁ, ମଧୁସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




## ସ୍ପ୍ରେ ମାରି ଲୁଟିନେଲେ ଟଙ୍କା, ସୁନା

ବାରିକପୁର,୪।୮ (ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ରାତି ପ୍ରାୟ ୨ଟା ବେଳେ ଗ୍ରାମର ଅଦ୍ୱୈତ ମହାନ୍ତିଙ୍କ ଘର ଝରକା ଭାଙ୍ଗି ଚୋରମାନେ ସଦସ୍ୟଙ୍କୁ କାବୁ କରିବା ଭଳି କିଛି ରାସାୟନିକ ସ୍ପ୍ରେ ମାରି ସୁନା ରୂପା ଓ ନଗଦ ଟଙ୍କା ଲୁଟିଥିବା ଗୃହସ୍ଥ ଅଭିଯୋଗ କରିଛନ୍ତି। ଘରେ ଥିବା ନଗଦ ୨୦ ହଜାରରୁ ଅଧିକ ଟଙ୍କା, ମଙ୍ଗଳସୂତ୍ର, ସୁନା ଚେନ, ମୁଦି, କାନଫୁଲ ରୂପା ଅଳଙ୍କାର ସହିତ ଆବଶ୍ୟକ କାଗଜପତ୍ର ଚୋରି ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଟ୍ରଙ୍କଟିକୁ ସ୍ଥାନୀୟ ଗେଙ୍ଗୁଟି ନଦୀରେ ଚୋରମାନେ ଭସାଇ ଦେଇଥିବା ଜଣାଯାଇଛି। ଗୃହସ୍ଥ ଶ୍ରୀ ମହାନ୍ତି ଏ ନେଇ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଅଧିକାରୀ ଉଦୟଭାନୁ ପାତ୍ର, ସୁଦର୍ଶନ ସେନ, ଦେବକୀରାଣୀ ରାଉତ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୟୁପିଏଚ୍‌ସି ଭାବେ ଘୋଷଣା

ଭଦ୍ରକ,୪।୮(ସମିସ): ନୂଆବଜାରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ସହର ଉପକଣ୍ଠ ଗେଲପୁରରେ ନିର୍ମିତ ହୋଇଥିବା ବିଲଡିଂକୁ ସ୍ଥାନାନ୍ତର ହୋଇଛି। ତେବେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟିକୁ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର(ୟୁପିଏଚ୍‌ସି)ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏନେଇ ଆଦେଶ ସଂଖ୍ୟା-୧୧୪୪୮ ରେ ଆଜି ନିର୍ଦ୍ଦେଶନାମା ଜାରି ହୋଇଛି। ସେହିଭଳି ପୁରୁଣା କ୍ୟାମ୍ପସରେ ଆଉଟଡୋର ସେବା ଆସନ୍ତା ୫ ତାରିଖ ମଙ୍ଗଳବାର ଠାରୁ ୨ଟି ସେସନରେ ଆରମ୍ଭ ହେବ। ଏଥିରେ ଜଣେ ମେଡିକାଲ ଅଫିସର, ଜଣେ ଫାର୍ମାସି ଅଫିସର, ଜଣେ ନର୍ସିଂ ଅଫିସର, ଜଣେ ଆଟେଣ୍ଡାଟଂ, ଜଣେ ଡ୍ରେସର ଓ ଜଣେ ସୁଇପର ନିଯୁକ୍ତି ପାଇବେ। ସୂଚନାଯୋଗ୍ୟ, ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରିବାକୁ ନେଇ ଆଜି ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଧାରଣା ଦେଇଥିଲେ।

# ଭୁଜାଲି ଆକ୍ରମଣରେ ଯୁବକ ଆହତ

ବନ୍ତ/ଆଗରପଡ଼ା,୪।୮(ସମିସ): ଆଗରପଡ଼ାସ୍ଥିତ କାଣ୍ଡବା ଗ୍ରାମର ବସନ୍ତ ଜେନାଙ୍କ ପୁଅ ସାନ୍ତନୁଙ୍କୁ ସେହି ଗ୍ରାମର ପୂର୍ଣଚନ୍ଦ୍ର ମାଝୀଙ୍କ ପୁଅ ବଳରାମ ଭୁଜାଲି ଓ କାଚ ବୋତଲରେ ଆକ୍ରମଣ କରିଥିବାର ସାନ୍ତନୁଙ୍କ ମାଆ ସୁମତୀ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ମାମଲା ରୁଜୁ କରି ଥାନା ଅଧିକାରୀ ଦେବରାଜ ଜେନା ଅଭିଯୁକ୍ତ ବଳରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅଭିଯୋଗରୁ ଜଣାପଡ଼େ; ଘଟଣା ରାତିରେ ବଳରାମ ହାତରେ ଭୁଜାଲି, କାଚ ବୋତଲ ଧରି ସାନ୍ତନୁଙ୍କ ଘର ନିକଟକୁ ଯାଇ ଗାଳିଗୁଲଜ କରିଥିଲେ। ଏହାର କାରଣ ପଚାରିବାରୁ ସୁମତୀଙ୍କୁ ମଧ ସେ ଗାଳିଗୁଲଜ କରିଥିଲେ। ଏହି ସମୟରେ ସାନ୍ତନୁ ଘଟଣାସ୍ଥଳରେ ପହଁଚିବାରୁ ତାଙ୍କୁ ବଳରାମ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଏହାଦ୍ୱାରା ସାନ୍ତନୁଙ୍କ ବାମ କାନରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ଲୋକମାନେ ପହଁଞ୍ଚିବାରୁ ବଳରାମ ଫେରାର ହୋଇଯାଇଥିଲେ। ପ୍ରଥମେ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପାଇଁ ସାନ୍ତନୁଙ୍କୁ ଭର୍ତ୍ତି କରାଯାଇଥିଲା। ରକ୍ତସ୍ରାବ ବନ୍ଦ ନ ହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଦୁଇଟି ପୋଷ୍ଟାଲ ପିନ୍‌କୋଡ୍ ପାଇଁ ସମସ୍ୟାରେ ପଞ୍ଚାୟତବାସୀ

## ହସନାବାଦକୁ ସ୍ୱତନ୍ତ୍ର ପିନ୍‌କୋଡ୍ ଦାବି

ଅସୁରାଳୀ,୪।୮(ସମିସ)

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ହସନାବାଦ ପଞ୍ଚାୟତରେ ଦୁଇଟି ଡାକ ସହିତ ଦୁଇଟି ପିନକୋଡ୍ ବ୍ୟବହାର ହେଉଥିବାରୁ ଚିଠି ପତ୍ର ବଣ୍ଟନରେ ନାନା ସମସ୍ୟା ଦେଖାଦେଉଛି। ପଞ୍ଚାୟତରେ ପଙ୍ଗଟା ଏବଂ ହସନାବାଦ ଦୁଇଟି ଡାକ ଘର ରହିଛି। ଏହି ଦୁଇ ଡାକଘର ପାଇଁ ଆସୁଥିବା ଅନେକ ଜରୁରୀ ଚିଠି, ପାର୍ସଲ ସମେତ ଅନେକ କାଗଜପତ୍ର, ରେଜେଷ୍ଟ୍ରି ଚିଠି ଆଦି ବଣ୍ଟନରେ ସମସ୍ୟା ସୃଷ୍ଟି ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଲୋକେ ଠିକ ସମୟରେ ଚିଠି ପାଉନାହାନ୍ତି ଯାହାଫଳରେ ଅନେକ ସମସ୍ୟା ଦେଖାଯାଉଛି। ଅଧିକାଂଶ ସମୟରେ ଠିକଣାର ତାଳମେଳ ରହୁ ନଥିବାରୁ ଜରୁରୀ ଚିଠି ସବୁ ଫେରିଯାଉଛି। ପୁଣି ଚିଠି ପାଇବା ପାଇଁ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟା ପାଇଁ ମୁଖ୍ୟତଃ କାରଣ କୋଚିଲା ଏବଂ ବୈତରଣୀ ଦୁଇଟି ନଦୀ। କୋଚିଲା ନଦୀର ଦକ୍ଷିଣପାଶ୍ୱର୍ରେ ଗୋପବନ୍ଧୁ ନଗର ଡାକଘର ଏବଂ ବାମପାଶ୍ୱର୍ରେ ପଙ୍ଗଟା ଡାକଘର। ଏହି ଦୁଇ ଡାକଘର ମଧ୍ୟରେ ଦୂରତା ମାତ୍ର ଚାରିରୁ ପାଞ୍ଚଶହ ମିଟର। ହେଲେ ଦୁର୍ଭାଗ୍ୟର ବିଷୟ ପଙ୍ଗଟା ଡାକଘରକୁ ଚିଠି ଆସିଲେ ଜିଲ୍ଲା ଭଦ୍ରକ ଭାୟା ଧୂଷୁରୀ ହେଇ ଆସୁଥିବା ବେଳେ ଗୋପବନ୍ଧୁ ନଗର ଡାକଘରକୁ ଚିଠି ଆସୁଛି ଜିଲ୍ଲା ଯାଜପୁର ଭାୟା ଅହିୟାସ ହୋଇ। କୋଚିଲା ନଦୀର ଡାହାଣ ପାଶ୍ୱର୍ରେ ଥିବା ଗ୍ରାମଗୁଡିକର ଚିଠି ଗୋପବନ୍ଧୁ ନଗର ଡାକଘରକୁ ଆସୁଥିବାବେଳେ ବାମ ପାଶ୍ୱର୍ର ଗାଁର ଚିଠି ପଙ୍ଗଟା ଡାକ ହୋଇ ଆସୁଛି।




ପୂର୍ବରୁ ହସନାବାଦ ପଞ୍ଚାୟତରେ ଗୋଟିଏ ଡାକଘର ଗୋପବନ୍ଧୁ ନଗରରେ ଥିଲା। ଯାହାର ଭାୟା ଅହିୟାସ ଜିଲ୍ଲା ଯାଜପୁର ଥିଲା। ପଙ୍ଗଟା ଏବଂ ଗୋପବନ୍ଧୁ ନଗର ମଧ୍ୟରେ କୋଚିଲା ନଦୀ ଥିବାରୁ ଅତୀତରେ ଯାତାୟାତର ସୁବିଧା ନଥିଲା ତେଣୁ ପଙ୍ଗଟା ଏବଂ ପାଶ୍ୱର୍ବର୍ତ୍ତୀ ଗାଁଗୁଡ଼ିକର ଆସୁଥିବା ଚିଠିପତ୍ର ଏବଂ ଟଙ୍କା ପଇସା ବାଣ୍ଟିବାରେ ଡାକ ବିଭାଗକୁ ନାନା ଅସୁବିଧା ହେଉଥିଲା। ଯାହାପାଇଁ ଲୋକମାନଙ୍କୁ ନାନାଦି ଅସୁବିଧା ଭୋଗ କରିବାକୁ ପଡୁଥିଲା। ପଞ୍ଚାୟତର ଦୁଇ ଗ୍ରାମର ଭୌଗୋଳିକ ପରିସ୍ଥିତିକୁ ନେଇ ସେ ସମୟର ପରିସ୍ଥିତିକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାର ପଙ୍ଗଟାରେ ଏକ ନୂଆ ଶାଖା ଡାକଘର ଖୋଲାଯାଇଥିଲା। କିନ୍ତୁ ସମ୍ପ୍ରତି ଦୁଇଟି ଡାକଘର ପାଇଁ ପଞ୍ଚାୟତବାସୀ ସୁବିଧା ପାଇବା ବଦଳରେ ନାନା ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ବିଶେଷକରି କୋଚିଲା ନଦୀର ଡାହାଣ ପାଶ୍ୱର୍ରେ ଥିବା ଗ୍ରାମ ଯଥା ଗୋପବନ୍ଧୁ ନଗର, ଅସ୍ତକ, ମଠସାହି, ବନବାଗ, ଅନଳଡିହ ଆଦି ଗ୍ରାମ। ଲୋକଙ୍କ ପାଇଁ ଆସୁଥିବା ଚିଠି କେତେବେଳେ କେଉଁ ଠିକଣାରେ ଆସୁଛି ତାହା କିଛି ଜାଣି ହେଉନାହିଁ। ଉକ୍ତ ଗ୍ରାମଗୁଡିକ ଭଦ୍ରକ ଜିଲ୍ଲା ଧୂଷୁରୀ ଜୋନରେ ଥିବାବେଳେ ଚିଠିରେ ଠିକଣା ଲେଖିବାକୁ ପଡୁଛି ଯାଜପୁର ଜିଲ୍ଲା ଭାୟା ଅହିୟାସ। ଗୋଟିଏ ଲୋକର ଚିଠି କେତେବେଳେ ଜିଲ୍ଲା ଭଦ୍ରକ ତ କେତେବେଳେ ଜିଲ୍ଲା ଯାଜପୁର ହୋଇଆସୁଛି। କେତେବେଳେ ଭାୟା ଧୂଷୁରୀ ତ କେତେବେଳେ ଅହିୟାସ ହେଇ ଆସୁଛି। ଯାହାପାଇଁ ଡାକ ବିଭାଗ ଦ୍ୱନ୍ଦ୍ୱରେ ପଡ଼ିବା ସହିତ ଲୋକେ ମଧ ଜରୁରୀ ଚିଠି ପାଇବାରେ ନାନା ଅସୁବିଧା ଭୋଗ କରୁଛନ୍ତି। ଏଣୁ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଦୁଇ ଡାକଘରକୁ ମିଶାଇ ଏକ ସ୍ୱତନ୍ତ୍ର ଡାକଘର ଏବଂ ସ୍ୱତନ୍ତ୍ର ପିନକୋଡ ହେଲେ କିମ୍ବା ଯାଜପୁର ଭାୟାକୁ ହଟାଇ ଜିଲ୍ଲା ଭଦ୍ରକରେ ହସନାବାଦ ପଞ୍ଚାୟତ ହେଇଥିବାରୁ ଗୋଟିଏ ଭାୟା ଭଦ୍ରକ ହୋଇ ଆସିଲେ ଲୋକଙ୍କର ସବୁ ସମସ୍ୟାର ସମାଧାନ ହେବ ବୋଲି କୁହାଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ହସନାବାଦ ପଞ୍ଚାୟତର ସରପଞ୍ଚ ଅଜୟ ମଲ୍ଲିକ ଏବଂ ସୌଭାଗ୍ୟ ମଲ୍ଲିକ, ଆୟୁଷ ନାୟକ, ସୁଖେନ୍ଦୁ ବିମଳେଶ ନାୟକ, ଶତ୍ରୁଜିତ ମଲ୍ଲିକ, ସନ୍ଦୀପ କୁମାର ମଲ୍ଲିକ, ସୁନୀଲ ରାଉତ, ରିତେଶ କୁମାର ତ୍ରିପାଠୀଙ୍କ ଶହ ଉକ୍ତ ପଞ୍ଚାୟତର ଗ୍ରାମବାସୀ ଲିଖିତ ଆକାରରେ କେନ୍ଦ୍ର ସରକାରଙ୍କ ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଛନ୍ତି।

# ସେବା ସମବାୟ ସମିତିରୁ ପୁରୁଣା ଘରର କାଠଚୋରି ଅଭିଯୋଗ

ଦୋବଲ,୪।୮(ସମିସ): ଦୋବଲ ଜୋନ ଅଧୀନ ଦଳାଙ୍ଗ ସେବା ସମବାୟ ସମିତିର ଥିବା ପୁରୁଣା ଆଜବେଷ୍ଟ ଘରକୁ ଭଙ୍ଗାଯାଇଛି। ସେଥିରେ ଥିବା ପୁରୁଣା କାଠ ଓ ଆଜବେଷ୍ଟକୁ ଚୋରିକରି ନିଆ ଯାଉଥିବା ଆଜି ସ୍ଥାନୀୟ ଲୋକ ଭାସ୍କର ରାଉତ, ପିତାମ୍ବର ଜେନା, ଦୀପକ ହାତୀ, ସତ୍ୟରଞ୍ଜନ ପଣ୍ଡା, ସୁଦର୍ଶନ ରାଉତ, ନିରାକାର ପଣ୍ଡା ପ୍ରମୁଖ ସୋମବାର ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଏଦିଗରେ ଉକ୍ତ ସମିତିର ସମ୍ପାଦିକା ସ୍ୱାଗତୀକା ରାଉତ ଉକ୍ତ ଘଟଣାକୁ ଖଣ୍ଡନ କରିଚନ୍ତି। ସେ କହିଛନ୍ତି ଯେ କାର୍ଯ୍ୟାଳୟକୁ ଲାଗିକିଥିବା ଏକ ପୁରୁଣା ଆଜବେଷ୍ଟ ଘର ଥିଲା ଯାହାକି ଭାଙ୍ଗିରୁଜି ଯାଇଥିଲା।



ସେହିଠାରେ ପୂର୍ତ୍ତବିଭାଗ ପକ୍ଷରୁ ଏକ ନୂତନ କୋଠା ଘର ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ଠିକାଦାର ବାରମ୍ବାର କହୁଛନ୍ତି ଜାଗା ଦେଲେ ଘର ନିର୍ମାଣ ହେବ। ଏ ନେଇ ସମ୍ପାଦିକା ନିକଟରେ ବୋର୍ଡରେ ଅଧିବେଶନ ସ୍ଥାନିତ କରାଯାଇ ଉକ୍ତ ପରିତ୍ୟକ୍ତ ଘରକୁ ଭଙ୍ଗାଯାଇଛି। ଉକ୍ତ ଘରୁ ବାହାରି ଥିବା କାଠ ଓ ଆଜବେଷ୍ଟକୁ ବୋର୍ଡ ବୈଠକ ପରେ ନିଲାମ କରାଯିବ। ତେବେ ସମିତିରେ ଜାଗା ନଥିବାରୁ ତାହାକୁ ସ୍ଥାନୀୟ ଲୋକଙ୍କ ଜିମାରେ ରଖାଯାଇଛି ବୋଲି ସମ୍ପାଦିକା ଶ୍ରୀମତୀ ରାଉତ କହିଛନ୍ତି।

# ପଞ୍ଜୀକରଣ ସମସ୍ୟା; ଦୁଇଟି ସମିତିଠାରେ ଚାଷୀଙ୍କ ବିକ୍ଷୋଭ

ବାରିକପୁର,୪।୮(ସମିସ): ଚଳିତ ଖରିଫ ଧାନ ପଞ୍ଜୀକରଣ ପାଇଁ ଅନେକ ସମସ୍ୟା ଦେଖା ଦେଇଛି। ତନ୍ମଧ୍ୟରୁ ଲିଗାଲ ହେୟାର ବା ବଂଶାବଳୀ ତଥ୍ୟ ପ୍ରଦାନକୁ ନେଇ ତୀବ୍ର ବିବାଦ ଦେଖାଯାଉଛି। ରାଜସ୍ୱ ନୀରିକ୍ଷକ ମାନେ ସଠିକ ସମୟରେ ଏହା ପ୍ରଦାନ କରୁନଥିବା ଯୋଗୁଁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ଧାନ ପଞ୍ଜୀକରଣ ପାଇଁ ଆଉ ମାତ୍ର ୧୫ ଦିନ ରହିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡି କାର୍ଯ୍ୟାଳୟରେ ପଞ୍ଜୀକରଣ ପ୍ରକ୍ରିୟା ଧିମାରେ ଚାଲିଛି। ମୋଟାମୋଟି ଭାବେ ଅଦ୍ୟାବଧି ମାତ୍ର ଶତକଡ଼ା ୩୦/୪୦ ଭାଗ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏପଟେ ବିଭାଗୀୟ ମନ୍ତ୍ରୀ ବିନା ବଂଶାବଳୀରେ ପଞ୍ଜୀକରଣ ପାଇଁ ଗଣମାଧ୍ୟମରେ ମତ ରଖିଛନ୍ତି। ଚାଷୀମାନେ ତଦନୁଯାୟୀ ପଞ୍ଜୀକରଣ ପାଇଁ ବିଭିନ୍ନ ସମିତି ଓ ଏସଏଚଜି ମଣ୍ଡିକୁ ଯାଉଥିବା ବେଳେ କର୍ତ୍ତୃପକ୍ଷ କିନ୍ତୁ ସରକାରୀ ପତ୍ର ବିନା ଏସବୁ କରିପାରିବେ ନାହିଁ ବୋଲି କହୁଛନ୍ତି। ତେଣୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରି ବ୍ଲକର ନେରଡା ଓ ନାରାୟଣପୁର ସମିତିଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିପାଇଁ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଜଣାଯାଇଛି। ଚାଷୀମାନଙ୍କ କହିବା କଥା ହେଲା ଧାନ ପଞ୍ଜୀକରଣ ପାଇଁ ସରଳିକରଣ ପ୍ରକ୍ରିୟା ଗ୍ରହଣ କରାନଗଲେ ଆଗାମୀ ଦିନରେ ସେମାନେ ସମିତି ଆଗରେ ଅନିର୍ଦ୍ଦିଷ୍ଟକାଳ ଯାଏଁ ଆନ୍ଦୋଳନ ଆରମ୍ଭ କରିବେ। ପ୍ରଚଳିତ ବ୍ୟବସ୍ଥା ଯୋଗୁ ଅନେକ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିପାରନ୍ତି ବୋଲି ଆଶଙ୍କା ଦେଖାଦେଇଛି। ଆଜି ବରିଷ୍ଠ ଚାଷୀ ଶରତ ଚନ୍ଦ୍ର ଜେନା, ସୋମନାଥ ପତି,ବିଦ୍ୟାଧର ଲେଙ୍କା, ସୂର୍ଯ୍ୟମଣୀ ସେଠୀ, ଦୀନବନ୍ଧୁ ଭାରତୀ, ବୃନ୍ଦାବନ ସ୍ୱାଇଁ, କିଶୋର ସେନାପତି, ମନୋଜ ନାୟକ, ରତ୍ନାକର ରଣା, ତପନ କୁମାର ଦାସ, ଶିବ ମଲ୍ଲିକ, ଦିଲ୍ଲିପ ରାଉତ, ଆଲୋକ ନାୟକ, ଦୁଃଶାସନ ଧଳ ପ୍ରମୁଖ ସରକାରୀ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




# ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ବିଧାୟକଙ୍କ ଉଦ୍‌ବେଗ

ବାରିକପୁର,୪।୮(ସମିସ): ବିଧାନ ସଭା ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ତଥା କମିଟିର ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ମଲ୍ଲିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଦ୍ୟାବଧି କୌଣସି ନିଗମ ଗଠନ ହୋଇପାରୁନାହିଁ। ବିଶେଷ କରି ସମବାୟ ନିଗମକୁ ନେଇ ବିଧାୟକ ଘୋର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏହାଦ୍ୱାରା ଚାଷୀମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହେଉଥିବା ସେ କହିଛନ୍ତି। ନିଗମ ଗଠନ ନହେବା କାରଣରୁ ସରକାରୀ ଅର୍ଥ ବାଟମାରଣା ହେଉଥିବା ବେଳେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂପ୍ରତି ବନ୍ତ ବ୍ଲକ ଅଧୀନ ସମିତିରେ କିଛି ବ୍ୟକ୍ତି କାର୍ଯ୍ୟ ବନ୍ଦ ରଖିବା କାରଣରୁ ଚାଷୀ ମାନେ ଋଣ ଠାରୁ ଆରମ୍ଭ କରି ସାର, କୀଟନାଶକ ଓ ବିହନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଭାଗୀୟ ଅଧିକାରୀମାନେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ଶ୍ରୀ ମଲ୍ଲିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



# ପ୍ରଥମଥର ପାଇଁ ଧାମରା ପୋର୍ଟରେ ଷ୍ଟିଲ୍ ସ୍ଲାବ୍ ଆମଦାନୀ

ଭଦ୍ରକ,୪।୮(ସମିସ): ପ୍ରଥମ ଥର ପାଇଁ ଷ୍ଟିଲ ସ୍ଲାବ୍ କାର୍ଗୋ ଜାହାଜ ଏମଭିଏଚଟିକେ ନେପ୍‌ଚ୍ୟୁନ୍ ବର୍ଥ ବିବି-୪ରେ ସଫଳତାର ସହ ବର୍ଥ କରିଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ ଲିମିଟେଡ ପାଇଁ ୩୫,୦୦୦ ମେଟ୍ରିକ ଟନ୍ ଉଚ୍ଚମାନର ଷ୍ଟିଲ ସ୍ଲାବ୍ ଆମଦାନୀ କରି ଓ ସଫଳତା ପୂର୍ବକ ଜାହାଜକୁ ବର୍ଥ କରାଇ ନିଜ ଉନ୍ନତମାନର କାର୍ଯ୍ୟଧାରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିପାରିଛି। ଆଦାନୀ ଧାମରା ପୋର୍ଟ ଆଦାନୀ ଗ୍ରୁପର ପୂର୍ବଉପକୂଳରେ ନିଜର ଉପଯୁକ୍ତ ଭୌଗୋଳିକ ଉପସ୍ଥିତି ଯୋଗୁ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଆଦି ରାଜ୍ୟରେ ଥିବା ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକୁ କାର୍ଗୋ ଆମଦାନୀ ଓ ରପ୍ତାନୀର ଉପଯୁକ୍ତ ପୋର୍ଟ ଭାବରେ ପ୍ରତିପାଦିତ କରିପାରିଛି। ଦେଶର ଏକ ଅନ୍ୟତମ ଗଭୀର ଓ ବିଭିନ୍ନ ପ୍ରକାର ପଣ୍ୟ ଦ୍ରବ୍ୟ ପରିଚାଳନା ସହିତ ବିଶିଷ୍ଟ ବୃହତମ କେପ୍ ସାଇଜ୍ ଜାହାଜଗୁଡ଼ିକୁ ବର୍‌ଠଂ କରିବାର ପାରଦର୍ଶିତା ହାସଲ କରିପାରିଛି। ଷ୍ଟିଲ ସ୍ଲାବ୍‌ର ସଫଳ ପରିଚାଳନା ଭାରତର ପୂର୍ବ ଉପକୂଳରେ ଏକ ବହୁମୁଖୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଲଜିଷ୍ଟିକ୍ ହବ୍ ହେବା ପାଇଁ ପ୍ରତିଫଳିତ କରିଛି ବୋଲି ପୋର୍ଟର ବରିଷ୍ଠ ଅଧିକାରୀ କହିଛନ୍ତି। ଉର୍ସ୍ୱର୍ଗୀକୃତ ଦଳର ଅକ୍ଳାନ୍ତ ପରିଶ୍ରମ, ପୋର୍ଟ ଅଂଶୀଦାରମାନଙ୍କ ସମର୍ଥନଏବଂ ନେତୃତ୍ୱର ରଣନୈତିକ ମାର୍ଗଦର୍ଶନ ଯୋଗୁ ଏହି ସଫଳତା ହାସଲ ସମ୍ଭବ ହୋଇପାରିଛି। ଷ୍ଟେନଲେସ୍ ଷ୍ଟିଲ ଆମଦାନୀ ଯୋଗୁ ଧାମରା ପୋର୍ଟର ଆଗାମୀ ଦିନରେ ଏହିପରି ଅନେକ ମାଇଲଖୁଣ୍ଟ ସ୍ଥାପନ କରିବା ପାଇଁ ପୋର୍ଟ ପକ୍ଷରୁ ଆଶା କରାଯାଇଛି। ଏହି ସଫଳତା ଧାମରା ପୋର୍ଟର ସାମୂହିକ ବିକାଶ ଏବଂ ଶିଳ୍ପ ଲଜିଷ୍ଟିକ୍ ପ୍ରତି ନିରନ୍ତର ପ୍ରତିଶ୍ରୁତି ଓ ସମର୍ପଣକୁ ସ୍ପଷ୍ଟ କରିପାରିଛି।




## ଶୁକଦେବପୁର ସ୍କୁଲର ଛାତ୍ରୀଙ୍କୁ ମାଡ଼ ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏବିଇଓ କଲେ ତଦନ୍ତ

ସକାଳ ପ୍ରଭାବ

ବାସୁଦେବପୁର,୪।୮(ସମିସ): ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ମାଡ ମାରିବା ଘଟଣା ଚାରିଦିନ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହୋଇଛି। 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏବିଇଓ ଉର୍ମିଳା କର ଓ ସିଆରସିସି ସର୍ବେଶ୍ୱର ମଲିକ ବିଦ୍ୟାଳୟର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାସୁଦେବପୁର ପୌରପାଳିକାର ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୃତୀୟ ଶ୍ରେଣୀର ଜୌନିକ ଛାତ୍ରୀଙ୍କୁ ମାଡ଼ ମାରିବା ପରେ ଅବିଭାବକ ସ୍କୁଲରେ ପାଟିତୁଣ୍ଡ କରିଥିଲେ। ଛାତ୍ରୀଙ୍କୁ ଡାକ୍ତରୀମାଇନା ପରେ ବୁଝାମଣା ହୋଇଥିଲା। ଏନେଇ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଖୋଦ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠ ଏବିଇଓଙ୍କ ଆଗରେ ମାଡ ମାରିବା ଘଟଣା ସ୍ୱୀକାର କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଘଟଣାର ସତ୍ୟତା ରହିଛି ବୋଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଆଗରେ ପ୍ରକାଶ କରିଥିଲେ।

# ବାବା ମଙ୍ଗଳେଶ୍ୱର କାଉଡ଼ିଆସେବା ସଂଘ ପକ୍ଷରୁ ସେବା

ଅସୁରାଳି,୪।୮(ସମିସ): ଭଦ୍ରକ-ଆରଡ଼ି ରାସ୍ତାର ମଙ୍ଗଳପୁର ଛକରେ ବାବା ମଙ୍ଗଳେଶ୍ୱର କାଉଡ଼ିଆସେବା ସଂଘ ପକ୍ଷରୁ ୮ ବର୍ଷ ଧରି ଲଘୁ ଓ ଲୋକହିତ ମୂଲ୍ୟ ଉପରେ ଆଧାରିତ ପବିତ୍ର ସେବା ଚାଲୁ ରହିଛି। ଶ୍ରଦ୍ଧା ଓ ଆତିଥ୍ୟର ଅପୂର୍ବ ମିଶ୍ରଣ ହେଉଛି ଏହି ସଂଘର କାର୍ଯ୍ୟପଦ୍ଧତି। କାଉଡ଼ିଆ ଭକ୍ତମାନଙ୍କୁ ପ୍ରତିଦିନ ସକାଳେ ଚା, ଜଳଖିଆ ଓ ସନ୍ଧ୍ୟାବେଳେ ପ୍ରସାଦସେବନର ବ୍ୟବସ୍ଥା ହଜାର ହଜାର ଭକ୍ତମାନଙ୍କୁ ଉପକୃତ କରିଛି। ଏହାଛଡ଼ା ଭକ୍ତମାନଙ୍କ ପାଦଧୋଇବା, ଔଷଧ ପ୍ରଦାନ କରିବା ଆଦି ସେବା କାର୍ଯ୍ୟ କରାଯାଇଥାଏ। ସଂଘର ମୂଳ ଆଧାର ହେଉଛି ସ୍ୱେଚ୍ଛାସେବୀତା, ଏକତା ଓ ଦୟା। ଅନେକ ଯୁବ ଓ ଜନସାଧାରଣ ନିଜ ସମୟ ଓ ସମ୍ପଦ ଦେଇ ଏହି ସେବା କାର୍ଯ୍ୟରେ ଅଂଶ ନିଅନ୍ତି। ବ୍ରତ ସଂଘରେ ସବୁଠାରୁ ଅଧିକ ପ୍ରଶଂସିତ ଯୁବକ ବର୍ଗ ହେଉଛନ୍ତି କୋରୁଆ ମଳିକ ସାହିର ଯୁବକ ସଂଘ ସଦସ୍ୟ ଦୀପକ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଧୁଶୁରି ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅଶୋକ ମଲ୍ଲିକ, ଉଦୟ ମଲ୍ଲିକ, ଟୁଟୁନୁ ମଲ୍ଲିକ, ସଞ୍ଜୟ ମଲ୍ଲିକ, ଅଶୋକ ମଲ୍ଲିକ (ବି), ଉମାକାନ୍ତ ମଲ୍ଲିକ, ଦୀନବନ୍ଧୁ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ନୃସିଂହ ମଲ୍ଲିକ ଯେଉଁମାନେ ଦିନ ରାତି ନିଃସ୍ୱାର୍ଥ ଭାବେ ଏହି କାଉଡ଼ିଆସେବାରେ ନିଜ କାମ ସୁଚାରୁ ରୂପେ ତୁଲାଇଛନ୍ତି। ଉପସ୍ଥିତ ଭକ୍ତମାନେ ସେମାନଙ୍କର ଅଭିଜ୍ଞତା ଜଣାଇ କହିଛନ୍ତି ଏଠିର ସେବା ଦେଖି ମନ ପ୍ରସନ୍ନ ହୁଏ। ସ୍ଥାନୀୟ ଓ ଅନ୍ୟ ଜିଲ୍ଲାରୁ ଆସୁଥିବା କାଉଡ଼ିଆମାନେ ଏପରିକି ଅନେକ ରାଜନୈତିକ ଓ ସାମାଜିକ ନେତା ମଧ ଏହି ସଂଘ କାର୍ଯ୍ୟ ବିଷୟରେ ଅପୂର୍ବ ପ୍ରଶଂସା କରିଛନ୍ତି।



# ସାହିତ୍ୟ-ସାଂସ୍କୃତିକ ମଞ୍ଚ ପକ୍ଷରୁ 'ରିମ୍ ଝିମ୍ ବର୍ଷା' କବିତା ଆସର

ତିହିଡି,୪।୮(ସମିସ)

ଆଦ୍ୟ ଆଷାଢ଼ର ମେଘ ଘଡ଼ଘଡ଼ି, ଧାରା ଶ୍ରାବଣ ଓ ଭୋଦୁଅ ବଉଦର ଶୋଭା ଉଭୟ ପ୍ରକୃତି, ମଣିଷ ଓ ଭାବୁକ ପ୍ରାଣକୁ ନାନ୍ଦନିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିଛି ବୋଲି ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ତିହିଡ଼ି ସାହିତ୍ୟ ସଂସ୍କୃତିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ 'ରିମ୍ ଝିମ୍ ବର୍ଷା' ଶୀର୍ଷକ କବିତା ଆସର ଓ ଆଲୋଚନାଚକ୍ରରେ ଯୋଗଦେଇ ଅତିଥି ମତବ୍ୟକ୍ତ କରିଛନ୍ତି। ମଞ୍ଚର ଉପଦେଷ୍ଟା ଅଧାପକ ଡ. ବିଶ୍ୱରଂଜନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ଅମାପ ଅନ୍ଧାର'ର କବି ତଥା ରାଜନେତା ଦୀନବନ୍ଧୁ ପତି ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ ପୂର୍ବକ ପ୍ରକୃତି ଓ ମଣିଷ କବିତାର ମୂଳ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ 'ପ୍ରଗତି ଉଦ୍ୟୋଗ'ର ପ୍ରକାଶକ ବିଜୟ ସାହୁ ଓ ସଂଯୋଜକ ଭାବେ କବି ରଞ୍ଜନ କୁମାର ନାୟକ ଯୋଗଦେଇଥିଲେ। ଯୁବକବି ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କବି ନିରଞ୍ଜନ ବାରିକ୍ ଅତିଥି ପରିଚୟ ଓ ଆବାହକ ଯୁବ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ଯୁବକବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠୋତ୍ସବରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ପ୍ରଦୀପ କୁମାର ମହାନ୍ତି, କବି ଦେବେନ୍ଦ୍ର ନାଥ ମହାଳିକ, କବି କଳ୍ପତରୁ ସେଠୀ, ନୀଳ ମାଧବ ସେନାପତି, ମୁକୁନ୍ଦଦେବ ନାୟକ, ବିପ୍ଳବ ରଞ୍ଜନ ପତି, ମନୋରଞ୍ଜନ ଦାସ, ବସନ୍ତ କୁମାର ଦାସ, ରମେଶ ଦାସ, ବିଶ୍ୱଜିତ ବେହେରା, ରବି କୁମାର ମହାନ୍ତି, ବିପ୍ଳବ ହୋତା, ପୁଷ୍ପାଞ୍ଜଳି ତ୍ରିପାଠୀ, ମନୋରଞ୍ଜନ ମୁଦୁଲି, ବିଶ୍ୱମୈତ୍ରୀ ନାୟକ, ହରିହର ମହାଳିକ, ସୁବାସ ଦାସ, ଜୟନ୍ତ ମହାନ୍ତି, ମୌସୁମୀ ଗୋଛାୟତ, ବୈକୁଣ୍ଠ ନାଥ ଓଝା, ତପନ ହାତୀ, ନକୁଳ ସେନାପତି, ପି.ହୃଷିକେଶ, ଆଶୁତୋଷ କରଣ ପ୍ରମୁଖ ସ୍ୱରଚିତ ବର୍ଷା କବିତା ପାଠ କରିଥିଲେ।




# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ଆଶୁ ଆରୋଗ୍ୟ କାମନା

ଧାମନଗର,୪।୮(ସମିସ): ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ବିନୋଦ ବିହାରୀ ନାୟକଙ୍କ ଅସୁସ୍ଥତା କାରଣରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଖବର ପାଇ ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନଏସି ଅଧକ୍ଷା ନିବେଦିତା ଜେନା, ବିଜେଡି ନେତା ସଞ୍ଜୟ କୁମାର ଦାସ, ଲମ୍ବୋଦର ଜେନା, ରଞ୍ଜିତ କୁମାର ନାୟକ ଓ ଅନ୍ୟ ନେତୃମଣ୍ଡଳୀ ମେଡ଼ିକାଲରେ ପହଞ୍ଚି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅଧକ୍ଷ ଶ୍ରୀ ନାୟକ ମେଡିକାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଅଧୀନ ସୋହଡା ପଞ୍ଚାୟତ ଦଶନ୍ଧିକୂଳସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସୌଜନ୍ୟମୂଳକ ସାକ୍ଷାତକରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ଆଶୁ ଆରୋଗ୍ୟ କାମନା ସହ ଦୀର୍ଘାୟୁ ନିରାମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ମନୋଜ ଗୁପ୍ତା, ସମାଜସେବୀ ନାରାୟଣ ଚନ୍ଦ୍ର ସାହାଣୀ, ବରିଷ୍ଠ ନାଗରିକ ପରିଷଦର ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ହୃଦାନନ୍ଦ କର, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ସେକ ଜାଫର ଅଲ୍ଲୀଙ୍କ ସମେତ ବହୁ ଶୁଭେଚ୍ଛୁ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଶ୍ରୀ ନାୟକଙ୍କ ବାସଭବନରେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଅବସରରେ ପ୍ରାକ୍ତନ ଅଧକ୍ଷ ଶ୍ରୀ ନାୟକ ଓ ତାଙ୍କ ପରିବାର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୭୦ ● ପାଉଣ୍ଡ ୧୧୬.୦୯
- ୟୁରୋ ୧୦୧.୭୧ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୮୯୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୦୧୮.୦୦
- ନିଫ୍ଟି ୨୪,୭୨୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ଟାରିଫ୍ ପାଇଁ ଟ୍ରମ୍ପଙ୍କ ନାଟକ

ନୂଆଦିଲ୍ଲୀ,୪।୮ (ଏଜେନ୍ସି)




ଆଗାମୀ ଦିନରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ଆଶା କରାଯାଉଛି। ଶୁଳ୍କ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏ ନେଇ ମାର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି। ତାଙ୍କର ଭବିଷ୍ୟବାଣୀ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ଏବଂ ରୁଷିଆଠାରୁ ତେଲ କ୍ରୟ ଉପରେ ତୀବ୍ର ଅସନ୍ତୋଷ ମଧ୍ୟ ଜାହିର କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ସତ୍ତ୍ୱେ, ଭାରତର ସ୍ଥିତି ବହୁତ ସୁଦୃଢ଼। ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥାଇପାରେ। କିନ୍ତୁ, ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ରପ୍ତାନି ଉପରେ ଏହାର କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ସେ କରିଛନ୍ତି ଯେ ଟ୍ରମ୍ପଙ୍କ ଟାରିଫ୍ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ଏକ ନାଟକ, ଯେଉଁଥିରେ ଭାରତ ଉପରେ ଚାପ ପକାଇବା ପାଇଁ ଏକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଆମେରିକା ସପକ୍ଷରେ ଏକ ଅଧିକ ଅନୁକୂଳ ଚୁକ୍ତି ସ୍ୱାକ୍ଷର କରାଯାଇପାରିବ।

ଅପରପକ୍ଷେ ପ୍ରସିଦ୍ଧ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସ ଥରେ କହିଥିଲେ ଯେ ଯଦି ଆମେରିକା ଭାରତ ସହିତ କୌଣସି ଚୁକ୍ତି କରେ, ତେବେ ସେ ବହୁତ ଆଶ୍ଚର୍ଯ୍ୟ ହେବେ। କାରଣ ଆମେରିକା ପ୍ରକୃତରେ ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଏବଂ ଏକ ଶକ୍ତିଶାଳୀ ଭାରତରେ ଏହାର କୌଣସି ଆଗ୍ରହ ନାହିଁ। ଜେଫ୍ରି ସାକ୍ସ ଏପ୍ରିଲ ମାସରେ ଏହି କଥା କହିଥିବା ବେଳେ ଜୁଲାଇରେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯେଉଁ ସ୍ତରକୁ ଯାଇଛି, ତାହା ଦେଖିଲେ ମନେ ହେଉଛି ଯେ ଏହି ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉଛି। ଟ୍ରମ୍ପ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବା ବିଷୟରେ ଦାବି କରିଛନ୍ତି। ଏହା ବ୍ୟତୀତ, ସେ ରୁଷୀୟ ତେଲ କିଣିବା ପାଇଁ ଭାରତକୁ କଡ଼ା ସମାଲୋଚନା କରିଛନ୍ତି ଏବଂ ୨୫ ପ୍ରତିଶତ ଶୁଳ୍କ ସହିତ ଜରିମାନା ମଧ୍ୟ ଲଗାଇଛନ୍ତି, ଯାହାକୁ ବିଶେଷଜ୍ଞମାନେ ଭାରତର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହୁଛନ୍ତି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଠୋର ନୀତି ଯୋଗୁଁ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ହ୍ରାସ ପାଇଛି। ଯେତେବେଳେ ଭାରତ ବିଶ୍ୱର କିଛି ଦେଶ ମଧ୍ୟରୁ ଗୋଟିଏ ଥିଲା, ଯିଏ ପ୍ରଥମେ ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ କଥାବାର୍ତ୍ତା ଆରମ୍ଭ କରିଥିଲା, କିନ୍ତୁ ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ। ସେ କହିଛନ୍ତି, ଯଦି ଭାରତ ଆମେରିକା ସହିତ ଚୁକ୍ତି କରିବାରେ ସଫଳ ହୁଏ, ତେବେ ଏହା ବଡ଼ ଆଶ୍ଚର୍ଯ୍ୟ ହେବ। ବର୍ତ୍ତମାନର ଟ୍ରମ୍ପ୍ ପ୍ରଶାସନ ସରକାର ଭାରତର କଲ୍ୟାଣ ବିଷୟରେ ଚିନ୍ତିତ ନୁହେଁ। ଆମେରିକା ଭାରତକୁ ଚୀନ୍ ବିରୁଦ୍ଧରେ ବ୍ୟବହାର କରିବାକୁ ଚାହୁଁଛି। ଟ୍ରମ୍ପ ଭାରତୀୟ ନିର୍ମାତାଙ୍କ ପାଇଁ ଆମେରିକାର ଦ୍ୱାର ଖୋଲିବେ ନାହିଁ ଏବଂ ଏହା ଆମେରିକାର ଏକ ବଡ଼ ଖେଳ ଯେ ଆମେ ଚୀନକୁ କିପରି ବିସ୍ଥାପିତ କରିପାରିବୁ। କିନ୍ତୁ ଭାରତ ଏକ ସଫଳ ଅର୍ଥନୀତି ପାଲଟିଛି ଏବଂ ବର୍ତ୍ତମାନ ଏହା ଘଟୁଛି ଏବଂ ଭବିଷ୍ୟତରେ ଯେତେବେଳେ ଭାରତ ଶକ୍ତିଶାଳୀ ହେବ, ଆମେରିକା ଚୀନ୍ ପରି ଭାରତକୁ ପସନ୍ଦ କରିବ ନାହିଁ। ଆଉ ଏହା ଆଗାମୀ ଦିନରେ ହିଁ ଘଟିବାକୁ ଯାଉଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଦ୍ୱାରା ୨୫% ଶୁଳ୍କ ବୃଦ୍ଧି ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ରକୁ ପ୍ରଭାବିତ କରିବ ନାହିଁ। କେବଳ କିଛି କ୍ଷେତ୍ର ଯେପରିକି ବୟନଶିଳ୍ପ ଏବଂ ଅଟୋ ଭଳି କିଛି କ୍ଷେତ୍ର ସୀମିତ ଭାବରେ ପ୍ରଭାବିତ ହେବ। ସେ କହିଛନ୍ତି, ଯଦିଓ ଏହି ୨୫% ଶୁଳ୍କ ଲାଗୁ କରାଯାଏ, ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସମ୍ପୂର୍ଣ୍ଣ ଛାଡ଼ ପାଇବାର ସମ୍ଭାବନା ଅଛି। ଟାରିଫ୍ ବ୍ୟତୀତ, ଆମେରିକାକୁ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତକୁ ବହୁତ ଆବଶ୍ୟକତା ଅଛି। ତାଙ୍କ ଅନୁସାରେ, ଆପଲ୍ ଏକ ବଡ଼ କମ୍ପାନୀ। ଆପଲ୍ ପାଇଁ ଭାରତରେ ଉତ୍ପାଦନ ବୃଦ୍ଧି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞଙ୍କ ଅନୁସାରେ, ଟ୍ରମ୍ପ୍ ଆମେରିକୀୟ କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତର ବଜାର ଖୋଲିବା ପାଇଁ ଚାପ ସୃଷ୍ଟି କରୁଛନ୍ତି। ଭାରତ ଦୀର୍ଘ ସମୟ ଧରି ଏହାକୁ ବିରୋଧ କରିଆସୁଛି।

**ଆମେରିକୀୟ ଅର୍ଥନୀତିଜ୍ଞଙ୍କ ଭବିଷ୍ୟବାଣୀ**

- ଭାରତ ଉପରେ ଚାପ ପକାଇବାକୁ ପ୍ରୟାସ
- ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଆମେରିକା
- ଔଷଧ, ଇଲେକ୍ଟ୍ରୋନିକ୍ସ , ଆଇଟି କ୍ଷେତ୍ରରେ ଭାରତର ଦବ୍‌ଦବା

### ସୋନା କମଷ୍ଟାର ମାମଲାରେ ନୂଆ ମୋଡ଼

## ସଞ୍ଜୟ କପୁରଙ୍କ ମୃତ୍ୟୁକୁ 'ରହସ୍ୟମୟ' କହିଲେ ମା'




ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସୋନା କମଷ୍ଟାର ମାମଲାରେ ଏକ ନୂତନ ମୋଡ଼ ଆସିଛି। ସୋନା କମଷ୍ଟାରର ପୂର୍ବତନ ଅଧକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ରାଣୀ କପୁର ବ୍ରିଟେନରେ ତାଙ୍କ ପୁଅ ସଞ୍ଜୟ କପୁରଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ସୂତ୍ର ଅନୁଯାୟୀ, ରାଣୀ କପୁର ଏହି ଘଟଣାରେ ବ୍ରିଟେନରେ ଏକ ଅପରାଧିକ ଅଭିଯୋଗ ଦାୟର କରିଛନ୍ତି। ସେ ତାଙ୍କ ପୁଅର ମୃତ୍ୟୁ ସ୍ଥିତିକୁ 'ରହସ୍ୟମୟ' ବୋଲି ବର୍ଣ୍ଣନା କରିଛନ୍ତି। ଚଳଚ୍ଚିତ୍ର ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ଏବଂ ନାମୀ ବ୍ୟବସାୟୀ ସଞ୍ଜୟ କପୁର ଜଣେ ଆମେରିକୀୟ ନାଗରିକ ଥିଲେ। ତେଣୁ, ଆମେରିକୀୟ ଅଧିକାରୀମାନେ ମଧ୍ୟ ଏହି ମାମଲା ଉପରେ ନଜର ରଖିଛନ୍ତି। ସୋନା କମଷ୍ଟାର ପରିବାରର ଏହି ମାମଲା ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି।

ସୋନା କମଷ୍ଟାରର ପୂର୍ବତନ ଅଧକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ଲଣ୍ଡନରେ ତାଙ୍କ ପୁଅ ସଞ୍ଜୟଙ୍କ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ସେ ବ୍ରିଟେନରେ ଏକ ସରକାରୀ ଅଭିଯୋଗ ଦାୟର କରିଛନ୍ତି। ସଞ୍ଜୟଙ୍କ ମୃତ୍ୟୁର ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ଏହା'ରହସ୍ୟମୟ'। ସେ ଚାହାଁନ୍ତି ଯେ ବ୍ରିଟିଶ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରନ୍ତୁ। ସେ କହିଛନ୍ତି ଯେ ୟୁକେ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ପରେ ପ୍ରଥମ ଥର ପାଇଁ ରାଣୀ କପୁର ଏକ ଭାବପ୍ରବଣ ଭିଡିଓ ସାକ୍ଷାତକାର ଦେଇଛନ୍ତି। ସେ ତାଙ୍କର ନୀରବତା ଭାଙ୍ଗି ନିଜର ଦୁଃଖ ଏବଂ ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ, ମୋ ପୁଅ ସହିତ କ'ଣ ହୋଇଛି ମୁଁ ଏପର୍ଯ୍ୟନ୍ତ ଜାଣିନାହିଁ। 'ମୁଁ ଏବେ ବୃଦ୍ଧ, ମୃତ୍ୟୁ ପୂର୍ବରୁ ସତ୍ୟ ଜାଣିବାକୁ ଚାହୁଁଛି। ଅପରପକ୍ଷେ କମ୍ପାନୀ କହିଛି ଯେ ୨୦୧୯ ପରଠାରୁ ରାଣୀ କପୁରଙ୍କ କମ୍ପାନୀ ବ୍ୟାପାରରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ନାହିଁ। କିନ୍ତୁ ରାଣୀ କପୁର କହିଛନ୍ତି ଯେ ଏହା ଏପରି ନୁହେଁ। ସେ କହିଛନ୍ତି, ମୁଁ ବିଶ୍ୱକୁ ମନେ ପକାଇବାକୁ ଆସିଛି ଯେ ଆମ ପରିବାରର ଐତିହ୍ୟ ହଜିଯିବା ଉଚିତ୍ ନୁହେଁ। ଏହାକୁ ଆଗକୁ ବଢ଼ାଯିବା ଉଚିତ୍, ଯେପରି ମୋ ସ୍ୱାମୀ ସବୁବେଳେ ଚାହୁଁଥିଲେ। ରାଣୀ କପୁର କହିଛନ୍ତି ଯେ ତାଙ୍କ ବୟସ ଏବଂ ସ୍ୱାସ୍ଥ୍ୟ ଭଲ ନାହିଁ। ତେଣୁ, ସେ ଆଉ କୌଣସି ସାର୍ବଜନୀନ ବୟାନ ଦେବେନାହିଁ। ସେ କହିଛନ୍ତି, ମୋର ଆଇନଜୀବୀ ଆବଶ୍ୟକୀୟ ସମସ୍ତ କାର୍ଯ୍ୟ କରିବେ। ଏହା ଦର୍ଶାଉଛି ଯେ ମାମଲା ଏବେ ଆଇନଗତ ଭାବରେ ଆଗକୁ ବଢ଼ିବ।

**ନୀରବତା ଭାଙ୍ଗିଲେ, ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି**

## ଭାରତ ଉପରେ ଘୋଟିବ ମହାସଙ୍କଟ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତରେ ମୁଦ୍ରାସ୍ଫୀତି ହାର ପ୍ରାୟ ୨ ପ୍ରତିଶତ। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୭୦୦ ବିଲିୟନ ଡଲାର। ଦେଶର ଷ୍ଟକ୍ ବଜାର ବିଶ୍ୱର ୫ମ ବୃହତ ବଜାର। ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଖୁବ୍ ଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି। ଏହା ପରେ ମଧ୍ୟ ଭାରତ ଉପରେ ଏକ ବଡ଼ ସଙ୍କଟ ମାଡ଼ିଆସୁଛି। ଏହି ସଙ୍କଟ ଦେଶର ଅର୍ଥନୀତିକୁ ଏକ ବଡ଼ କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି। ବାସ୍ତବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା 'ଟଙ୍କା' ର ବିନିମୟ ମୂଲ୍ୟ ଖୁବ୍ ଶୀଘ୍ର ୯୦ ସ୍ତର ଅତିକ୍ରମ କରିପାରେ। ଏହା ସେତିକିବେଳେ ଘଟିଛି, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଛି। କିନ୍ତୁ ବିଦେଶୀ ନିବେଶକଙ୍କ ପ୍ରସ୍ଥାନ ଏହି ସଙ୍କଟକୁ ବୃଦ୍ଧି କରୁଛି। ଏହାଛଡା ଆମେରିକା ସହିତ ବାଣିଜ୍ୟରେ ବିଳମ୍ବ ଏହି ସଙ୍କଟକୁ ଆହୁରି ବୃଦ୍ଧି କରୁଛି। ଯଦି ଆମେ ଚଳିତ ସପ୍ତାହର ପ୍ରଥମ ଅର୍ଥାତ୍ ଆଜିର ବାଣିଜ୍ୟ କାରବାର କଥା କହିବା, ତେବେ ଟଙ୍କା ମୂଲ୍ୟରେ ୫୨ ପଇସାର ଏକ ବଡ଼ ହ୍ରାସ ଦେଖାଯାଇଛି, ଯାହା ଆଗାମୀ ଦିନରେ ଜାରି ରହିପାରେ। ଅନ୍ୟପକ୍ଷରେ, ଜୁଲାଇ ପରି ଅଗଷ୍ଟରେ ମଧ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଏକ ବଡ଼ ହ୍ରାସ ଦେଖାଯାଇପାରେ।

- ୯୦ ସ୍ତର ଛୁଇଁବ ଟଙ୍କା
- ଡଲାର ତୁଳନାରେ କ୍ରମାଗତ ଦୁର୍ବଳ ହେଉଛି ଘରୋଇ ମୁଦ୍ରା




ସୋମବାର, ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଏବଂ ବାଣିଜ୍ୟ ଶୁଳ୍କ ଅନିଶ୍ଚିତତା ନିବେଶକଙ୍କ ଭାବନାକୁ ପ୍ରଭାବିତ କରିବା ଯୋଗୁଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୫୨ ପଇସା ହ୍ରାସ ପାଇ ଏହା ୮୭.୭୬ ସ୍ତରରେ ବନ୍ଦ ହୋଇଥିଲା। ବିଦେଶୀ ମୁଦ୍ରା ବ୍ୟବସାୟୀମାନେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣରେ ବ୍ୟାପକ ବାଧା ସୃଷ୍ଟି କରିବା ବିଷୟରେ ନୂତନ ଚିନ୍ତା ସୃଷ୍ଟି କରିଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପକ୍ଷରୁ ଡଲାର ଚାହିଦା ଯୋଗୁଁ ଦିନ ସମୟରେ ଟଙ୍କା ହ୍ରାସ ପାଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ, ଡଲାର ତୁଳନାରେ ଟଙ୍କା ୮୭.୨୧ ସ୍ତରରେ ଖୋଲିଥିଲା, ଯାହା ଆମେରିକୀୟ ମୁଦ୍ରା ତୁଳନାରେ ୮୭.୭୦ ର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା।

### ଆଉ ପଠାଇହେବନି ରେଜିଷ୍ଟ୍ରି ଚିଠି

## ବନ୍ଦ ହେବ ରେଜିଷ୍ଟ୍ରୀ ଡାକ ସେବା

ନୂଆଦିଲ୍ଲୀ,୮।୪(ଏଜେନ୍ସି)




- ସ୍ପିଡ୍ ପୋଷ୍ଟ ସହ ହେବ ମିଶ୍ରଣ
- ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ସେବା
- ସେପ୍ଟେମ୍ବର ପହିଲାରୁ ସେବା ବନ୍ଦ

ଖୁବ୍ ଶୀଘ୍ର ବନ୍ଦ ହେବ ରେଜିଷ୍ଟ୍ରଡ୍ ପୋଷ୍ଟାଲ ସର୍ଭିସ୍ ବା। କାରଣ ଭାରତୀୟ ଡାକ ବିଭାଗ ଏହାର ପଞ୍ଜିକୃତ ଡାକ ସେବାକୁ ବନ୍ଦ କରିବାକୁ ଯୋଜନା କରୁଛି। ବିଭାଗ ଏହି ସେବାକୁ ସ୍ପିଡ୍ ପୋଷ୍ଟ ସହିତ ମିଶ୍ରଣ କରିବାକୁ ଯୋଜନା କରୁଛି। ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ଏହି ରେଜିଷ୍ଟ୍ରୀ ଡାକ ସେବା। ଏହାଫଳରେ ଆଉ ପଠାଇ ହେବନି ଦୀର୍ଘ ଦିନ ହେବ ପ୍ରଚଳିତ ରେଜିଷ୍ଟ୍ରି ଚିଠି ବ୍ୟବସ୍ଥା। କାର୍ଯ୍ୟକୁ ଦ୍ରୁତ , ଚିଠିକୁ ସହଜରେ ଟ୍ରାକ୍ କରିବା ଏବଂ ସେବାକୁ ଆଧୁନିକ କରିବା ଲକ୍ଷ୍ୟରେ ଡାକ ବିଭାଗ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ତେଣୁ ସେବା ଏହି ରେଜିଷ୍ଟ୍ରୀ ଡାକ ସେବା ସେପ୍ଟେମ୍ବର ପହିଲାରୁ ବନ୍ଦ ହୋଇଯିବ।

ଯଦି ଆପଣ ୭୦,୮୦ କିମ୍ବା ୯୦ ଦଶକରେ ଜନ୍ମଗ୍ରହଣ କରିଛନ୍ତି, ତେବେ ଆପଣ ପୋଷ୍ଟ ଅଫିସରେ ରେଜିଷ୍ଟ୍ରୀ ଡାକ ସେବା ପାର୍ସଲ କାରବାର ଦେଖିଥିବେ। ଏହି ରେଜିଷ୍ଟ୍ରୀ ଚିଠି ପଠାଇବା ପାଇଁ ପୂର୍ବରୁ ଏକ ପୃଥକ କାଉଣ୍ଟର ଥିଲା। ଡାକ ବିଭାଗର କର୍ମଚାରୀ ଆପଣଙ୍କୁ ଏହାର ରସିଦ ଦେଉଥିଲେ। ସେହି ଚିଠି ବିତରଣ ହେବା ସମୟରେ ଆପଣଙ୍କୁ ଏକ ସ୍ୱୀକୃତି ମଧ୍ୟ ମିଳୁଥିଲା। ସାମଗ୍ରିକ ଭାବରେ ପୋଷ୍ଟ ଅଫିସ୍ର ଏହା ଏକ ପ୍ରିମିୟମ୍ ସେବା ଥିଲା। ବର୍ତ୍ତମାନ ଡାକ ବିଭାଗ ଏହି ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି।

ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ସର୍କୁଲାର ଅନୁଯାୟୀ, ଡାକ ବିଭାଗ ରେଜିଷ୍ଟ୍ରୀ ଡାକ ସେବାକୁ ସେପ୍ଟେମ୍ବର ପହିଲାରୁ ଏହାର ସ୍ପିଡ୍ ପୋଷ୍ଟ ସହିତ ସଂଯୁକ୍ତ କରିବାକୁ ଯାଉଛି। ସରକାର ଦାବି କରୁଛନ୍ତି ଯେ ଏହା କରିବା ଦ୍ୱାରା କାମ କରିବାର ପଦ୍ଧତି ଆହୁରି ଆଧୁନିକ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ପଠାଇବା ହେଉ କି ବିଦେଶରେ ପଢୁଥିବା ପିଲାମାନଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ପଠାଇବା ହେଉ କିମ୍ବା ରକ୍ଷା ବନ୍ଧନରେ ରାକ୍ଷୀ ପଠାଇବା ହେଉ ଏସବୁ ପାଇଁ ରେଜିଷ୍ଟ୍ରୀ ଡାକ ସେବାବ୍ୟବହାର କରାଯାଇଥାଏ। ସ୍ୱାଧୀନତା ପରଠାରୁ ରେଜିଷ୍ଟ୍ରୀ ଡାକ ସେବାକୁ ବହୁତ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଉଥିଲା। ନିଯୁକ୍ତି ପତ୍ର ପଠାଇବା ପାଇଁ ମଧ୍ୟ ସରକାର ଏହାକୁ ବ୍ୟବହାର କରିଆସୁଛନ୍ତି। ଏହାସହିତ, କୋର୍ଟ ଏହା ମାଧ୍ୟମରେ ଆଇନଗତ ନୋଟିସ୍ ପଠାଉଥିଲେ। ନୂଆ ପରିବର୍ତ୍ତନକୁ ନଜରରେ ରଖି ଡାକ ବିଭାଗର ସଚିବ ଏବଂ ମହାନିର୍ଦ୍ଦେଶକ ସମସ୍ତ ବିଭାଗ, କୋର୍ଟ, ପ୍ରତିଷ୍ଠାନ ଏବଂ ସର୍ବସାଧାରଣଙ୍କୁ ସେପ୍ଟେମ୍ବର ୧ ସୁଦ୍ଧା ନୂତନ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ କହିଛନ୍ତି। ଉଭୟ ସେବା ଅଗଷ୍ଟ ୩୧ ପର୍ଯ୍ୟନ୍ତ ପୂର୍ବ ପରି ଜାରି ରହିବ,କିନ୍ତୁ ସେପ୍ଟେମ୍ବର ୧ ରୁ ଲୋକମାନଙ୍କୁ ସ୍ପିଡ୍ ପୋଷ୍ଟ ଦ୍ୱାରା ସେମାନଙ୍କର ଜିନିଷ ପଠାଇବାକୁ ପଡିବ। ଏହିପରି ଭାବରେ, ରେଜିଷ୍ଟ୍ରୀ ଡାକ ସେବାର ଏକ ଯୁଗ ଶେଷ ହେବ।

### ଲୋକସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା

## ୫ ବର୍ଷରେ ୭ ଲକ୍ଷ କୋଟିର ଜିଏସ୍‌ଟି ଚୋରି ଧରାପଡ଼ିଛି

ନୂଆଦିଲ୍ଲୀ,୪।୮ ଏଜେନ୍ସି): ଗତ ପାଞ୍ଚ ବର୍ଷରେ ପ୍ରାୟ ୭.୦୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଚୋରି ଧରାପଡ଼ିଛି। କେନ୍ଦ୍ରୀୟ ଜିଏସ୍‌ଟିର କ୍ଷେତ୍ରୀୟ ଅଧିକାରୀମାନେ ଆର୍ଥିକବର୍ଷ ୨୦୨୪-୨୫ ସୁଦ୍ଧା ଏହି ଜିଏସ୍‌ଟି ଚୋରି ଧରିଛନ୍ତି। ଏଥିରେ ପ୍ରାୟ ୧.୭୯ ଲକ୍ଷ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଜାଲିଆତି ମଧ୍ୟ ସାମିଲ। ଲୋକସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ସରକାର ଦେଇଥିବା ତଥ୍ୟ ଅନୁସାରେ କେବଳ ଆର୍ଥିବର୍ଷ ୨୦୨୪-୨୫ରେ ସିଜିଏସ୍‌ଟି କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ୨.୨୩ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଜିଏସ୍‌ଟି ଚୋରି ଧରାପଡ଼ିଛି। ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୫ରେ ଜିଏସ୍‌ଟି ଚୋରିର ୩୦,୨୫୬ ମାମଲା ଧରାପଡ଼ିଥିଲା। ଏଥିରୁ ଅଧାରୁ ଅଧିକ ୧୫,୨୮୩ ମାମଲା ଆଇଟିସି ଜାଲିଆତି ସହ ଜଡ଼ିତ ଥିଲା। ଏହି ମାମଲାଗୁଡିକରେ ୫୮,୭୭୨ କୋଟି ଟଙ୍କାର ଚୋରି ଧରାଯାଇଛି। ଆର୍ଥିକବର୍ଷ ୨୦୨୩-୨୪ରେ ସିଜିଏସ୍‌ଟି କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ୨.୩୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଚୋରି ଧାରପଡ଼ିଥିଲା। ଏଥିରୁ ୩୬,୩୭୪ କୋଟି ଟଙ୍କାର ଆଇଟିସି ଜାଲିଆତି ସାମିଲ ଥିଲା। ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୩ରେ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କାର ଜିଏସଟି ଚୋରି ଧରାପଡ଼ିଥିଲା। ସେହିପରି ଆର୍ଥିକ ବର୍ଷ ୨୦୨୨ ଓ ଆର୍ଥିକବର୍ଷ ୨୦୨୧ରେ ଯଥାକ୍ରମେ ୭୩,୨୩୮ କୋଟି ଓ ୪୯,୩୮୪ କୋଟିର ଜିଏସ୍‌ଟି ହୋଇଥିଲା ଏଥିରେ ଆଇଟିସି ଚୋରି ଯଥାକ୍ରମେ ୨୮,୦୨୨ କୋଟି ଓ ୩୧,୨୩୩ କୋଟି ଟଙ୍କା ଥିଲା।

### ଏସ୍‌ଭିଏମ୍ କଲେଜରେ ରାଗିଂ

## ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ରାଗିଂ ଭଳି ଏକ ଅଭାବନୀୟ ଘଟଣା ଘଟିଛି। +୩ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଅମନ ମହାପାତ୍ର ନାମକ ଜଣେ ଛାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ସଂପୃକ୍ତ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଛି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅମନଙ୍କ ଅଭିଯୋଗ ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୧୧ଟାରେ ସେ କଲେଜ ଆସୁଥିବା ବେଳେ କଲେଜର କିଛି ଛାତ୍ର ଓ ଅଣଛାତ୍ର ତାଙ୍କୁ ପାଖକୁ ଡାକିଥିଲେ। ସେ ସେମାନଙ୍କ ନିକଟକୁ ଯିବାରୁ ଆମ ସହ ନରହି ତୁ ଅନ୍ୟ ଛାତ୍ର ସଂଗଠନ ସହିତ କାହିଁକି ବୁଲୁଛୁ ବୋଲି ପ୍ରଶ୍ନ କରିଥିଲେ। ଅମନ ଏହା ତାଙ୍କର ବ୍ୟକ୍ତିଗତ ପ୍ରସଙ୍ଗ ବୋଲି କହିବାରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସେହି ଛାତ୍ର ଓ ଅଣଛାତ୍ର ତାଙ୍କୁ ଜିଆଇ ପାଇପ୍ ଓ ମାରଣାସ୍ତ୍ରରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଅମନ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ସେହିପରି ଅପରପକ୍ଷରୁ ମଧ୍ୟ ଥାନାରେ ଏତଲା ଦିଆଯାଇଥିବା ସୂଚନା ମିଳିଛି। ପୁଲିସ୍ ପୃଥକ୍ ମାମଲା ରୁଜୁ କରିବା ସହ କଲେଜ ପରିସରକୁ ଯାଇ ତଦନ୍ତ କରିଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିକୁ ଗିରଫ ବା ଅଟକ ରଖାଯାଇ ନଥିବା ସୂଚନା ମିଳିଛି।

## ପୁଣି ଶ୍ରୀମନ୍ଦିରରୁ ଗୁପ୍ତ କ୍ୟାମେରା ଜବତ

ପୁରୀ,୪।୮ (ସମିସ): ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା। ଗତ ୨୯ତାରିଖରେ ଜଣେ ଭକ୍ତଙ୍କଠାରୁ ମନ୍ଦିର ପରିସରରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ ହୋଇଥିଲା। ଠିକ୍ ସପ୍ତାହ ମଧ୍ୟରେ ପୁଣି ଜଣେ ଭକ୍ତଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଏବଂ ମୋବାଇଲ୍ ଫୋନ୍ ଜବତ ହେବା ବଡ଼ଦେଉଳର ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ସୋମବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବିପୁଲ ପଟେଲଙ୍କୁ

- ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଓ ମୋବାଇଲ ଫୋନୟ ଜବତ
- ଗୁଜରାଟର ବିପୁଲ ପଟେଲଙ୍କୁ ଅଟକ ରଖିଛି ପୁଲିସ

ସୁରକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଗୁଜରାଟର ବିପୁଲ ପଟେଲଙ୍କୁ ଧରି ପଚରାଉଚରା କରିଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ମନ୍ଦିର ପରିସରରୁ ଜେଟିପି ଏବଂ ପୁଲିସ ଧରିଥିଲେ। ସେ ତାଙ୍କ କ୍ୟାମେରା ସଂଯୁକ୍ତ ଚଷମାରେ ଫଟୋ ଉଠାଉଥିଲେ। ସେହି ଗୁପ୍ତ କ୍ୟାମେରା ତାଙ୍କ ମୋବାଇଲ ଫୋନ୍ ସହିତ ଲିଙ୍କ୍ ହୋଇଥିଲା। ସେ ମନ୍ଦିର ଭିତରେ ଉଠାଉଥିବା ଫଟୋ ହୋଟେଲରେ ଥିବା ତାଙ୍କ ମୋବାଇଲ ଫୋନ୍‌କୁ ଯାଉଥିଲା। ପୁଲିସ ତାଙ୍କୁ ଧରି ସିଂହଦ୍ୱାର ଥାନାକୁ ଆଣିଥିଲା। ପରେ ବିପୁଲଙ୍କୁ ଟାଉନ ଥାନାକୁ ନିଆଯାଉ ପଚରାଉଚରା କରାଯାଇଥିଲା। ସେ ଏସବୁ ସ୍ୱୀକାର କରିଥିଲେ। ପୁଲିସ ସେ ରହୁଥିବା ହୋଟେଲକୁ ଯାଇ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୨୦/୨୫) ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତ ବିପୁଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି।



ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତର ଫଟୋ ଏବଂ ଭିଡ଼ିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏ ସବୁର ଉତ୍ତୋଳନ ଉପରେ କଟକଣା ରହିଛି। ହେଲେ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି।

## ରେଳ ଧାରଣାରେ କଟି ଯୁବକ ମୃତ



ଭଦ୍ରକ,୪।୮ (ସମିସ): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ଶଶିକାନ୍ତ ବେହେରା। ସୂଚନାନୁଯାୟୀ, ସୋମବାର ଭୋର ସମୟରେ ଶଶିକାନ୍ତ ରେଳ ଧାରଣା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରେଳ ଧାରଣା ଉପରେ ବସି ରହିଥିଲେ। ଫଳରେ ରେଳ ଚଳାଚଳ ବନ୍ଦ ରହିଛି। ଖବର ପାଇ ଘଟଣାସ୍ଥଳରେ ବାଂଶଡା ପୁଲିସ ଓ ଧାମରା ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତେବେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି।

**Government of Odisha " e " Procurement Notice** O-514

**Bid Identification No. : Online-AGL-03 of 2025-2026**

1. Name of the Work : Road Works
2. Estimated Cost. : Rs. 5.78 to 58.30 Lakhs
3. Period of Completion : 1(One) & 2 (Two) Calendar Months
4. Date & time of availability of : From 05.08.2025. to 14.08.2025. upto 5.00 P.M
5. Last Date/time for receipt of bids In the portal : 14.08.2025. upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Exeuctive Engineer
R.W. Division, Angul

OIPR-25096/11/0025/2526

## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ପରିବାରର ସହାୟତା ପାଇବେ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗନ୍ତ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

## ଆଜିର ଦିନରେ

- ୧୭୭୫- ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩- ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୧୯୭୪- ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ଜନ୍ମ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# ନିଆରା ପଦକ୍ଷେପ

ରାସ୍ତାର ଦୁଇ ପାର୍ଶ୍ୱରେ, ପାର୍କଗୁଡ଼ିକରେ ଫୁଲ ଗଛଠାରୁ ଆରମ୍ଭ କରି ଫଳ ଗଛ ସବୁ ଲାଗିଥାଏ। ହେଲେ ଏସବୁ ସ୍ଥାନରୁ ଗଛରୁ ଲୋକଙ୍କୁ ଫୁଲ କି ଫଳ ତୋଳିବାକୁ ବାରଣ କରାଯାଏ। ତେବେ ନ୍ୟୁଜିଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ବୃକ୍ଷରୋପଣକୁ ନେଇ ଏଠାରେ ଏକ ନିଆରା ତଥା ମହାନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ଫୁଟ୍‌ପାଥ ଓ ପାର୍କ ଭଳି ସର୍ବସାଧାରଣ ସ୍ଥାନରେ ଲୋକଙ୍କ ଖାଇବା ଉଦ୍ଦେଶ୍ୟରେ ଫଳ ଗଛ ଲଗାଯାଏ। ଅବଶ୍ୟ ଏଭଳି କରିବା ପଛରେ ମହତ ଉଦ୍ଦେଶ୍ୟ ରହିଛି। ରାସ୍ତାରେ ଯିବାବେଳେ କାହାକୁ ଭୋକ ଲାଗିଲେ ଏହି ଗଛଗୁଡ଼ିକରୁ ଲୋକେ ଫଳ ତୋଳି ନିଜ କ୍ଷୁଧା ମେଣ୍ଟାଇ ପାରିବେ। ନ୍ୟୁଜିଲ୍ୟାଣ୍ଡରେ ଏହି 'ଫୁଡ୍ ଫରେଷ୍ଟ'ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏହା ମାଧ୍ୟମରେ ଲୋକଙ୍କୁ ମାଗଣାରେ ତାଜା ଫଳ ଖାଇବାର ସୁଯୋଗ ମିଳିପାରୁଛି। ସେଓ, କୋଳି, କଦଳୀ ଭଳି ଅନ୍ୟାନ୍ୟ ଫଳଗଛ ସବୁ ସ୍ଥାନୀୟ କାଉନସିଲ ଏବଂ କମ୍ୟୁନିଟି ଟ୍ରଷ୍ଟର ସମର୍ଥନରେ ଲଗାଯାଏ। ଖାଦ୍ୟ କିଣିବାକୁ ଅସମର୍ଥ ଲୋକଙ୍କ ପାଇଁ ଏହା ଏବେ ଏକ ଉତ୍ତମ ବିକଳ୍ପ ହୋଇପାରିଛି। ଏହାଦ୍ୱାରା ଏକଥା ସୁନିଶ୍ଚିତ କରାଯାଏ ଯେ, କେହି ଯେମିତି କ୍ଷୁଧା ଯୋଗୁ ମୃତ୍ୟୁବରଣ କରିବେ ନାହିଁ। ସେହିପରି ସ୍ଥାନୀୟ ଲୋକେ ମିଳିମିଶି ଏହି ଗଛଗୁଡ଼ିକର ଯତ୍ନ ନିଅନ୍ତି। ଫଳ ତଳେ ପଡ଼ି ନଷ୍ଟ ହେବା ପରିବର୍ତ୍ତେ ଏହାଦ୍ୱାରା ଉପଯୋଗରେ ଆସିପାରୁଥିବା କୁହାଯାଉଛି। ଏହିପରି ଭାବେ ଖାଦ୍ୟ ନଷ୍ଟ ବି ଏକପ୍ରକାର ରୋକା ଯାଉଛି। ଏହାବାଦ୍ ଉକ୍ତ ପଦକ୍ଷେପ ଲୋକଙ୍କୁ ଖାଦ୍ୟ ଉତ୍ସ, ଋତୁକାଳୀନ ଫଳ, ଏବଂ ପ୍ରକୃତି ସହିତ ଥିବା ସମ୍ବନ୍ଧ ବାବଦରେ ଶିକ୍ଷା ପ୍ରଦାନ କରୁଛି। ଏହି ପଦକ୍ଷେପ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ବି ବୃଦ୍ଧି କରିବାରେ ସହାୟକ ହେଉଛି। ଗଛରୁ ମିଳୁଥିବା ଅତିରିକ୍ତ ଫଳକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଏ। ଏହିପରି ଭାବେ ସ୍ୱଳ୍ପସ୍ତରରେ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବା ଦିଗରେ ବି କାର୍ଯ୍ୟ କରୁଛି। ସ୍ଥାନୀୟ ଲୋକେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ 'ବୃକ୍ଷ ରକ୍ଷକ' ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପଦକ୍ଷେପ କେବଳ ଖାଦ୍ୟର ସଦୁପଯୋଗକୁ ପ୍ରୋତ୍ସାହିତ କରୁ ନାହିଁ, ବରଂ ସାମୁଦାୟିକ ଭାବନା ଏବଂ ସହଭାଗିତା ଦାୟିତ୍ୱବୋଧକୁ ବି ପ୍ରୋତ୍ସାହିତ କରୁଛି।

# 'ସୈୟାରା' ପାଇଁ ଅଟକିଛି କାର୍ତ୍ତିକ୍‌ଙ୍କ ଫିଲ୍ମ



ବକ୍ସ ଅଫିସ୍‌ରେ ସୁନାମି ଆଣିଛି 'ସୈୟାରା' ଫିଲ୍ମ। ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡାଙ୍କ ଏହି ଫିଲ୍ମ ରିଲିଜ୍ ହେବାର ୯ ଦିନ ମଧ୍ୟରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚିଥିଲା। 'ସୈୟାରା'ର ସଫଳତାକୁ ଦେଖି ଅନେକ ଫିଲ୍ମ ନିର୍ମାତା ସେମାନଙ୍କ ଫିଲ୍ମକୁ ଆଉ ଏବେ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ଅନୁରାଗ ବସୁ, କାର୍ତ୍ତିକ୍ ଆର୍ୟ୍ୟନ୍ ଓ ଶ୍ରୀଲୀଲାଙ୍କୁ ନେଇ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର କାହାଣୀ ମଧ୍ୟ ଲେଖା ସରିଥିଲା। କିନ୍ତୁ ଫିଲ୍ମର କାହାଣୀ କିଛି ମାତ୍ରାରେ 'ସୈୟାରା' ସହ ମିଶି ଯାଉଥିବାରୁ ପୁଣିଥରେ ଅନୁରାଗ ଏହାର କାହାଣୀ ଲେଖୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଅନୁରାଗ ଏହି କଥାକୁ ଖଣ୍ଡନ କରିବା ସହ ସେ କହିଛନ୍ତି,' ମୁଁ ପୁଣିଥରେ ଫିଲ୍ମର କାହାଣୀ ଲେଖୁନାହିଁ କି ଫିଲ୍ମର ରିସୁଟ୍ ମଧ୍ୟ ହେଉ ନାହିଁ। ଦୁଇଟି ଫିଲ୍ମରେ ଗୋଟିଏ ସମାନତା ରହିଛି ତାହା ହେଲା ଦୁଇଟି ଫିଲ୍ମର ହିରୋ ରକ୍‌ଷ୍ଟାର୍ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ସୁଟିଂ କାର୍ତ୍ତିକ୍‌ଙ୍କ ଲୁକ୍ ପାଇଁ ହିଁ ଅଟକିଛି। ଏବେ କାର୍ତ୍ତିକ୍ 'ତୁ ମେରା ମେ ତେରି ମେ ତେରି ତୁ ମେରା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ଲୁକ୍ ଅଲଗା ରହିଛି।' ଅନୁରାଗଙ୍କ ଏହି ଫିଲ୍ମ ଦୀପାବଳି ଅବସରରେ ରିଲିଜ୍ ହେବ ବୋଲି ପୂର୍ବରୁ କୁହାଯାଉଥିଲା। ଏଯାବତ୍ ଫିଲ୍ମର ୪୦% ସୁଟିଂ ସରିଛି। ତେଣୁ ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

# ଶଳାର ପୁଅ ହେଲେ ଚିନି ବାଣ୍ଟନ୍ତି ଭିଣୋଇ

ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଓ ସଂସ୍କୃତି ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ସ୍ଥାନରେ ଏମିତି ଅଜବ ପରମ୍ପରା ରହିଛି ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ବୁରହାନପୁର ଜିଲ୍ଲାର ଶ୍ରୀ ଗୁର୍ଜର ସାଲୀ ସକଳ ପଞ୍ଚ ସମାଜରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳେ। ସାଧାରଣତଃ ଘରେ ଝିଅ କି ପୁଅଟିଏ ଜନ୍ମ ହେଲେ ବାପା ମାମାନେ ଖୁସିରେ ସାହି ପଡ଼ିଶାରେ ମିଠା ବାଣ୍ଟି ଥାନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ପୁଅ ଜନ୍ମ ହେଲେ ପୁରା ଗାଁ ଯାକ ମିଠା ବାଣ୍ଟିଥାନ୍ତି। ହେଲେ ମଧ୍ୟପ୍ରଦେଶର ଉକ୍ତ ସମ୍ପ୍ରଦାୟରେ ପରମ୍ପରା ଅନୁଯାୟୀ, ଶଶୂରଘରେ ଶଳାର ପୁଅ ହେଲେ ଭିଣୋଇମାନେ ମିଠା ବଦଳରେ ଚିନି ବାଣ୍ଟନ୍ତି। ଏଥିପାଇଁ ଭିଣୋଇମାନେ ବ୍ୟାଣ୍ଡ ବାଜା ସହ ରୋଶଣି କରି ସାହି ବୁଲି ଚିନି ବାଣ୍ଟିଥାନ୍ତି। ତେବେ ଘର ପିଛା ଗିନାଏ ଚିନି ତଥା ୨୦୦ ଗ୍ରାମ୍ ଚିନି ବାଣ୍ଟି ସାହି ଲୋକଙ୍କୁ ଏକ ସାମୂହିକ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥାଏ। ଏନେଇ ଜଣେ ସ୍ଥାନୀୟ ବାସିନ୍ଦା ରାଜୁ ଜରିୱାଲାଙ୍କ କହିବାନୁସାରେ, 'ଏହି ପ୍ରଥା ପାଖାପାଖି ୫୦୦ ବର୍ଷ ପୁରୁଣା । ପିଢ଼ି ପରେ ପିଢ଼ି ଆମେ ଏହି ପରମ୍ପରାକୁ ପାଳନ କରି ଆସୁଛୁ। ତେଣୁ ଯେତେବେଳେ ଶଶୂରଘରେ ଶଳାର ପୁଅ ହୁଏ ସେ ଘରର ଜ୍ୱାଇଁ ତଥା ଭିଣୋଇ ନିଜ ସଞ୍ଚିତ ଅର୍ଥରୁ ଚିନି ବସ୍ତା କିଣି ପୂରା ସାହିଭାଇରେ ବାଣ୍ଟନ୍ତି। ଚିନି ଦେଇଥିବା ଘରକୁ ନିମନ୍ତ୍ରଣ ମଧ କରିଥାନ୍ତି। ଏହା ପରେ ଶଶୂରଘର ପକ୍ଷରୁ ସାମୁହିକ ଭୋଜନ ବ୍ୟବସ୍ଥା କରାଯାଇଥାଏ।' ଅବଶ୍ୟ ଏଠାରେ ଲୋକେ ପୁଅ ଜନ୍ମ ହେବା ଖୁସିରେ ଏପରି ଆୟୋଜନ କରିଥାନ୍ତି। ତେବେ ଜ୍ୱାଇଁ ବ୍ୟାଣ୍ଡ ବାଜା ସହିତ ଚିନି ବାଣ୍ଟୁଥିବାର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଅନ୍ୟପଟେ ପୁଅ ଜନ୍ମ ପାଇଁ ଜ୍ୱାଇଁ ଯେଉଁ ଚିନି ବାଣ୍ଟିଥାନ୍ତି ସେଥିରେ ପାଖ ପଡ଼ୋଶୀମାନେ ଚା' ବନାଇ ପିଅନ୍ତି। ସେମାନଙ୍କ ପାଇଁ ଏହା ମିଠାର ବିକଳ୍ପ।



# ସୁବର୍ଣ୍ଣା

# ବର୍ଷାରେ ଫସଲର ଯତ୍ନ

**ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଲଗାଣ ବର୍ଷା ଲାଗି ରହୁଛି। ଏଥିଯୋଗୁଁ ଫସଲରେ ଜଳ ଜମି ରୋଗପୋକ ଲାଗିପାରେ। ଜଳମଗ୍ନ ଫସଲ ନଷ୍ଟ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଚାଷୀମାନେ ଫସଲରେ ପାଣି ଜମିଥିଲେ କିପରି ସୁରକ୍ଷା ପ୍ରଦାନ କରିବେ ଜାଣିବା...**



**ଜଳନିଷ୍କାସନ:** ବର୍ଷାଦିନେ ଫସଲରେ ଜଳ ଜମି ଗଛ ସଢ଼ିଯାଏ। ଫସଲକୁ ବିଭିନ୍ନ ପୋକ ଆକ୍ରମଣ କରନ୍ତି। ତେଣୁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। କୁଣ୍ଡରୁ ଜଳ ନିଷ୍କାସନ ପାଇଁ ମଧ ବନ୍ଦୋବସ୍ତ ଜରୁରି। ବର୍ଷାପରେ ପତ୍ରରେ ଲାଗିଥିବା ମଳିକୁ ସଫା କରିବା ଦ୍ୱାରା ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବାଧା ଉପୁଜି ନ ଥାଏ।

**ଫିମ୍ପିଜନିତ ସମସ୍ୟା:** ଗଛମୂଳେ ପାଣି ଜମି ଗଛ ହଳଦିଆ ପଡ଼ିବା ସହ ଗଛ ଝାଉଁଳି ମରି ଯାଇଥାଏ। କାଣ୍ଡ ଅଂଶ ପଚିଯାଇଥାଏ। ତେଣୁ ଏହି ଫିମ୍ପିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପିଛା ପାଞ୍ଚ ଗ୍ରାମ ସିଞ୍ଚନ କରିବା ଆବଶ୍ୟକ। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ବ୍ୟବହାର ଜରୁରି। ବର୍ଷାଦିନେ ମାଟିରେ ଆର୍ଦ୍ରତା ଅଧିକ ଥାଏ। ତେଣୁ ମାଟି ନ ଶୁଖିବା ଯାଏଁ ଜଳ ସିଞ୍ଚନ କରିବା ଅନୁଚିତ। ଏତଦ୍‌ଭିନ୍ନ ଗଛଲତାରେ ଉର୍ବରକ, ନିମ୍ବତେଲ ପ୍ରୟୋଗ କରିବା ସର୍ବୋତ୍ତମ। ନିମ୍ବ ତେଲ ବଦଳରେ ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଅନୁମୋଦିତ ହାରରେ ବ୍ୟବହାର କରାଯାଇପାରିବ।

**ପୋକ ପ୍ରାଦୁର୍ଭାବ ନିୟନ୍ତ୍ରଣ:** ବର୍ଷାରେ ଗଛକୁ ବିଭିନ୍ନ ପ୍ରକାର ପୋକ ଆକ୍ରମଣ କରିଥାନ୍ତି। ଏଥିରୁ ବର୍ତ୍ତିବା ପାଇଁ ଏକର ପ୍ରତି ନିମ୍ବନାଶକ କୀଟନାଶକ ୧୫୦୦ ପିପିଏମ୍ ୬୦୦ମିଲିକୁ ୨୦୦ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରିପାରିବେ। ଫସଲରେ ଆଲୋକ ଯନ୍ତା ତଥା ଅଠାଳିଆ ଯନ୍ତା ବସାଇବା ସହ ଜୈବିକ ପ୍ରଣାଳୀରେ କୀଟ ନିୟନ୍ତ୍ରଣ କରାଯାଏ।

**ମାତ୍ରାଧିକ ସାର ପ୍ରୟୋଗକୁ ନା:** ବର୍ଷା ଯୋଗୁଁ ମାଟିର ପୋଷକତତ୍ତ୍ୱ ହ୍ରାସ ପାଏ। ତେଣୁ ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ। ଗଛକୁ ଭଲ ଭାବେ ସୂର୍ଯ୍ୟକିରଣ ପଡ଼ିବାକୁ ବନ୍ଦୋବସ୍ତ ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ମୂଳରେ ପାଣି ଜମିବା ଭୟ କମ୍ ହୁଏ। ଏହି ଦିନରେ ଗଛମୂଳରେ ମାତ୍ରାଧିକ ସାର ବା କୀଟନାଶକ ପ୍ରୟୋଗ ଅନୁଚିତ। ବର୍ଷା ସମୟରେ କୀଟନାଶକ, ତୃଣନାଶକ କିମ୍ବା ସାର ପ୍ରୟୋଗ ଆଦୌ ଭଲ ନୁହେଁ। ତେଣୁ ଶୁଖିଲା ପାଗରେ ସନ୍ଧ୍ୟା ସମୟରେ ସାର ସିଞ୍ଚନ କରିପାରିବେ। କୁଣ୍ଡରେ ଗଛ ଲଗାଉଥିଲେ, ତିନି ଭାଗ ମାଟି ଏବଂ ଏକ ଭାଗ ଖତ ମିଶାଇବା ଜରୁରି। ୧୦ ଦିନ ଅନ୍ତରରେ ଗଛରେ ଫିମ୍ପିନାଶକ ସିଞ୍ଚନ କରିପାରିବେ।

# ଯନ୍ତ୍ର ତୋଳିବ ଚା' ପତ୍ର



ଚା' ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଦାର୍ଜିଲିଂ, ଆସାମ, କୋଲୁକୁମାଲାଇ, ପାଲମପୁର, ମୁନ୍ନାର, ନୀଳଗିରିରେ ଚା' ଚାଷ ହୁଏ। ଚା'ଚାଷ ପାଇଁ ମୃତ୍ତିକା, ଜଳବାୟୁ ବେଶ ଗୁରୁତ୍ୱପୂର୍ଣ୍ଣ। ତେବେ ଚା' ପତ୍ର ତୋଳାଳିଙ୍କୁ ମୁଖ୍ୟତଃ ଚା ପତ୍ର ତୋଳିବାରେ ସମସ୍ୟା ଅଧିକ ହୋଇଥାଏ। ଏଥିପାଇଁ ଅଧିକ ଖର୍ଚ୍ଚ ମଧ୍ୟ ହୁଏ। ହେଲେ ଏହି ସମସ୍ୟାକୁ ଏବେ ଦୂର କରୁଛି ସ୍ୱୟଂଚାଳିତ ହାଇଡ୍ରୋଲିକ୍ ମେସିନ୍। ଏହି ଯନ୍ତ୍ରଟି ଶ୍ରମିକଙ୍କ କାମକୁ ସହଜ କରିପାରିବ। ଏହାଦ୍ୱାରା ଶ୍ରମ ହ୍ରାସ ସହିତ ସମୟ ମଧ୍ୟ ବଞ୍ଚି ପାରିବ।ଏହି ଯନ୍ତ୍ରରେ ଟ୍ରାନ୍ସମିଶନ ଏବଂ କୁଲିଂ ପ୍ରଣାଳୀର ଫିଚର୍ସ ସଂଯୋଗ କରାଯାଇଥିବାରୁ ଏହା ମେସିନ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଥାଏ। ସେହିପରି ଏଥିରେ ଥିବା ଡିସ୍କ-ଟାଇପ୍ ନେଗେଟିଭ ବ୍ରେକ୍ ପ୍ରଣାଳୀ ଯନ୍ତ୍ରକୁ ସୁରକ୍ଷିତ ଏବଂ ସ୍ଥିର କରିଥାଏ। ଏହି ଯନ୍ତ୍ରର ଉଚ୍ଚତା ୧.୪ ମିଟର। ବିଭିନ୍ନ ଫସଲର ଆକାର ଅନୁସାରେ କାମ କରିବାକୁ ଏହାକୁ ଡିଜାଇନ୍ କରାଯାଇଛି। ଏହି ଯନ୍ତ୍ରଟି ପ୍ରତି ଘଣ୍ଟା ୨୦ କିମି କାମ କରିଥାଏ। ଏହି ଯନ୍ତ୍ରର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ର ଶବ୍ଦ ଧ୍ୱନିପ୍ରଦୂଷଣ କମ୍ କରି ବେଶ୍ ଶାନ୍ତ ଭାବେ କାମ କରିଥାଏ।

# ପ୍ରସୂତି ଜ୍ୱର



ଆମ ରାଜ୍ୟର ଅଧିକାଂଶ ଚାଷୀ ଗୋ- ପାଳନ କରନ୍ତି। ଗୋ ପାଳନରେ ସଠିକ୍ ଦେଖାରଖା ନିତାନ୍ତ ଜରୁରି। ତେବେ ଦୁଧିଆଳିଗାଈଙ୍କଠାରେ ବିଭିନ୍ନ ରୋଗ ଦେଖାଯାଉଥିବାବେଳେ ତନ୍ମଧ୍ୟରୁ ପ୍ରସୂତି ଜ୍ୱର ଏକ ମୁଖ୍ୟ ସମସ୍ୟା। ଏହାର ନାଁ ପ୍ରସୂତି ଜ୍ୱର ହୋଇଥିଲେ ମଧ୍ୟ ଏଥିରେ ଜ୍ୱର ନ ଥାଏ। ଗାଈଙ୍କ ଶରୀରର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ କମ୍ ଥାଏ। ସାଧାରଣତଃ ଗାଈ, ମଇଁଷି ପ୍ରସବ କଲା ପରେ ଏହି ପ୍ରସୂତି ଜ୍ୱର ହୋଇପାରେ। ପାଣିପାଗ ସହିତ ଏହାର କିଛି ସମ୍ପର୍କ ନ ଥାଏ। ତେଣୁ ଗାଈ ଓ ମଇଁଷି ପ୍ରସବ ପରେ ସେମାନଙ୍କର ଦେଖାଶୁଣା କରିବା ନିହାତି ଆବଶ୍ୟକ। ପ୍ରସୂତି ଜ୍ୱରରେ ଆକ୍ରାନ୍ତ ପ୍ରାଣୀ ମୁଖ୍ୟତଃ ପ୍ରାଥମିକସ୍ତରରେ ଅସ୍ଥିର ହୋଇଯାଆନ୍ତି। ପରେ ଶାରୀରିକ କମ୍‌ଜୋର ହୋଇ ତଳେ ପଡ଼ି ଯାଆନ୍ତି। ଖାଦ୍ୟଗ୍ରହଣ କରନ୍ତିନି। ଗୋଟିଏ ପାଖକୁ ମାଡ଼ିକି ଶୁଅନ୍ତି କିମ୍ବା ବସିଲା ଭଳି ଅବସ୍ଥାରେ ରହି ନିଜ ଥୋମଣିଟିକୁ ବେକ ବଙ୍କେଇ ପେଟ ପାଖରେ ରଖନ୍ତି। ଏହା ସବୁ ଏହି ରୋଗର ଲକ୍ଷଣ। ତେଣୁ ଏପରି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାଲ୍‌ସିୟମ ବୋରୋଗ୍ଲୁକୋନେଟ ଔଷଧ ଦେଇ ପାରିବେ। ଆବଶ୍ୟକସ୍ଥଳେ ପ୍ରାଣୀଙ୍କୁ ସାଲାଇନ୍ ଦିଆଯାଇଥାଏ। ଡାକ୍ତରଙ୍କ ତତ୍ତ୍ୱାବଧାନରେ ପ୍ରାଣୀଟିର ଚିକିତ୍ସା କରିବାର କଛି ଘଣ୍ଟା ମଧ୍ୟରେ ପ୍ରାଣୀ ସତେଜ ହୋଇଯାଆନ୍ତି। ସଳଖି ଛିଡ଼ା ହୋଇ ପାରନ୍ତି । ତେଣୁ ପ୍ରସବ ପୂର୍ବରୁ ସନ୍ତୁଳିତ ଖାଦ୍ୟ ଦେବା ଦରକାର। ସନ୍ତୁଳିତ ଖାଦ୍ୟପେୟରେ ଦାନା-ମିଶ୍ରଣ, ସବୁଜ ଚାରା, ଶୁଖିଲା ଚାରା ଦିଆଯାଇ ପାରିବ। ଦାନା ମିଶ୍ରଣରେ ଦୁଇ ପ୍ରତିଶତ ଉଚ୍ଚ ଗୁଣବତ୍ତା ଖଣିଜ ଲବଣ ଗର୍ଭବସ୍ଥାର ଆଠମାସ ପର୍ଯ୍ୟନ୍ତ ଦେଇପାରିବେ। ଏହା ପରେ ବନ୍ଦ କରିବା ଆବଶ୍ୟକ। ପ୍ରସବ ପରେ ପୁଣି ପ୍ରାଣୀଙ୍କୁ ଉପରୋକ୍ତ ଖାଦ୍ୟ ଦେବା ଆରମ୍ଭ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମିରେ ପ୍ରତିରୋପଣ କରିଦିଅନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ। ବେଉଷଣ ପରେ ଏକର ପ୍ରତି ୩୫ କିଗ୍ରା ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ରପୋଡ଼ା, ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ+ମାଙ୍କୋଜବ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ +ମାଙ୍କୋଜେବ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ମକା ମଞ୍ଜି ବୁଣିବାର ୨୦ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୫୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।
- ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି ଇମାଜିଥାଇପର କିମ୍ବା ୪୦୦ ମିଲି କୁଇଜାଲୋଫପ୍ ଇଥାଇଲ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍

# ଶେଷ ଟେଷ୍ଟରେ ଭାରତର ରୋମାଞ୍ଚକର ବିଜୟ



ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି):

- ଟେଷ୍ଟ ସିରିଜ୍ ୨-୨ରେ ବରାବର
- ସିରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଗିଲ, ବ୍ରୁକ୍ ମ୍ୟାନ୍ ଅଫ୍ ଦି ସିରିଜ୍

ଘରୋଇ ଦଳର ଅଲରାଉଣ୍ଡର ଗସ୍ ଆଟକିନସନଙ୍କୁ ବୋଲ୍ଡ ଆଉଟକରି ମହମ୍ମଦ୍ ସିରାଜ ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଭାରତକୁ ରୋମାଞ୍ଚକର ଓ ଐତିହାସିକ ଟେଷ୍ଟ ବିଜୟ ପ୍ରଦାନ କରିଛନ୍ତି। ଭାରତ ପ୍ରଦତ୍ତ ୩୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟର ଶେଷ ଦିନରେ ଇଂଲଣ୍ଡ ୩୬୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ମାତ୍ର ୬ ରନ୍‌ରେ ଶେଷ ଟେଷ୍ଟ ଜିତିବା ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୨ ବରାବର ସ୍ଥିତିରେ ରଖିବାରେ ହୋଇଛି। ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ଏହା ଭାରତର ସବୁଠାରୁ କମ୍ ରନ୍‌ରେ ବୀଜୟ। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଏଠାରେ ଘାତକ ବୋଲିଂ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜ (ମ୍ୟାଚ୍‌ରେ ୯ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୫ଟି ଯାକ ଟେଷ୍ଟରେ ଭାରତ ପକ୍ଷରୁ ସର୍ବାଧିକ ୭୫୪ ଓ ଇଂଲଣ୍ଡ ପକ୍ଷରୁ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦୀର୍ଘ ୨୫ ଦିନ ଧରି ଚାଲିଥିବା ବ୍ୟାଟ୍ ବଲର ସଂଘର୍ଷ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ତଥା ରୋମାଞ୍ଚଭରା ଟେଷ୍ଟ ସିରିଜ୍ ସ୍ମରଣୀୟ ଭାବେ ଶେଷ ହୋଇଛି। ଏହା ପରେ ଭାରତ ୟୁଏଇ'ରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଅଂଶଗ୍ରହଣ କରିବ। ଆଲୋଚନା ଫଳପ୍ରସୂ ହେଲେ ଏହା ପୂର୍ବରୁ ଶ୍ରୀଲଙ୍କା ସହ ଏକ ସୀମିତ ଓଭର ସିରିଜ୍ ଚଳିତ ମାସ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ମ୍ୟାଚ୍‌ର ପିଚ୍ ଘାସ ଥାଇ ଖେଳାଯାଇଥିଲା। ଯାହାଫଳରେ ଆରମ୍ଭରୁ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ଇନିଂସରେ ଭାରତ ୨୨୪ ଓ ଇଂଲଣ୍ଡ ୨୪୭ ରନ୍ କରିଥିଲା। ଏଠାରେ ତୃତୀୟ ଇନିଂସରେ ସର୍ବାଧିକ ସ୍କୋର ହେଉଥିଲାବେଳେ ଭାରତ ୩୯୬ ରନ୍‌ରେ ଦ୍ୱିତୀୟ ଇନିଂସ ଶେଷ କରିଥିଲା। ଫଳରେ ଏହି ଟେଷ୍ଟର ତୃତୀୟ ଦିନ ଘରୋଇ ଇଂଲଣ୍ଡ ଆଗରେ ଏହି ଟେଷ୍ଟ ମ୍ୟାଚ୍ ଜିତିବାକୁ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ପ୍ରଥମ ଦିନ ୧ ୱିକେଟରେ ୫୦ ରନ୍ କରିଥିଲା। ଦ୍ୱିତୀୟ ଦିନରେ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିରରେ ଉତ୍ସାହ ସୃଷ୍ଟି ହୋଇଥିଲା। କିନ୍ତୁ ଜୋ ରୁଟ ଓ ହ୍ୟାରୀ ବ୍ରୁକ୍‌ଙ୍କ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ ଇଂଲଣ୍ଡକୁ ବିଜୟର ନିକଟବର୍ତ୍ତୀ କରାଇବା ସହ ଭାରତକୁ ନିରାଶ କରିଥିଲା। ଦ୍ୱିତୀୟ ଇନିଂସରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଖେଳିବାକୁ ଆସି ୬୬ ରନ୍‌ର ଆକର୍ଷଣୀୟ ଇନିଂସ ଖେଳିଥିବା ଆକାଶ ଦୀପ୍ ୧୧୧ ରନ୍ କରିଥିବା ବ୍ରୁକ୍‌ଙ୍କୁ ଟି' ପୂର୍ବରୁ ଆଉଟ କରି ୧୯୫ ରନ୍‌ର ପାର୍ଟନରସିପ୍‌କୁ ଭାଙ୍ଗିଦେଇଥିଲେ। ଏହା ପରେ ରୁଟ୍ (୧୦୫) ଓ ଜ୍ୟାକବ ବେଥେଲ (୫)ଙ୍କୁ ଆଉଟ କରି ଭାରତକୁ ଜିତିବା ଲାଗି ଏକ ସୁଯୋଗ ଦେଇଥିଲେ। ଦ୍ୱିତୀୟ ଦିନ ଆଲୋକ ଅଭାବ ଓ ବର୍ଷା ହେବାରୁ ଖେଳ ବନ୍ଦ ରହିଲା ବେଳକୁ ୬ ୱିକେଟରେ ୩୩୯ ରନ୍ କରିଥିଲା। ଯାହା ଫଳରେ ମ୍ୟାଚ୍‌ର ୫ମ ତଥା ଶେଷ ଦିନରେ ଇଂଲଣ୍ଡକୁ ଜିତିବା ଲାଗି ବାକିଥିବା ୪ ୱିକେଟ ବିନିମୟରେ ୩୭ ରନ୍ ଓ ଭାରତକୁ ଏହା ମଧ୍ୟରେ ୪ଟି ୱିକେଟ ଆବଶ୍ୟକ ଥିଲା।

## ରୋମାଞ୍ଚଭରା ଶେଷ ଦିନର ଖେଳ

୬ ୱିକେଟରେ ୩୩୯ ରନ୍‌ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ପକ୍ଷରୁ ଜେମି ଓଭରଟନ ଭାରତର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଚୌକା ମାରି ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ୱିକେଟ ରକ୍ଷକ ଜେମି ସ୍ମିଥ୍‌ଙ୍କୁ ୨ ରନ୍‌ରେ ଓ ଏହା ପରେ ଓଭରଟନ୍‌ଙ୍କୁ ୯ ରନ୍‌ରେ ଆଉଟ କରି ସିରାଜ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। କେବଳ ଗସ୍ ଆଟକିସନସନ ଭାରତର ବିଜୟରେ ପ୍ରତିବନ୍ଧକ ରହିଥିଲେ। ସେ ମଧ୍ୟ ଛକା ମାରି ସୁଯୋଗକୁ ହାତଛଡ଼ା କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି ସମୟରେ ଜୋଶ ଟଙ୍ଗ୍‌ଙ୍କୁ ବୋଲ୍ଡ କରି ପ୍ରସିଦ୍ଧ ଆହତ ଖେଳାଳି କ୍ରିସ୍ ଓକ୍ସଙ୍କୁ ବ୍ୟାଟିଂ କରିବାକୁ ବାଧ କରିଥିଲେ। ଆଟକିନସନ ଭଲ ଖେଳୁଥିବାରୁ ତାଙ୍କୁ କିଛି ସମୟ କ୍ରିଜ୍‌ରେ ରହିବାର ଆବଶ୍ୟକତା ଥିଲା। ୮୬ତମ ଓଭରର ପ୍ରଥମ ବଲ୍‌ରେ ସିରାଜ ଘଣ୍ଟାପ୍ରତି ୧୪୩ କିଲୋମିଟର ବେଗରେ ୟର୍କର ପକାଇ ଆଟକିନସନଙ୍କୁ ବୋଲ୍ଡ କରିଦେଇଥିଲେ। ଏହି ଆଉଟ ସହ ସିରାଜ, ଜୁରେଲ ଓ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ରୁଟ୍ ଓ ବ୍ରୁକଙ୍କ ଶତକ କିଛି କାମ ଦେଇ ନ ଥିଲା। ଭାରତ ପକ୍ଷରୁ ସିରାଜ ୫ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ୱିକେଟ ନେଇଥିଲେ। କିନ୍ତୁ ବ୍ରୁକ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଆକାଶଦୀପଙ୍କୁ ମିଳିଥିଲା। ପ୍ରଥମ ଇନିଂସରେ ମଧ୍ୟ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଯଶପ୍ରୀତ୍ ବୁମ୍‌ରା ଖେଳି ନ ଥିଲାବେଳେ ଭାରତୀୟ ଏକାଦଶରେ ସାମିଲ ଥିବା ଦୁଇ ସ୍ପିନ୍‌ର ଏହି ଇନିଂସରେ ୮ ଓଭର ଓ ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ।

## ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ** : ୨୨୪/୧୦, ୬୯.୪ ଓଭର (କରୁନ- ୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ** : ୨୪୭/୧୦ (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।


**ଭାରତ ଦ୍ୱିତୀୟ ଇନିଂସ** : ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ** : ୩୬୭/୧୦, ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ମହମ୍ମଦ୍ ସିରାଜ-୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା-୪/୧୨୬, ଆକାଶଦୀପ-୧/୮୫)।

## ସର୍ବନିମ୍ନ ବ୍ୟବଧାନରେ ଭାରତ ଟେଷ୍ଟ ବିଜୟ

ଓଭାଲ,୪।୮ (ଏଜେନ୍ସି): ଏଠାରେ ସୋମବାର ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ମ ମ୍ୟାଚ୍‌ରେ ଭାରତ ୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଟେଷ୍ଟ କ୍ରିକେଟ ଇତିହାସରେ ଏହା ଭାରତର ସର୍ବନିମ୍ନ ରନ୍ ବ୍ୟବଧାନ ବା ସବୁଠାରୁ କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଛି। ଏହା ପୂର୍ବରୁ ଦଳ ୨୦୦୪ ୱାଙ୍ଖେଡେ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୧୩ ରନ୍‌ରେ ହରାଇ ସର୍ବନିମ୍ନ ରନ୍ ବ୍ୟବଧାନରେ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। ଏହା ବ୍ୟତୀତ ୧୯୭୨ କୋଲକାତା ଟେଷ୍ଟରେ ଇଂଲଣ୍ଡକୁ ୨୮ ଓ ୨୦୧୮ ଆଡିଲେଡ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୩୧ ରନ୍‌ରେ ପରାସ୍ତ କରି କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା।

ତୃତୀୟ ସର୍ବନିମ୍ନ ପରାଜୟ: ଭାରତ ରେକର୍ଡ ବିଜୟ ହାସଲ କରିଥିଲେ ମଧ୍ୟ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ତୃତୀୟ ସର୍ବନିମ୍ନ ରନ୍ ବ୍ୟବଧାନରେ ବିଜୟ। ପୂର୍ବରୁ ଦଳ ୨୦୨୩ ୱେଲିଂଟନ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧ ରନ୍, ୧୯୦୨ ମାଞ୍ଚେଷ୍ଟର ଟେଷ୍ଟରେ ଅଷ୍ଟ୍ରେଲିଆଠାରୁ ୩ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଭାରତଠାରୁ ୬ ରନ୍‌ରେ ହାରିବା ମଧ୍ୟ ଦ୍ୱିତୀୟଥର। ପୂର୍ବରୁ ୧୮୮୫ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ଇଂଲଣ୍ଡ ୬ ରନ୍‌ରେ ହାରିଥିଲା।



**ସିରିଜ୍‌ରେ ରେକର୍ଡ** : ଭାରି ଓ ଇଂଲଣ୍ଡ ଟେଷ୍ଟ ସିରିଜ୍ ରୋମାଞ୍ଚକ ହୋଇଥିଲା। ଟେଷ୍ଟ କ୍ରିକେଟ ଲାଗି ଏହା ଏକ ଉପଯୁକ୍ତ ଉଦାହରଣ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ସିରିଜ୍‌ର ସମସ୍ତ ୫ଟି ଯାକ ଟେଷ୍ଟ ୫ ଦିନ ଯାଏ ଖେଳାଯାଇଛି। ୨୦୧୮ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ ସିରିଜ୍‌ରେ ଏହା ଶେଷଥର ହୋଇଥିଲା। ଏହି ସିରିଜ୍‌ରେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ହୋଇଥିଲା ବେଳେ ମୋଟରେ ୭,୧୮୭ ରନ୍ ସଂଗୃହୀତ ହୋଇଛି। ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଏହି ସିରିଜ୍‌ରେ ମୋଟ ୧୪ଥର ଗୋଟିଏ ଇନିଂସରେ ୩୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ସର୍ବାଧିକ। ଏହି ସିରିଜ୍‌ରେ ସର୍ବାଧିକ ୯ ଜଣ ବ୍ୟାଟର ୪୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ସିରିଜ୍‌ରେ ଏହା ସର୍ବାଧିକ। ଏହି ସିରିଜ୍‌ରେ ମୋଟ ୫୦ଥର ଖେଳାଳିମାନେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସିରିଜ୍‌ରେ ୨୧ଟି ବ୍ୟକ୍ତିଗତ ଶତକ ଓ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ପ୍ରଥମ ସ୍ଥାନରେ ରହିଛି।

## ସିରିଜ୍ ଶୀର୍ଷରେ ଗିଲ୍ ଓ ସିରାଜ



ଲଣ୍ଡନ,୪।୮ (ଏଜେନ୍ସି): ଏଠାରେ ଆଜି ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତର ଦୁଇ ଖେଳାଳି ଶୁବମନ ଗିଲ୍ ବ୍ୟାଟିଂରେ ଓ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ବୋଲିଂରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ସିରିଜ୍‌ରେ ସମସ୍ତ ୫ଟି ଯାକ ଟେଷ୍ଟ ଖେଳିଥିଲେ। ଗିଲ୍ ୫ଟି ଟେଷ୍ଟର ୧୦ଟି ଇନିଂସରେ ସର୍ବାଠଧିକ ୭୫୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୪ଟି ଶତକ ହାସଲ କରିଛନ୍ତି। ଇନିଂସ ପ୍ରତି ୭୫.୪୦ ହାରରେ ସେ ଏହି ରନ୍ ସଂଗ୍ରହ କରିଥିଲାବେଳେ ୨୬୯ ରନ୍ ସର୍ବାଧିକ ହୋଇ ରହିଛି। ତାଙ୍କ ପଛକରୁ ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ୫ଟି ଟେଷ୍ଟର ୯ଟି ଇନିଂସରେ ୫୩୭ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ଭାରତର ଆଉ ୨ଜଣ ଖେଳାଳି ଲୋକେଶ ରାହୁଲ ୫୩୨ ଓ ରବୀନ୍ଦ୍ର



ଜାଡେଜା ୫୧୬ ରନ୍ ସଂଗ୍ରହ କରିଥିଲେ। ହ୍ୟାରୀ ବ୍ରୁକ୍ ୪୮୧ ରନ୍ ୫ମ ସ୍ଥାନରେ ରହିଛନ୍ତି।

ବୋଲିଂରେ ମଧ୍ୟ ଜଣେ ଭାରତୀୟ ଖେଳାଳି ମହମ୍ମଦ୍ ସିରାଜ ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଏଥିଲାଗି ସେ ସିରିଜ୍‌ରେ ସର୍ବାଧିକ ୧୧୧୩ଟି ବଲ ପକାଇ ରେକର୍ଡ କରିଛନ୍ତି। ସେ ଗୋଟିଏ ଇନିଂସରେ ୨ଥର ୫ ୱିକେଟ ନେଇଛନ୍ତି। କିନ୍ତୁ ୫ମ ଟେଷ୍ଟରେ ସେ ୯ଟି ୱିକେଟ ନେଇଥିଲେ ମଧ୍ୟ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟରେ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ତାଙ୍କ ପଛକୁ ଇଂଲଣ୍ଡର ୨ଜଣ ବୋଲର ଜୋଶ ଟଙ୍ଗ ୩ଟି ମ୍ୟାଚ୍‌ରୁ ୧୯ଟି ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତର ଅନ୍ୟ ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏଁ ଟେଷ୍ଟ ଖେଳି ୧୪ଟି ଲେଖାଏଁ ୱିକେଟ ନେଇଛନ୍ତି।

## ଶୁଭଙ୍କର ହେଲା ଗାଭାସ୍କରଙ୍କ ଧଳା ଜ୍ୟାକେଟ



ଲଣ୍ଡନ,୪।୮ (ଏଜେନ୍ସି): ଭାରତ ଯେଉଁଠାରେ କ୍ରିକେଟ ଖେଳିଲେ ମଧ୍ୟ କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କର ଖେଳ ଦେଖିବାକୁ ଯାଇଥାନ୍ତି। ଇଂଲଣ୍ଡରେ ସେ ଜଣେ ଟେଲିଭିଜନ ଭାଷ୍ୟକାର ଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ନିଜ ରେକର୍ଡ (ସିରିଜ୍‌ରେ ସର୍ବାଧିକ ରନ୍) ଭାଙ୍ଗିବାକୁ ଭାରତର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଥିଲେ। ଜଣେ ଖେଳାଳିମାନେ ସିରିଜ୍‌ରେ ଗାଭାସ୍କରଙ୍କ ନାମରେ ଥିବା ସର୍ବାଧିକ ରନର ରେକର୍ଡ ଗିଲ ଭାଙ୍ଗିପାରି ନ ଥିଲେ। କିନ୍ତୁ ସେ ଦେଇଥିବା ପ୍ରତିଶ୍ରୁତି ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ପ୍ରସାରଣ ବେଳେ ସେ କହିଥିଲେ ମୋର (ଗାଭାସ୍କରଙ୍କ) ଲକି ଧଳା ଜ୍ୟାକେଟ ଭାରତରୁ ମଗାଇଛି। ଏହି ଜ୍ୟାକେଟ ପିନ୍ଧି ଏଠାରେ ଉପସ୍ଥିତ ରହିଲେ ଭାରତ ନିଶ୍ଚିତ ମ୍ୟାଚ୍ ଜିତିବ ବୋଲି ଗାଭାସ୍କର କହିଥିଲେ। ସୌଭାଗ୍ୟବଶତଃ ଗାଭାସ୍କର ମ୍ୟାଚ୍ ବେଳେ ତାଙ୍କ ଲକି ଜ୍ୟାକେଟ ପିନ୍ଧି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଦିନ ଭାରତ ମଧ୍ୟ ମ୍ୟାଚ୍ ଜିତିଥିଲା। ଗାଭାସ୍କରଙ୍କ ଧଳା ଜ୍ୟାକେଟ ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଛି ବୋଲି ଏହି ମ୍ୟାଚ୍ ବିଜୟରୁ ଜଣାଯାଇଛି।



ଓଭାଲରେ ଭାରତୀୟ କ୍ରିକେଟ ଦଳର ବିଜୟ ପରେଡ





ମ୍ୟାନ୍ ଅଫ୍ ଦି ସିରିଜ୍ ହ୍ୟାରୀ ବ୍ରୁକ୍ ଓ ସାହସିକ କ୍ରିସ୍ ଓକ୍ସ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS